R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୫
ତିଥି: ଚତୁର୍ଦ୍ଦଶୀ
୩୦ ଏପ୍ରିଲ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 205
30 April 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ୫ ରାଜ୍ୟର ବିଧାନସଭା ନିର୍ବାଚନକୁ ନେଇ ଆସିଲା ଏକ୍‌ଜିଟ୍‌ପୋଲ୍

## ୩ରେ ବିଜେପି, ୨ରେ କଂଗ୍ରେସ ମେଣ୍ଟ



ନୂଆଦିଲ୍ଲୀ, ୨୯ ।୪ : ୫ ରାଜ୍ୟ ପାଇଁ ହୋଇଥିବା ବିଧାନସଭା ନିର୍ବାଚନ ଶେଷ ହୋଇଛି । ପଶ୍ଚିମବଙ୍ଗରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପରେ ବୁଥ୍ ଫେରନ୍ତା ମତ ବା ଏକ୍‌ଜିଟ୍ ପୋଲ୍‌ର ଆକଳନ ସାମ୍ନାକୁ ଆସିଛି । ବହୁ ପ୍ରତିକ୍ଷୀତ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ଜିତିବ ବୋଲି ୪ ସଂସ୍ଥା ଏକ୍‌ଜିଟ୍ ପୋଲ୍‌ରେ ଆକଳନ କରିଥିବାବେଳେ ଦୁଇ ସଂସ୍ଥା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ଚତୁର୍ଥ ଥର ପାଇଁ ଜିତିବ ବୋଲି ଆକଳନ କରିଛି । ସେହିଭଳି କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ, ତାମିଲନାଡୁରେ ଡିଏମ୍‌କେ-କଂଗ୍ରେସ ମେଣ୍ଟ ଜିତିବ ବୋଲି ଆକଳନ ହୋଇଛି । ପୁଡୁଚେରୀ ଓ ଆସାମରେ ବିଜେପି ଜିତିବ ବୋଲି ଏକ୍‌ଜିଟ୍ ପୋଲ୍ ଆକଳନ କରିଛି ।

- ପଶ୍ଚିମବଙ୍ଗରେ ବିଜେପି ଜିତିବା ନେଇ ଆକଳନ
- କେରଳରେ କ୍ଷମତାକୁ ଫେରିବ କଂଗ୍ରେସ ମେଣ୍ଟ
- ତାମିଲନାଡୁରେ ଡିଏମ୍‌କେ-କଂଗ୍ରେସ ମେଣ୍ଟ
- ପୁଡୁଚେରୀ, ଆସାମରେ ବିଜେପି ଜିତିବ

ସବୁଠୁ ଆଶ୍ଚର୍ଯ୍ୟଜନକ ଏକ୍‌ଜିଟ୍ ପୋଲ୍‌ର ଆକଳନ ପଶ୍ଚିମବଙ୍ଗକୁ ନେଇ ଆସିଛି । ଲଗାତର ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ମମତା ବାନାର୍ଜୀଙ୍କୁ ଏଥର ହାରିବାକୁ ପଡିପାରେ ବୋଲି ସୂଚନା ମିଳୁଛି । ୪ ଏକ୍ସିଟ୍ ପୋଲ୍ ଆକଳନରେ ବିଜେପିକୁ ୧୪୭ ରୁ (୯ ପୃଷ୍ଠାରେ)

## କାଳବୈଶାଖୀ ବର୍ଷା ତାତି କମାଇଲା

ଭୁବନେଶ୍ୱର, ୨୯ ।୪ (ସବ୍ୟୁ) : ରାଜ୍ୟରେ ତାତିରେ ସାମାନ୍ୟ ଲାଗିଲା ବ୍ରେକ୍ । ପଶ୍ଚିମଠୁ ଉପକୂଳରେ ତାପମାତ୍ରା ହ୍ରାସ ପାଇଛି । କାଳବୈଶାଖୀ ବର୍ଷା ଯୋଗୁ ତାତି କମିଛି । ଗତକାଲି ବହୁ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି । ଏହାସହ ସମୁଦ୍ର ଆଡୁ ପବନ ବୋହିବା ଯୋଗୁ ଉପକୂଳରେ ମଧ୍ୟ ପାରଦ ବୃଦ୍ଧି ପାଉନାହିଁ । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପାଗ ଏଭଳି ରହିବାର ସମ୍ଭାବନା ରହିଛି ।

- ପଶ୍ଚିମରେ ସାମାନ୍ୟ କମିଲା ପାରଦ
- ସମୁଦ୍ର ପବନ ଯୋଗୁ ଉପକୂଳରେ ବଢୁନି
- ୧୬ ସହରରେ ୪୦ ଡିଗ୍ରୀ ଉପରେ ତାପମାତ୍ରା



ପାଣିପାଗ ବିଭାଗର କହିବାନୁସାରେ, ବୁଧବାର ୧୬ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି । ଆଜି ଝାରସୁଗୁଡ଼ାରେ ଦିନର ତାପମାତ୍ରା ପ୍ରାୟ ୩ ଡିଗ୍ରୀ ଯାଏଁ ହ୍ରାସ ପାଇଛି । ସେହିପରି ପଶ୍ଚିମ ଓଡ଼ିଶାର ବହୁ ସ୍ଥାନରେ ପାରଦ ତଳମୁହାଁ ହୋଇଛି । ମଙ୍ଗଳବାର ହୀରାକୁଦରେ ସର୍ବାଧିକ ୨୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଗୋପାଳପୁରରେ ୧୮ ମିମି, ଝାରସୁଗୁଡ଼ାରେ ୫.୩ ମିମି, ବାରିପଦାରେ ୪ ମିମି, ନୟାଗଡ଼ରେ ୩ ମିମି ବର୍ଷା ହୋଇଛି । ସେହିପରି ବୁଧବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ହୀରାକୁଦରେ ୩ ମିମି, ସୋନପୁରରେ ୨.୬ ମିମି, ଭବାନୀପାଟଣାରେ ୨.୨ ମିମି ବର୍ଷା ରେକର୍ଡ କରାଯାଇଛି ।

ବୁଧବାର ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବୌଦ୍ଧରେ ୪୨.୬ ଡିଗ୍ରୀ, ଟିଟିଲାଗଡ଼, ଅନୁଗୁଳ ଓ ତାଳଚେରରେ ୪୨.୫ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୪ ଡିଗ୍ରୀ, ସୋନପୁରରେ (୯ ପୃଷ୍ଠାରେ)

### ଇରାନକୁ ଟ୍ରମ୍ପଙ୍କ ଚେତାବନୀ

## ଆଲୋଚନାରେ ଆଉ ଭଦ୍ରାମିର ସ୍ଥାନ ନାହିଁ

ନୂଆଦିଲ୍ଲୀ, ୨୯ ।୪ : ଇରାନକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଡା ଚେତାବନୀ ଦେଇଛନ୍ତି । ସୋସିଆଲ ମିଡିଆରେ କଳା ପୋଷାକ ପିନ୍ଧି, ହାତରେ ବନ୍ଧୁକ ଧରି ଏକ ପୋଷ୍ଟ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଇରାନ ସହ ଆଲୋଚନାରେ ଆଉ ଭଦ୍ରାମିର ସ୍ଥାନ ନାହିଁ । ଇରାନକୁ ଶୀଘ୍ର ବୁଦ୍ଧି ଶିଖିବା ପାଇଁ ପରାମର୍ଶ ଦେଇଛନ୍ତି । ଇରାନ ତା'ର ଆଚରଣ ଯୋଗୁ ଏବେ ଏକାଠି ହୋଇପାରୁନାହିଁ । ସେମାନେ ଜାଣିନାହାନ୍ତି ଯେ ଅଣ-ପରମାଣୁ ଚୁକ୍ତି କଣ । ଶାନ୍ତି ଆଲୋଚନା ଏହାକୁ ନେଇ ଅଟକିଥିବା ଜଣାପଡ଼ିଛି ।

ଟ୍ରମ୍ପ ଲେଖିଛନ୍ତି ଯେ ଇରାନ ନିଜକୁ ସଜାଡ଼ି ପାରୁନାହିଁ । ଅଣପରମାଣୁ ଚୁକ୍ତି କିଭଳି ସ୍ୱାକ୍ଷର କରାଯାଏ ତାହା ମଧ୍ୟ ଜାଣିନାହାନ୍ତି । ସେମାନେ ଶୀଘ୍ର ବୁଦ୍ଧି ଶିଖିଲେ ଭଲ । ପାକିସ୍ତାନରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବାପରେ ଏପ୍ରିଲ ୧୩ରୁ ଆରେମିକା ଇରାନର ବନ୍ଦରଗୁଡ଼ିକ ଉପରେ ନୌସେନା ଦ୍ୱାରା ଅବରୋଧ କରିଛି । ହରମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ଆମେରିକାର କଡା ନିୟନ୍ତ୍ରଣରେ ରହିଛି । ଏପ୍ରିଲ ମାସରେ ଇରାନ ପ୍ରଶାସନ ପକ୍ଷରୁ ପାକିସ୍ତାନର ଅବାସ୍ତବ ପ୍ରସ୍ତାବକୁ ଖାରଜ କରିଦିଆଯାଇଥିଲା । ସେମାନେ ଏହି ବେଆଇନ୍ କଟକଣା ଥିବାଯାଏ କୌଣସି ଆଲୋଚନାକୁ ଯିବେନାହିଁ ବୋଲି କହିଥିଲେ । ଟ୍ରମ୍ପ ଏହାର ଜବାବରେ କହିଥିଲେ ସାଧାରଣ ଓ ସ୍ମାର୍ଟ ଲୋକମାନେ ଡିଲ୍ କରନ୍ତି । ଯଦି ସେମାନେ ସ୍ମାର୍ଟ ଅଛନ୍ତି ତେବେ ଡିଲ୍ କରନ୍ତୁ । ଆମେରିକା ଏବେବି ଇରାନ (୯ ପୃଷ୍ଠାରେ)

## ଆଇପିଏସ୍ ଅଜୟ ପାଲ୍‌ଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟରେ ପିଆଇଏଲ୍



ନୂଆଦିଲ୍ଲୀ, ୨୯ ।୪ : ପଶ୍ଚିମବଙ୍ଗ ନିର୍ବାଚନ ଲାଗି ଉତ୍ତରପ୍ରଦେଶ କ୍ୟାଡର ଆଇପିଏସ୍ ଅଫିସର ଅଜୟପାଲ୍ ଶର୍ମାଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ସମ୍ବଳିତ ମାମଲା (ପିଆଇଏଲ୍) ଦାଖଲ କରାଯାଇଛି । ଆବେଦନକାରୀ ଦର୍ଶାଇଛନ୍ତି ଯେ ସମ୍ପୃକ୍ତ ଅଧିକାରୀ ଜଣକ ବଡ ଧରଣର ପକ୍ଷପାତିତା କରିଛନ୍ତି ଓ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କୁ ଧମକ ଦେଇଛନ୍ତି । ଜନପ୍ରତିନିଧି ଆଇନ୍‌ର ଧାରା ୨୦ ବି ଅନୁଯାୟୀ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଆଚରଣ ସମ୍ପର୍କରେ ଉଲ୍ଲେଖ ରହିଛି । ସେମାନେ ନିରପେକ୍ଷ ହେବାସହ ନିର୍ବାଚନ ପରିଚାଳନାରେ ସାଧାରଣ ଲୋକଙ୍କ ବିଶ୍ୱାସ ଜିତିବା ଆବଶ୍ୟକ । ତେବେ ଅଜୟପାଲ୍ ଶର୍ମାଙ୍କର ଏଭଳି ଆଚରଣ ଏହାକୁ ଉଲ୍ଲଂଘନ କରୁଛି ବୋଲି ଦର୍ଶାଯାଇଛି ।

ଯାଚିକାରେ ଉଲ୍ଲେଖ କରାଯାଇଛି ଯେ ଏଭଳି ବ୍ୟକ୍ତିଙ୍କ ନିଯୁକ୍ତିକୁ ନେଇ ସଠିକ୍ ନିର୍ଦ୍ଦେଶ ଆସୁ । ଗତକାଲି ରାତିରେ ଆଦିତ୍ୟ ଦାସ ଏଭଳି ଯାଚିକା ଦାଖଲ କରିଛନ୍ତି । ଦୁଇଦିନ ପୂର୍ବରୁ ବିଜେପିର ପଶ୍ଚିମବଙ୍ଗ ୟୁନିଟି ସୋସିଆଲ ମିଡ଼ିଆରେ ଏକ ପୋଷ୍ଟ କରିଥିଲା । ଯେଉଁଥିରେ ଶ୍ରୀ ଶର୍ମାଙ୍କୁ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଓ ଉତ୍ତରପ୍ରଦେଶ ପୋଲିସର ସିଂଘମ ବୋଲି ଦର୍ଶାଯାଇଥିଲା । ତାଙ୍କୁ ଦକ୍ଷିଣ ଚବିଶ ପ୍ରଗଣାରେ ପୋଲିସ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା । ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜେହେଙ୍ଗିର ଅଲ୍ଲିଙ୍କ ପରିବାର ସଦସ୍ୟଙ୍କୁ ସେ ଦଙ୍ଗା ଆଇନ୍ ପଢ଼ାଉଥିବାର ଭିଡ଼ିଓ ଭାଇରାଲ ହୋଇଥିଲା । ଏହି ଭିଡିଓରେ ସମ୍ପୃକ୍ତ ଅଧିକାରୀ ଚେତାବନୀ ଦେଉଥିବାର ଦେଖିବାକୁ ମିଳିଥିଲା । ତୃଣମୂଳ କଂଗ୍ରେସ ମଧ୍ୟ ଏଭଳି ଅଧିକାରୀଙ୍କ ନିଯୁକ୍ତିକୁ ବିରୋଧ କରିଥିଲା । କୋଲକାତା ହାଇକୋର୍ଟରେ ଏ ନେଇ ଯାଚିକା ଦାଖଲ କରାଯାଇଥିଲେ ବି ସେମାନେ ଏହାକୁ ଶୁଣିବା ପାଇଁ ମନା କରିଦେଇଥିଲେ ।

### କେନ୍ଦୁଝରକୁ ୧୩୩୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ

## କେନ୍ଦୁଝର ହେବ ଦେଶର ଶ୍ରେଷ୍ଠ ସମୃଦ୍ଧ ଜିଲ୍ଲା

ଭୁବନେଶ୍ୱର, ୨୯ ।୪ (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଓ ଗମନାଗମନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଠାରେ ଏକାଧିକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପ୍ରାୟ ୧,୩୩୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ଘୋଷଣା କରାଯାଇଛି ।



ଜିଲ୍ଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ' ଡିପୋର ଲୋକାର୍ପଣ କରାଯାଇଛି ।

ସୂଚନାଯୋଗ୍ୟଯେ, ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ, ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ଏହା ବ୍ୟତୀତ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଉ ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୫ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି, ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ । (୯ ପୃଷ୍ଠାରେ)

## ବିଧାନସଭା ସୁରକ୍ଷାରେ ୩୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୯ ।୪ (ସବ୍ୟୁ) : ଆସନ୍ତା ୩୦ ତାରିଖ ଦିନ ସପ୍ତଦଶ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ସେଥିପାଇଁ ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ୍ ଫୋର୍ସ ରହିବେ । ଏଥିସହ ଟ୍ରାଫିକ୍ କଟକଣା ମଧ୍ୟ ଲାଗୁ କରାଯିବ ବୋଲି କମିଶନରେଟ୍ ପୋଲିସ ସୂଚନା ଦେଇଛି ।

ବିଧାନସଭା ଚାଲୁଥିବା ସମୟରେ ଯାନବାହନ ଚଳାଚଳ ଓ ଜନସାଧାରଣଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଧାନସଭା ସଂଲଗ୍ନ ରାସ୍ତାମାନଙ୍କରେ ସହରାଞ୍ଚଳ ଆଇନ-୨୦୦୩ର ଧାରା ୨୮ ଏବଂ ପୋଲିସ କମିଶନରେଟ୍ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ରେଗୁଲେସନ-୨୦୦୮ ଧାରା ୩୬ ଅନୁସାରେ ଟ୍ରାଫିକ୍ କଟକଣା ଲାଗୁ କରାଯିବ । ହାଉସିଂ ବୋର୍ଡ (୯ ପୃଷ୍ଠାରେ)

## ୩ ଜିଲ୍ଲାରେ ଭୂକମ୍ପ ଝଟ୍‌କା

ଭୁବନେଶ୍ୱର, ୨୯ ।୪ (ସବ୍ୟୁ) : ରାଜ୍ୟର ନୂଆପଡା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି । ବିଭିନ୍ନ ସ୍ଥାନରେ ମାଟି ଥରିବା କାରଣରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଥିଲା । ସନ୍ଧ୍ୟା ପ୍ରାୟ ୭.୪୦ରେ ଏହି ମୃଦୁ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଲୋକମାନେ ହଠାତ୍ ଘରୁ ବାହାରକୁ ବାହାରି ଆସି ଖୋଲା ପଡ଼ିଆ ଆଡକୁ ଚାଲିଯାଇଥିଲେ । ନୂଆପଡା ଜିଲ୍ଲାର ସିନାପାଲି ଓ ବୋଡେନ୍ ବ୍ଲକ୍‌ରେ ପ୍ରବଳ ଝଟ୍‌କା ଲାଗିଥିବା ସୂଚନା ମିଳିଛି । କଳାହାଣ୍ଡି, ନବରଙ୍ଗପୁରର ବିଭିନ୍ନ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି । ତେବେ ବର୍ତ୍ତମାନର ସୂଚନା ଅନୁଯାୟୀ ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନାହିଁ । ସନ୍ଧ୍ୟା ସମୟରେ ଏହା ଅନୁଭୂତ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର, ୨୯ ।୪ (ସବ୍ୟୁ) : ଆସନ୍ତାକାଲି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଦିନିକିଆ ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଭାଗିଦାରିତା ଉପରେ ଆଲୋଚନା କରାଯିବ । ମୁଖ୍ୟତଃ ସଂସଦରେ ଏବେ ସମ୍ବିଧାନ ସଂଶୋଧନ ବିଲ୍ ଖାରଜ ହେବାପରେ ଏହି ଆଲୋଚନା ବେଶ୍ ଗୁରୁତ୍ୱ ବହନ କରୁଛି । କ୍ଷମତାସୀନ ବିଜେପି ପକ୍ଷରୁ ସମ୍ବିଧାନ ସଂଶୋଧନ ବିଲ୍‌ରେ ମହିଳାମାନଙ୍କ ଲାଗି ସଂସଦ ଓ ବିଧାନସଭାରେ ୩୩% ଆସନ ସଂରକ୍ଷିତ ହେବ ବୋଲି ଦର୍ଶାଯାଇ ବିରୋଧୀ ଦଳକୁ ଟାର୍ଗେଟ କରାଯାଉଛି । ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ସଂସଦରେ ବିରୋଧ କରିବାରୁ ବହୁମତ ଅଭାବରୁ ଏହା କାଟ୍ ଖାଇଯାଇଥିଲା ।



- ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଭାଗିଦାରୀ ନେଇ ଆଲୋଚନା
- ଅଧିବେଶନକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ
- ରାଜ୍ୟପାଳଙ୍କୁ ଭେଟିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ଏବଂ ଗୁରୁତ୍ୱ ବିଷୟରେ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ଭେଟି ଅବଗତ କରାଇଛନ୍ତି । ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କର ଅଂଶ ଗ୍ରହଣ ଉପରେ ଆଲୋଚନା କରିବା ଲାଗି ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶାସନ ଏବଂ ନିଷ୍ପତ୍ତି ଗ୍ରହଣରେ ମହିଳାମାନଙ୍କ ଭୂମିକାକୁ ସୁଦୃଢ଼ କରିବା । ସାକ୍ଷାତ ସମୟରେ ମନ୍ତ୍ରୀ ରାଜ୍ୟପାଳଙ୍କୁ ଗୃହରେ ଆଲୋଚନା ଲାଗି ପ୍ରସ୍ତାବିତ ପ୍ରମୁଖ ବିଷୟବସ୍ତୁ ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟପାଳ ଏହି ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିବା ସହ (୯ ପୃଷ୍ଠାରେ)

### ସରିଲା ପଶ୍ଚିମବଙ୍ଗ ଭୋଟ୍

## ଦ୍ୱିତୀୟ ପର୍ଯ୍ୟାୟରେ ୯୧.୪୧% ମତଦାନ

ନୂଆଦିଲ୍ଲୀ, ୨୯ ।୪ : ପଶ୍ଚିମବଙ୍ଗ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ୧୪୨ ଆସନ ପାଇଁ ହୋଇଥିବା ମତଦାନରେ ସନ୍ଧ୍ୟା ୭.୩୦ ସୁଦ୍ଧା ପ୍ରାୟ ୯୧.୯୭% ମତଦାନ ହୋଇଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ ଅଗ୍ରୱାଲ କହିଛନ୍ତି ଯେ ଯେଉଁ ବୁଥ୍‌ରେ ଇଭିଏମ୍ ଟାମ୍ପରିଂ ହୋଇଥିବା ଜଣାପଡ଼ିବ ସେଠାରେ ପୁଣି ଆଉଥରେ ଭୋଟ୍ ହେବ । ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ୯୩.୧୯% ଭୋଟ୍ ହୋଇଥିଲା । ଉଭୟ ପର୍ଯ୍ୟାୟ ଭୋଟ୍‌କୁ ହିସାବ କଲେ ହାରାହାରି ୯୨.୪୭% ମତଦାନ ହୋଇଛି । ସ୍ୱାଧୀନତା ପରଠାରୁ ପଶ୍ଚିମବଙ୍ଗରେ ଏଭଳି ରେକର୍ଡ ସଂଖ୍ୟକ ମତଦାନ ମିଳିନଥିଲା ।



ବିଶେଷକରି ଗ୍ରାମାଞ୍ଚଳରେ ମତଦାନ ରେକର୍ଡ କରିଛି । ପୂର୍ବ ବର୍ଦ୍ଧମାନରେ ୯୩.୩୯%, ହୁଗୁଳିରେ ୯୧.୪୧%, ଦକ୍ଷିଣ ଚବିଶ ପ୍ରଗଣାରେ ୯୧.୪୫%, ଉତ୍ତର ଚବିଶ ପ୍ରଗଣାରେ ୯୧.୩୯%, ନଦିଆରେ ୯୧.୩୫% ମତଦାନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ସରିଛି । (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ରଣବୀରଙ୍କ ପାଖରେ କୌଣସି ପିଆର୍ କି ଟିମ୍ ନାହାନ୍ତି । ତାଙ୍କର କେହି ମ୍ୟାନେଜର ମଧ୍ୟ ନାହାନ୍ତି, ଆଜି ସେ ଯାହା ବି ନିଜ ଦମ୍‌ରେ ।

**କରଣ ଜୋହର, ଫିଲ୍ମ ମେକର**



ମୁଁ ଅନେକ ଆକ୍ଟରଙ୍କ ସହିତ ଫିଲ୍ମକୁ ନେଇ କଥା ହୋଇଥାଏ । ସବୁବେଳେ ସମସ୍ତେ ଏକ ଭଲ ସ୍କ୍ରିପ୍ଟ ଖୋଜନ୍ତି । ଆଗକୁ ଅନେକ ଭଲଭଲ ଅଭିନେତାଙ୍କ ସହ କାମ କରିବାକୁ ଯୋଜନା ରଖିଛି ।

**ଅଟଲି, ନିର୍ଦ୍ଦେଶକ**



ମୋ ମା' ମୋର ବଢୁଥିବା ଓଜନକୁ ନେଇ ଅଧିକ ଚିନ୍ତିତ ଥିଲେ । ସେ ମୋତେ ଡାଏଟ୍ ପ୍ଲାନ ଦେଉଥିଲେ । ତାଙ୍କର ଡର ଥିଲା ମୋର ବଢୁଥିବା ଓଜନ ପାଇଁ କାଲେ ଲୋକମାନେ ମୋର ମଜାକ ଉଡାଇବେ ।

**ବିଦ୍ୟା ବାଲାନ୍, ଅଭିନେତ୍ରୀ**

## ଅଦ୍ଭୁତ ବିଶ୍ୱ ରେକର୍ଡ



ଆମେରିକାର 'ରେକର୍ଡ କିଙ୍ଗ' ଭାବେ ପରିଚିତ ଡେଭିଡ୍ ରଶ୍ ଜଣେ ନୂତନ ସାଥୀ ଆଲେକ୍ସ ଗୋଶ୍‌ଙ୍କ ସହ ମିଶି ଏକ ଅଦ୍ଭୁତ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି । ଏହି ଇଭେଣ୍ଟରେ ସେମାନେ ୫ଟି ବେଲୁନ୍‌କୁ ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ପବନରେ ଭସାଇ ରଖିବାର କାରନାମା କରି ଦେଖାଇଛନ୍ତି । ଆମେରିକାର ଆଇଡାହୋ ସ୍ଥିତ ବୋଏସ୍‌ର ଏକ ରାକେଟବଲ୍ କୋର୍ଟରେ ଆୟୋଜିତ ଏହି ଚ୍ୟାଲେଞ୍ଜର ଲକ୍ଷ୍ୟ ମାତ୍ର ୧୦ ମିନିଟ୍ ରହିଥିଲା । ତେବେ ଠିକ୍ ୯ ମିନିଟ୍ ୫୮ ସେକେଣ୍ଡ ସମୟରେ ଗୋଟିଏ ବେଲୁନ୍ ତଳେ ପଡ଼ିଯାଉଥିବା ବେଳେ ଡେଭିଡ୍ ତାକୁ ହାତରେ ଧରି ନପାରି ଶୂନ୍ୟରେ ଏକ କିକ୍ ମାରି ପୁଣି ଉପରକୁ ପଠାଇ ଦେଇଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏହା ପରେ ସ୍ଲୋ-ମୋସନ୍ ଭିଡିଓରୁ ଜଣାପଡ଼ିଥିଲା ଯେ ବେଲୁନ୍‌ଟି ଭୂମିକୁ ସ୍ପର୍ଶ କରିନଥିଲା । ଶେଷରେ ଉଭୟ ମିଶି ୧୬ ମିନିଟ୍ ୨୫ ସେକେଣ୍ଡ ପର୍ଯ୍ୟନ୍ତ ସମସ୍ତ ୫ଟି ବେଲୁନ୍‌କୁ ହାୱାରେ ରଖି ଏହି ନୂଆ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି । ଏହି ସଫଳତା ସହ ଡେଭିଡ୍‌ଙ୍କ ନାମରେ ଏବେ ୩୫୦ରୁ ଅଧିକ ବିଶ୍ୱ ରେକର୍ଡ ରହିଥିବା ବେଳେ, ତାଙ୍କ ସାଥୀ ଆଲେକ୍ସ ପ୍ରଥମ ପ୍ରଚେଷ୍ଟାରେ ହିଁ ରେକର୍ଡ କରିବାରେ ସଫଳ ହୋଇଛନ୍ତି ।

## ୭୨ ଫୁଟର ଅକ୍ଟୋପସ

ପ୍ରାୟ ୧୦ କୋଟି ବର୍ଷ ପୂର୍ବେ ପୃଥିବୀରେ ଡାଇନୋସରମାନଙ୍କ ରାଜୁତି ଚାଲିଥିବା ସମୟରେ ଗଭୀର ସମୁଦ୍ର ମଧ୍ୟରେ 'ନାନାଇମୋଟ୍ୟୁଥିସ୍' ନାମକ ବିଶାଳକାୟ ଅକ୍ଟୋପସ୍‌ମାନେ ସବୁଠାରୁ ଶକ୍ତିଶାଳୀ ଶିକାରୀ ଭାବେ ଶାସନ କରୁଥିଲେ ବୋଲି ଏକ ନୂତନ ଗବେଷଣାରୁ ଜଣାପଡ଼ିଛି | ଜାପାନ ଓ କାନାଡାରୁ ମିଳିଥିବା ଅକ୍ଟୋପସ୍‌ର ଜୀବାଶ୍ମ ଉପରେ ଆଧାରିତ ଏହି ଅଧ୍ୟୟନ ଅନୁଯାୟୀ, ଏହି ପ୍ରଜାତିର ଲମ୍ବ ପ୍ରାୟ ୭୨ ଫୁଟ୍ ପର୍ଯ୍ୟନ୍ତ ରହୁଥିଲା । ଏହାସହ ସେମାନେ ନିଜର ଶକ୍ତିଶାଳୀ ପାଟି ସାହାଯ୍ୟରେ ଶକ୍ତ ଶାମୁକା ଓ ହାଡ଼କୁ ମଧ୍ୟ ସହଜରେ ଚୂର୍ଣ୍ଣ କରିଦେଉଥିଲେ। ସାଇନ୍ସ ପତ୍ରିକାରେ ପ୍ରକାଶିତ ଏହି ତଥ୍ୟ ଅନୁସାରେ, ବୈଜ୍ଞାନିକମାନେ ୩ଡି ଇମେଜିଙ୍ଗ୍ ଏବଂ ଏଆଇ ମଡେଲ୍ ସାହାଯ୍ୟରେ ୧୦ ରୁ ୭ କୋଟି ବର୍ଷ ପୁରୁଣା ପଥର ଭିତରେ ଲୁଚି ରହିଥିବା ଏହି ଅବଶେଷଗୁଡ଼ିକର ବିଶ୍ଳେଷଣ କରି ଏହି ରୋମାଞ୍ଚକର ତଥ୍ୟ ପାଇଛନ୍ତି। ସାଧାରଣତଃ ଅକ୍ଟୋପସ୍‌ଙ୍କ ଶରୀର ନରମ ହୋଇଥିବାରୁ ଏହାର ଜୀବାଶ୍ମ ମିଳିବା ବହୁତ କଷ୍ଟକର, କିନ୍ତୁ ଏହି ଆବିଷ୍କାର କ୍ରେଟାସିଅସ୍ ଯୁଗର ସାମୁଦ୍ରିକ ପରିସ୍ଥିତି ଏବଂ ସେତେବେଳର ଜୈବ ବିବିଧତା ସମ୍ପର୍କରେ ଏକ ସ୍ୱଷ୍ଟ ଚିତ୍ର ପ୍ରଦାନ କରୁଛି। ଆଗକୁ ଏହାକୁ ନେଇ ଆହୁରି ଗବେଷଣା କରାଯିବ ବୋଲି ଜଣା ପଡିଛି ।



## ଡେଟିଂ ଆପ ବ୍ୟବହାର ପାଇଁ ପ୍ରୋତ୍ସାହନ

ଜାପାନରେ କ୍ରମାଗତ ଭାବେ ହ୍ରାସ ପାଉଥିବା ଜନ୍ମହାର ଏବଂ ବିବାହ ପ୍ରତି ଯୁବପିଢ଼ିଙ୍କ ଅନାଗ୍ରହକୁ ଦୃଷ୍ଟିରେ ରଖି ସେଠାକାର ସରକାର ଏକ ଆଶ୍ଚର୍ଯ୍ୟଜନକ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ସିଙ୍ଗଲ୍ ବା ଅବିବାହିତ ଯୁବକଯୁବତୀମାନଙ୍କୁ ଡେଟିଂ ଆପ୍ ବ୍ୟବହାର କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଜାପାନର କୋଚି ପ୍ରିଫେକ୍ଟରରେ ୨୦ ରୁ ୩୯ ବର୍ଷ ବୟସର ସିଙ୍ଗଲ୍ ଲୋକଙ୍କୁ ଡେଟିଂ ଆପ୍ସର ସବସ୍କ୍ରିପସନ୍ ଏବଂ ରେଜିଷ୍ଟ୍ରେସନ୍ ଫିସ୍ ବାବଦକୁ ୨୦,୦୦୦ ୟେନ୍ ପ୍ରାୟ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି । ଏହା ୧ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୦ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଜାରି ରହିବ। କେବଳ ସେତିକି ନୁହେଁ, ସରକାର ମ୍ୟାଚ୍-ମେକିଂ ଇଭେଣ୍ଟ ବା ସାଥୀ ଖୋଜିବା ପାଇଁ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ୧,୦୦,୦୦୦ ୟେନ୍ (ପ୍ରାୟ ୫୮,୦୦୦ ଟଙ୍କା) ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେଉଛନ୍ତି । ଯାହାଫଳରେ ଲୋକେ ପରସ୍ପରକୁ ଭେଟିବା ସହ ବିବାହ ପାଇଁ ମନ ବଳାଇବେ। ପ୍ରକୃତରେ ଜାପାନରେ ବଢୁଥିବା ମହଙ୍ଗା ମାଡ଼, ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଏବଂ ଯୁବବର୍ଗଙ୍କ ମଧ୍ୟରେ ବିବାହ ପ୍ରତି ଥିବା ଦୂରତା ଯୋଗୁଁ ୨୦୨୫ରେ ଜନ୍ମହାର ସର୍ବନିମ୍ନ ସ୍ତରକୁ ଖସି ଆସିଛି । ଯାହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏବେ ସିଧାସଳଖ ଡେଟିଂକୁ ପ୍ରୋତ୍ସାହନ ଦେବା ଭଳି ପନ୍ଥା ଆପଣାଇଛନ୍ତି ।




## ଇତିହାସ

୧୮୮୬- ଆମେରିକାର ଚିକାଗୋରେ ଶ୍ରମିକ ଦିବସ ପାଳନ ।

୧୯୧୪- ପ୍ରଥମଥର ପାଇଁ କାର୍ ନିର୍ମାଣ କମ୍ପାନୀ ଫୋର୍ଡ଼ ନିଜ କର୍ମଚାରୀଙ୍କ ପାଇଁ ୮ ଘଣ୍ଟା କାର୍ଯ୍ୟ ସମୟ ସ୍ଥିର କରିଥିଲା ।

୧୯୧୯- କଣ୍ଠଶିଳ୍ପୀ ମନ୍ନାଦେ'ଙ୍କ ଜନ୍ମ ।

୧୯୨୩- ଭାରତରେ ମେ' ଦିବସ ପାଳନର ଆରମ୍ଭ ।

୧୯୬୦- ମହାରାଷ୍ଟ୍ର ଏବଂ ଗୁଜରାଟ ଅଲଗା ଅଲଗା ରାଜ୍ୟ ଭାବେ ଗଠିତ ।

୧୯୭୨- ଦେଶରେ କୋଇଲା ଖଣିର ଜାତୀୟକରଣ ।

୧୯୮୮- ବଲିଉଡ଼ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କର ଜନ୍ମ ।

## ଅଜବ ପରମ୍ପରା



ଛତିଶଗଡ଼ର ରାୟଗଡ଼ ଜିଲ୍ଲାରେ ଏକ ଅଜବ ବିବାହ ପରମ୍ପରା ପ୍ରଚଳିତ ଅଛି, ଯେଉଁଠାରେ ନବବଧୂକୁ ଘରେ ପ୍ରବେଶ କରିବା ପୂର୍ବରୁ ଜଳନ୍ତା ଅଙ୍ଗାର ଉପରେ ଚାଲିବାକୁ ପଡ଼ିଥାଏ। ଏହି ରୀତିନୀତି ଅନୁଯାୟୀ, ବରଯାତ୍ରୀ ଫେରିବା ପରେ ନବଦମ୍ପତିଙ୍କୁ ଘର ଭିତରକୁ ଯିବା ପୂର୍ବରୁ ପ୍ରଜ୍ୱଳିତ ଅଙ୍ଗାର ଉପରେ ସାତଫେରା ନେବାକୁ ହୁଏ । ଯାହାର ଏକ ଦୃଶ୍ୟ ନିକଟରେ ଭୂପଦେବପୁରର ବିଲାସପୁର ଗାଁରେ ଜୟପ୍ରକାଶ ରାଠିଆଙ୍କ ବିବାହ ସମୟରେ ଦେଖିବାକୁ ମିଳିଥିଲା। ଏହି କଠିନ ନୀତି ପୂର୍ବରୁ ବର ପକ୍ଷର ପରିବାର ଲୋକେ ନିର୍ଜଳା ଉପବାସ ରଖିଥାନ୍ତି ଏବଂ ନବଦମ୍ପତିଙ୍କ ସ୍ୱାଗତ ପରେ ମଣ୍ଡପକୁ ଘୋଡ଼ାଇ ଦେଇ ଏହି ଅଗ୍ନିପରୀକ୍ଷାର ପ୍ରସ୍ତୁତି କରାଯାଇଥାଏ। ରାଠିଆ ପରିବାରର ବିଶ୍ୱାସ ଅନୁଯାୟୀ, ଏହି ପରମ୍ପରା ନୂତନ ସମ୍ପର୍କର ପବିତ୍ରତା ଓ ମଜବୁତର ପ୍ରତୀକ ଅଟେ ଏବଂ ଏହା ମାଧ୍ୟମରେ ନବଦମ୍ପତି ଜୀବନର ପ୍ରତିଟି କଷ୍ଟ ସମୟରେ ପରସ୍ପରର ସାଥୀ ହୋଇ ରହିବାକୁ ସଂକଳ୍ପ ନେଇଥାନ୍ତି। ହେଲେ ସୋସିଆଲ ମିଡିଆରେ ଏଭଳି ପରମ୍ପରାକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି । ପରମ୍ପରା ନାଁରେ ଏଭଳି କଷ୍ଟଦାୟକ ପ୍ରଥାକୁ ବନ୍ଦ କରିବାକୁ ଲୋକ ଦାବି କରୁଛନ୍ତି ।



## ମାଙ୍କଡ଼ ଧରିବା ପାଇଁ ପୁରସ୍କାର

ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ବଢୁଥିବା ସଂଘର୍ଷକୁ ରୋକିବା ପାଇଁ ଏକ ଅଭିନବ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ଜନବସତି ଅଞ୍ଚଳରେ ଆତଙ୍କ ଖେଳାଉଥିବା ମାଙ୍କଡ଼ମାନଙ୍କୁ ଧରିଲେ ଲୋକଙ୍କୁ ପ୍ରତି ମାଙ୍କଡ଼ ପିଛା ୬୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବାନେଇ ଘୋଷଣା କରିଛି । ବିଶେଷ କରି ଜଙ୍ଗଲ କ୍ଷୟ ଯୋଗୁଁ ଖାଦ୍ୟ ଅନ୍ୱେଷଣରେ ସହର ଓ ଗାଁ ମୁହାଁ ହେଉଥିବା 'ରିସସ୍ ମକାକ' ଏବଂ 'ହନୁମାନ ଲଙ୍ଗୁର' ଭଳି ପ୍ରଜାତିର ମାଙ୍କଡ଼ଙ୍କୁ ଏହି ଅଭିଯାନ ମାଧ୍ୟମରେ କାବୁ କରାଯିବ। ଯାହାଫଳରେ ବ୍ୟାପକ ଫସଲ ହାନି, ଘରଦ୍ୱାର ଭଙ୍ଗାରୁଜା ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଯାଇପାରିବ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପ୍ରାଣୀମାନଙ୍କ ପ୍ରତି କୌଣସି ପ୍ରକାର ନିଷ୍ଠୁରତା ପ୍ରଦର୍ଶନ ନକରି କେବଳ ଜାଲ କିମ୍ବା ପିଞ୍ଜରା ଭଳି ସୁରକ୍ଷିତ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନା ଦ୍ୱାରା ଏକ ପକ୍ଷରେ ସାଧାରଣ ଲୋକଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳିବ ଏବଂ ଅନ୍ୟପକ୍ଷରେ ମାଙ୍କଡ଼ମାନଙ୍କୁ ଜନବସତିରୁ ଉଦ୍ଧାର କରି ପୁନଶ୍ଚ ଜଙ୍ଗଲରେ ଛଡ଼ାଯାଇପାରିବ ।

## ଫେରାଇବେ ପଇସା



ଅଭିନେତା ରଣବୀର ସିଂ ଏବଂ 'ଡନ୍ ୩' ପ୍ରଯୋଜକଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଥିବା ଜଣାପଡ଼ିଛି, ଯେଉଁଥିପାଇଁ ରଣବୀର ପ୍ରଯୋଜକଙ୍କୁ ହୋଇଥିବା କ୍ଷତିର କିଛି ଅଂଶ ଭରଣା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପୂରା ଘଟଣାକୁ ନେଇ ଏକ୍ସେଲ ଏଣ୍ଟରଟେନମେଣ୍ଟର ସହ-ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଫରହାନ ଅଖତର ନିକଟରେ ଏକ ସାକ୍ଷାତକାରରେ ନିଜର ପ୍ରତିକ୍ରିୟା ରଖିଛନ୍ତି । ଫରହାନଙ୍କ ମତରେ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ କୌଣସି ଜିନିଷ ଶୁଟିଂ ହୋଇ ପରଦାକୁ ନଆସିବା ପର୍ଯ୍ୟନ୍ତ କିଛି ବି ନିଶ୍ଚିତ ନୁହେଁ। ପ୍ରି-ପ୍ରଡକ୍ସନ କାର୍ଯ୍ୟରେ ସାମିଲ ହେବା ପରେ ରଣବୀର ହଠାତ୍ ଏହି ପ୍ରୋଜେକ୍ଟରୁ ଓହରି ଯିବା ଫଳରେ ପ୍ରଯୋଜନା ସଂସ୍ଥା ଆର୍ଥିକ କ୍ଷତି ସହିଥିଲା। ଯାହା ପାଇଁ ପ୍ରଯୋଜକ ଗିଲ୍ଡର ଦ୍ୱାରସ୍ଥ ହୋଇଥିଲେ। ରିପୋର୍ଟ ଅନୁଯାୟୀ, ରଣବୀର ଏବେ ଫରହାନଙ୍କୁ ୧୦ କୋଟି ଟଙ୍କାର କ୍ଷତିପୂରଣ ଦେବା ସହ ନିଜର ଆଗାମୀ ଫିଲ୍ମ 'ପ୍ରଳୟ'ରେ କିଛି ଅଂଶଧନ ଦେବାକୁ ରାଜି ହୋଇଛନ୍ତି । ଫରହାନ ଏହାକୁ ଏକ ଚାଲେଞ୍ଜ ଭାବେ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି। ରଣବୀର ବ୍ୟାକ୍-ଟୁ-ବ୍ୟାକ୍ ଗ୍ୟାଙ୍ଗଷ୍ଟର ଫିଲ୍ମ କରିବାକୁ ଚାହୁଁନଥିବାରୁ 'ଡନ୍ ୩' ବଦଳରେ ଜୟ ମେହେଟାଙ୍କ 'ପ୍ରଳୟ'କୁ ଅଧିକ ପ୍ରାଧାନ୍ୟ ଦେଉଥିବା ଜଣାପଡ଼ିଛି। ତେଣୁ ସେ ଡନ୍ ୩ରୁ ଓହରିଥିବାନେଇ ଚର୍ଚ୍ଚା ହେଉଛି ।

## ହସକଥା



ଡାକ୍ତର: ଆପଣଙ୍କୁ ରୋଗରୁ ବଞ୍ଚିବାକୁ ହେଲେ ସମସ୍ତଙ୍କଠାରୁ ଦୂରତା ରଖିବାକୁ ପଡ଼ିବ।

ରୋଗୀ: ସାର୍, ତାହା ତ ମୁଁ ସବୁବେଳେ କରେ।

ଡାକ୍ତର: କେମିତି ?

ରୋଗୀ: ମୁଁ ସମସ୍ତଙ୍କୁ ଟଙ୍କା ଧାର ମାଗିବା ଆରମ୍ଭ କରିଦିଏ, ଲୋକେ ଆପେ ଆପେ ମୋଠାରୁ ଦୂରେଇ ଯାଆନ୍ତି।



**ମେଷ:** ଖୁସିଖବର,ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳ, ଦ୍ରବ୍ୟଲାଭ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ କଳହ, ବ୍ୟକ୍ତି ସହାୟତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମହାଲକ୍ଷ୍ମୀ।

**ବୃଷ:** ନୂତନ ଆୟ, ବିଶିଷ୍ଟ କାର୍ଯ୍ୟରେ ଅନୁତାପ, ବ୍ୟବସାୟିକ ଖୁସି, ସମ୍ପତ୍ତିଲାଭ, ଉତ୍ସବ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ପାରିବାରିକ ସହାୟତା, ଅର୍ଥଲାଭ, ଯାତ୍ରାରେ ସାବଧାନ, ନୂତନ ବନ୍ଧୁଲାଭ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା' ଭଗବତୀ।

**ମିଥୁନ:** ଶତ୍ରୁ ସମସ୍ୟା, ଅଯଥା କଷ୍ଟ, ବ୍ୟକ୍ତି ସହାୟତା, ଦୂରଯାତ୍ରା ସଫଳ, ମାଲିମୋକଦ୍ଦମା, ନୂତନ ସମସ୍ୟା, ବ୍ୟବସାୟିକ କଷ୍ଟ, କ୍ରୟବିକ୍ରୟ, କର୍ମକ୍ଷେତ୍ରେ ଅଶାନ୍ତି, ଆର୍ଥିକ ଚିନ୍ତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଅତିଥି ସତ୍କାର, ସମ୍ମାନପ୍ରାପ୍ତି, ଦୂରଯାତ୍ରା, ବନ୍ଧୁଲାଭ, ମୋକଦ୍ଦମାରେ ବିଜୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ପତ୍ତି ମାମଲା, ସନ୍ତାନଖୁସି, ବିଦ୍ୟାରେ ସଫଳ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ଗଣେଶ ଭଗବାନ।

**ସିଂହ:** ବନ୍ଧୁ ସାହାଯ୍ୟ, ଶରୀର ସୁସ୍ଥ, ଲୋକସମ୍ପର୍କରେ ଉନ୍ନତି, ଆର୍ଥିକଲାଭ, ନୂତନ ଖବର, ଦୂରଯାତ୍ରାରେ ସତର୍କ, ପୁରାତନ ମାମଲାରେ କଷ୍ଟ, ବାନ୍ଧବୀ ଲାଭ, ବିଦ୍ୟାରେ ସଫଳତା, ଦାମ୍ପତ୍ୟ କଳହ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ।

**କନ୍ୟା:** ଆୟ ବୃଦ୍ଧି, ଶୁଭଖବର, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ସମ୍ମାନଲାଭ, ନୂତନ ବାଣିଜ୍ୟଲାଭ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ନାରାୟଣ।

**ତୁଳା:** ଶାନ୍ତିପ୍ରଦ, ସୁସମାଚାର, ସନ୍ତାନଖୁସି, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଅନୁଷ୍ଠାନରୁ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, କିଛି ମାମଲାରେ ପଡ଼ିବେ, କର୍ମକ୍ଷେତ୍ରେ ବହୁ ପରିଶ୍ରମ, ଆଶାରେ କଷ୍ଟ, ବିଦ୍ୟାରେ ଅସଫଳ, ହସ୍ତା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁ ଲିଙ୍ଗରାଜ।

**ବିଛା:** ବନ୍ଧୁଲାଭ,ବିବାଦ ସମାଧାନ, ସୁସମାଚାର, ଭୂସମ୍ପତ୍ତି ଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଭ୍ରାତୃ ଭଗ୍ନୀଙ୍କ ସହାୟତା, ଦାମ୍ପତ୍ୟ ଖୁସି, ନୂତନ ନିଯୁକ୍ତି, ବିଶିଷ୍ଟ କାର୍ଯ୍ୟରେ ଖୁସି, ବ୍ୟବସାୟିକ ଖୁସି, ବିଦ୍ୟାରେ ସଫଳତା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ।

**ଧନୁ:** ଖୁସିଖବର, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ସମସ୍ୟା, ଶରୀର ଅସୁସ୍ଥ, ନୂତନ ବନ୍ଧୁଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନେ ଖୁସି, ଲୋକସମ୍ପର୍କ ହାନି, ପରିବାରରେ ବିଦ୍ରୋହ, ଦ୍ରବ୍ୟକ୍ରୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ନୃସିଂହ।

**ମକର:** କର୍ମେକ୍ଷେତ୍ରେ ଅଶାନ୍ତି, ଆଶାରେ କଷ୍ଟ, ନୂତନ ସମସ୍ୟା, ଗୃହେ ସହଯୋଗ, ଲୋକସମ୍ପର୍କରେ ଉନ୍ନତି, ବ୍ୟବସାୟରେ ମାନ୍ଦା, ଶତ୍ରୁ ସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବିଦ୍ୟାରେ ଅସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ମା' ଗୌରୀ।

**କୁମ୍ଭ:** ଅପମାନଯୋଗ, କର୍ମେ ଅଶାନ୍ତି, ଶରୀର ସୁସ୍ଥ, ମୋକଦ୍ଦମାରେ କଷ୍ଟ, କର୍ମକ୍ଷେତ୍ରେ ସମସ୍ୟା, ବିଦ୍ୟାରେ ଅସଫଳ, ବିଶିଷ୍ଟ ବ୍ୟକ୍ତି ସହାୟତା, ଅର୍ଥ ସମସ୍ୟା, ଦ୍ରବ୍ୟକ୍ରୟ, ଅନୁଷ୍ଠାନରୁ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ।

**ମୀନ:** ପ୍ରୀତିଲାଭ, କାର୍ଯ୍ୟ ସଫଳ, ନୂତନ କାର୍ଯ୍ୟରେ ଶାନ୍ତି, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ମାନସମ୍ମାନ ପ୍ରାପ୍ତି, ଉଚ୍ଚଆଶା ସଫଳ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟରେ ସଫଳତା, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ଦକ୍ଷିଣକାଳୀ।

**ବୈଶାଖ ଶୁକ୍ଳପକ୍ଷ, ଚତୁର୍ଦ୍ଦଶୀ**
**୩୦.୪.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮






'ଆମ ବସ ଡିପୋ' ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ଆଇପିଏଲ୍ ୨୦୨୬ ବେଟିଂ : ୪ ଗିରଫ

# ନଗଦ ୨୫ ଲକ୍ଷ ୩୧ ହଜାର ଟଙ୍କା ଜବତ

ପୁରୀ, (ସବ୍ୟୁ) : ସ୍ଥାନୀୟ ବାସେଳି ସାହି ଅଧିନ ମଶାଣିଚଣ୍ଡୀ ମନ୍ଦିର ନିକଟରେ ବେଆଇନ ଭାବେ ଚାଲିଥିବା ଆଇପିଏଲ ବେଟିଂର ଏକ ଗ୍ୟାଙ୍ଗକୁ ଧରିବାରେ ପୁରୀ ସାଇବର୍ ଥାନା ପୋଲିସ ସକ୍ଷମ ହୋଇଛି। ଆଇପିଏଲ ୨୦୨୬ ବେଟିଂ ଅଭିଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇ ଥିବା ଅଭିଯୁକ୍ତ ମାନେ ହେଲେ ବାସେଳି ସାହିବ ଥାନା ଅନ୍ତର୍ଗତ ମଶାଣିଚଣ୍ଡୀ ଛକ, ମାର୍କଣ୍ଡେଶ୍ୱର ସାହିର ପ୍ରସନ୍ନ କୁମାର ପୃଷ୍ଟି, କୁମ୍ଭାରପଡ଼ା ଥାନା ଅଧିନ, ବଡଶଙ୍ଖର ବି. ନାଗେଶ୍ୱର ରାଓ, ମଶାଣିଚଣ୍ଡୀ ଛକର ବିଶ୍ୱନାଥ ଲେଙ୍କା, ଚନ୍ଦନପୁର ଥାନା ଅଧୀନ ବିରପ୍ରତାପପୁର ଗ୍ରାମର ରମାକାନ୍ତ ସାହୁ। ଅଭିଯୁକ୍ତଙ୍କ ଠାରୁ ପୋଲିସ ନଗଦ ୨୫ ଲକ୍ଷ ୩୧ ହଜାର ଟଙ୍କା ଜବତ କରି ଥିବା ବେଳେ, ୩୧ ଲକ୍ଷ ୮୧ ହଜାର ୨୪୪ ତାଙ୍କର ବ୍ୟାଙ୍କ ଖାତାକୁ ଫ୍ରିଜ୍ କରିଛି ବୋଲି ବୁଧବାର ମଧ୍ୟାହ୍ନରେ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି



ପୁରୀ ଏସପି ପ୍ରତୀକ ସିଂ। ଏସପି ଶ୍ରୀ ସିଂ ଙ୍କ ସୂଚନା ମୁତାବକ ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା ପୁରୀ ବାସେଳି ସାହି ଥାନା ଅଧୀନ ମଶାଣିଚଣ୍ଡୀ ମନ୍ଦିର ନିକଟରେ ଗିରଫ ହୋଇ ଥିବା ଅଭିଯୁକ୍ତ ମାନେ ବେଆଇନ ଭାବେ ଆଇପିଏଲ ବେଟିଂ ବ୍ୟବସାୟ କରୁଥିଲେ। ଉକ୍ତ ତଥ୍ୟ ଅନୁସାରେ ଡିଏସପି ରାଜ କୁମାର ପରିଡାଙ୍କ ସମେତ ସାଇବର୍ ଥାନା ଷ୍ଟାଫ୍, ବାସେଳିସାହି ଥାନା ପୋଲିସ ଓ ସ୍ପେସାଲ୍ ସ୍କାଡର ଏକ ସ୍ୱତନ୍ତ୍ର ଦଳ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲେ। ଚଢ଼ାଉ ବେଳେ ପ୍ରସନ୍ନ ସମେତ ଅନ୍ୟ ଅଭିଯୁକ୍ତ ମାନେ ଧରା ପଡି ଥିଲେ। ହେଲେ କେତେକ ଅଭିଯୁକ୍ତ ସେଠାରୁ ଫେରାର ହୋଇ ଯାଇଥିଲେ। ଅଭିଯୁକ୍ତଙ୍କୁ ଧରି ପୋଲିସ ଥାନାକୁ ଆଣି ପଚରା ଉଚରା କରି ଥିଲା। ଜେରା ସମୟରେ ଅଭିଯୁକ୍ତ ମାନେ ଆଇପିଏଲ ବେଟିଂ କରୁ ଥିବା ନେଇ ଦୋଷ ସ୍ୱୀକାର କରିଥିଲେ। ସାଇବର୍ ଥାନା ଇନଚାର୍ଜ ଡିଏସପି ରାଜ କୁମାର ପରିଡାଙ୍କ ଅଭିଯୋଗ କ୍ରମେ ପୋଲିସ ପୁରୀ ସାଇବର୍ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଜଣା ପଡି ଥିଲା ଅଭିଯୁକ୍ତମାନେ ଦୁଇ ବର୍ଷ ହେଲା ସ୍କାଏଏକ୍ସଚେଞ୍ଜ ନାମରେ ଏକ ଆପ୍ଲିକେସନ ଖୋଲି ବେଟିଂ ବ୍ୟବସାୟ କରୁ ଥିଲେ। ପୋଲିସ ଏହି ମାମଲାରେ ଜଡ଼ିତ ଥିବା ଫେରାର ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି ଏସପି ଶ୍ରୀ ସିଂ। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର ଓ ସାଇବର ଥାନା ଆଇଆଇସି ଗୀତାଞ୍ଜଳୀ ନାୟକ ଉପସ୍ଥିତ ଥିଲେ।

## ଷ୍ଟେସନରୁ ଲୁଟେରା ଗିରଫ

କଟକ,(ସବ୍ୟୁ): ଟ୍ରେନରେ ରେଳଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ଲୁଟେରାକୁ ଆରପିଏଫ୍ ସ୍କାର୍ଡ ଗିରଫ କରିଛି । ଅଭିଯୁକ୍ତ ହେଉଛି ନିଆଳି ଥାନା ଅନ୍ତର୍ଗତ ମାହାଙ୍ଗା ଗାଁର ଚନ୍ଦୁ ଓରଫ ସୁରେଶ ପ୍ରଧାନ(୩୪) । ବୁଧବାର ଅଭିଯୁକ୍ତ ଷ୍ଟେସନ ପରିସରରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲା । ଏହା ଦେଖି ଆରପିଏଫ କର୍ମଚାରୀ ସୁରେଶକୁ ପଚରାଉଚରା କରିବାରୁ ସେ ନିଜର ରେଳଯାତ୍ରା ସମ୍ବନ୍ଧରେ କିଛି କହିପାରିନଥିଲା । ତଲାସି ପରେ ତା ପାଖରୁ ଗୋଟିଏ ଦାମୀ ଚୋରା ମୋବାଇଲ ମିଳିଥିଲା । ଉକ୍ତ ମୋବାଇଲକୁ ସେ ଜଣେ ରେଳଯାତ୍ରୀଙ୍କ ଠୁ ଚୋରାଇଥିବା ସ୍ୱୀକାର କରିଥିଲା । ଉକ୍ତ ମୋବାଇଲ ସହ ଅଭିଯୁକ୍ତ ସୁରେଶକୁ ଜିଆରପି ଜିମା ଦିଆଯିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି ।

# ହତ୍ୟାକାରୀ ଶିକ୍ଷକକୁ ଆଜୀବନ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗରରେ ୨୦୧୬ ମସିହାରେ ଘଟିଥିବା ଏକ ହତ୍ୟାକାଣ୍ଡର ହତ୍ୟାକାରୀ ସରୋଜ ଭବସାଗରକୁ ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ହତ୍ୟାକାରୀ ସରୋଜ ବୃତ୍ତିରେ ଜଣେ ପ୍ରାଥମିକ ଶିକ୍ଷକ ହୋଇଥିବା ବେଳେ ହତ୍ୟାର ଶିକାର ହୋଇଥିବା ଗୌରୀଶଙ୍କର ତନ୍ତୀ ହେଉଛନ୍ତି ତାଙ୍କର ଜଣେ ସମ୍ପର୍କୀୟ ଭାଇ । ଏକ ଝିଅ ଦେଖାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା । ସେହି ମନୋମାଳିନ୍ୟ ଉଗ୍ରରୂପ ଧାରଣ କରିଥିଲା । ନିଜର ମୋବାଇଲ ଫୋନ୍ ଓ ଫେସ୍‌ବୁକ୍ ଆକାଉଣ୍ଟ ହ୍ୟାକ୍ ହେବା ନେଇ ଆସାମୀ ସରୋଜ ମୃତକଙ୍କ ଉପରେ ସନ୍ଦେହ କରିଥିଲା । ତେଣୁ ତାକୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରି ସରୋଜ ମୃତକଙ୍କୁ ବୌଦ୍ଧ ଜିଲ୍ଲାରୁ ସାଙ୍ଗରେ ଆଣି ଭୁବନେଶ୍ୱର ଆସିଥିଲା । ଉଭୟ କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକନଗରରେ ଥିବା "ତାରା ରେସିଡେନ୍ସି' ରୁମ୍ ନଂ-୧ରେ ରହିଥିଲେ । ଘଟଣା ଦିନ ଅର୍ଥାତ୍ ଗତ ୨୦୧୬ ମସିହା ଅଗଷ୍ଟ ୯ ତାରିଖ ମଧ୍ୟାହ୍ନରେ ଉଭୟ ରୁମ୍‌କୁ ଖାଇବା ମଗାଇଥିଲେ । ଦୁହେଁ ମଧ୍ୟ ସାଙ୍ଗ ହୋଇ ଖାଇଥିଲେ । ଖାଇବା ସମୟରୁ ପୂର୍ବ ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା । ଆସାମୀ ସରୋଜ ଏକ ଛୁରି ସାହାଯ୍ୟରେ ଗୌରୀଶଙ୍କରକୁ ମରଣାନ୍ତକ ଆକ୍ରମଣ କରିଥିଲା । ମୃତକ ଶରୀରରେ ଗଭୀର କ୍ଷତ ସୃଷ୍ଟି ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

ହତ୍ୟାକାଣ୍ଡ ପରେ ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ଆସାମୀ ସରୋଜ ହୋଟେଲ ରିସେପ୍‌ସନକୁ ଯାଇ ସେଠାରେ କିଛି ସମୟ ପାଇଁ ବସିଥିଲା । ନିଜକୁ ଅସୁରକ୍ଷିତ ତଥା ଜୀବନକୁ ବିପଦ ଥିବା ଭାବି ପୋଲିସ ସାହାଯ୍ୟ ଆବଶ୍ୟକ କରୁଛି ବୋଲି ରିସେପ୍‌ସନରେ ଥିବା ହୋଟେଲ କର୍ମଚାରୀଙ୍କୁ ଜଣାଇଥିଲା । ଏହା ଶୁଣି ରିସେପ୍‌ସନିଷ୍ଟ ୧୦୧କୁ ଫୋନ୍ କରି ପୋଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ପୋଲିସ ସେଠାରେ ପହଞ୍ଚିବା ପରେ ସମସ୍ତେ ଆସାମୀ ସହ ରୁମ୍ ନିକଟକୁ ଯାଇଥିଲେ । ଆସାମୀ ପାଖରେ ରଖିଥିବା ଚାବି ସାହାଯ୍ୟରେ କବାଟ ଖୋଲିବା ପରେ ରୁମ୍ ଭିତରେ ଗୌରୀଶଙ୍କରର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ପୋଲିସ ଓ ହୋଟେଲ କର୍ମଚାରୀ ଦେଖିଥିଲେ । ଅଭିଯୋଗ ହେବା ପରେ କ୍ୟାପିଟାଲ ଥାନା ପୋଲିସ ୩୦୩/୨୦୧୬ ନମ୍ବରରେ ହତ୍ୟା ମାମଲା ରୁଜୁ କରି ଆସାମୀ ସରୋଜ ଭବସାଗରକୁ ଗିରଫ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା । କୋର୍ଟ ୨୦ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୧୯ ପ୍ରାସଙ୍ଗିକ ଦଲିଲକୁ ଅଧ୍ୟୟନ କରି ବିଚାର ଶେଷ କରିଥିଲେ । ବୁଧବାର କୋର୍ଟ ତାଙ୍କ ରାୟରେ ସରୋଜ ଭବସାଗରକୁ ୩୦୨ଧାରା ଅନୁଯାୟୀ ଆଜୀବନ ସଶ୍ରମ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି ।

# ବିଦ୍ୟୁତ ଟାୱାର ନିର୍ମାଣରେ ପ୍ରଭାବିତଙ୍କୁ କ୍ଷତିପୂରଣ ଦିଅ : ହାଇକୋର୍ଟ

କଟକ,(ସବ୍ୟୁ): ଅନୁଗୁଳ ତହସିଲ ଅନ୍ତର୍ଗତ ଶାବଳଭାଙ୍ଗ ଜଙ୍ଗଲର ଗ୍ରାମବାସୀଙ୍କ ପକ୍ଷରୁ ଏହି ଗାଁ ଦେଇ ଯିବାକୁ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଏବଂ ନିର୍ମାଣ ହେବାକୁ ଥିବା ଟାୱାରକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ତେବେ ଯେଉଁ ଗାଁ ଦେଇ ଏହି ତାର ଯିବ ବା ଟାଓ୍ୱାର ନିର୍ମାଣ-ହେବ ଏବଂ ଏହା ଦ୍ୱାରା ଯେକେହି ବି ପ୍ରଭାବିତ ହେବେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ଏହି ଅବସରରେ ସ୍ପଷ୍ଟ କରିଛନ୍ତି । ବିନୋଦ ବିହାରୀ ସାହୁ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ଆଦେଶ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀମାନେ ଶାବଳଭାଙ୍ଗ ଜଙ୍ଗଲ ଅଧୀନରେ ଆସୁଥିବା ରାଜସ୍ୱ ଗ୍ରାମର ଅଧିବାସୀ ଅଟନ୍ତି । ସେମାନଙ୍କ ଗ୍ରାମରେ ଟ୍ରାନ୍ସମିସନ୍ ଟାୱାର ନିର୍ମାଣ ନକରିବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଏଥିପାଇଁ କାରଣ ଦର୍ଶାଯାଇଥୁଲା ଯେ, ୨୦୧୩ ମସିହା ଜୁନ୍ ୧୩ ତାରିଖରେ ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁଥିରେ ୧୮ଟି ଗ୍ରାମ ମଧ ଦେଇ ଏହି ଟ୍ରାନ୍ସମିସନ୍ ଟାୱାର ନିର୍ମାଣ କରାଯିବ ବୋଲି କୁହାଯାଇଥିଲା। ଏଥିରେ ଶାବଳଭାଙ୍ଗ ଜଙ୍ଗଲ ରାଜସ୍ୱ ଗ୍ରାମର ନାଁ ନଥିଲା। ତେଣୁ ବିଜ୍ଞପ୍ତିରେ ଗ୍ରାମର ନାଁ ନଥାଇ ମଧ ଏହି ଗ୍ରନ୍ସମିସନ୍ ଗହ୍ୱର ନିର୍ମାଣ କରାଯିବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା । ଫଳରେ ଏହାକୁ ବିରୋଧ କରି ଗ୍ରାମବାସୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆଦେଶରେ କହିଛନ୍ତି ଯେ, ବିଜ୍ଞପ୍ତିରେ ନାଁ ଥିବା ଗାଁର ଆଖପାଖ ଅଞ୍ଚଳ ମଧ ଏହାର ଅନ୍ତର୍ଭୁକ୍ତ ହୋଇପାରେ ବୋଲି କୁହାଯାଇଛି । ଅର୍ଥାତ ପରୋକ୍ଷରେ ଏହି ଗାଁ ବିଜ୍ଞପ୍ତିରେ ଆସୁଥିବା ଗାଁକୁ ଲାଗି ଥିବାରୁ ଏଥିରେ ଟାୱାର ନିର୍ମାଣ ହେଲେ କୌଣସି ତ୍ରୁଟି ନାହିଁ। ଦ୍ୱିତୀୟରେ ସମୂହ ସ୍ୱାର୍ଥ ବା ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ କାମ କରାଯାଉଛି। ତେଣୁ ଏଭଳି ପ୍ରକଳ୍ପକୁ ବିରୋଧ କରାଯାଇ ପାରିବ ନାହିଁ । ଅପରପକ୍ଷରେ ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ଗ୍ରାମବାସୀଙ୍କୁ ବିଶେଷ କିଛି ଅସୁବିଧା ହେବନାହିଁ ବୋଲି କରାଯାଇଥିବା ଏକ ସର୍ଭେ ରିପୋର୍ଟରେ କୁହାଯାଇଛି। ତେଣୁ ଏହି ପ୍ରକଳ୍ପ ଦ୍ୱାରା ଯଦି ବି ଆବେଦନକାରୀ ଗ୍ରାମବାସୀଙ୍କ କାହାର କିଛି ବି କ୍ଷତି ହେଉଥାଏ ତାହେଲେ ତାଙ୍କୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।

# ଇଗ୍ନୋ ଭୁବନେଶ୍ୱର ପକ୍ଷରୁ ୩୦ରେ ମେଗା କ୍ୟାମ୍ପସ୍ ଡ୍ରାଇଭ

ଭୁବନେଶ୍ୱର, (ସବ୍ୟୁ) : ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଇଗ୍ନୋର ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆସନ୍ତା ୩୦ ତାରିଖରେ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରାଯାଉଛି । "ଟ୍ରେନ ଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍'ର ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା




ଏହି ନିଯୁକ୍ତି ଅଭିଯାନ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସକାଳ ୯:୩୦ ସମୟରେ ରିପୋର୍ଟିଂ କରିବାକୁ ସୂଚନା ଦିଆଯାଇଛି ।ଏହି ନିଯୁକ୍ତି ଅଭିଯାନ ସମସ୍ତ ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ ରହିଛି । ବିଶେଷ କରି ଡିପ୍ଲୋମା, ଆଇଟିଆଇ, ବୈଷୟିକ ଏବଂ ଅଣ-ବୈଷୟିକ ପୃଷ୍ଠଭୂମିର ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇପାରିବେ । ଶିକ୍ଷାଗତ ଯୋଗ୍ୟତା ପରେ କର୍ପୋରେଟ୍ ଜଗତରେ ନିଜର ବୃତ୍ତିଗତ କ୍ୟାରିଅର୍ ଆରମ୍ଭ କରିବାକୁ ଚାହୁଁଥିବା ଯୁବକଯୁବତୀମାନଙ୍କୁ ଏହି ଅଭିଯାନ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବ । ଏହି ନିଯୁକ୍ତି ଅଭିଯାନରେ ବିଶ୍ୱର ଅନ୍ୟତମ ଅଗ୍ରଣୀ ଥର୍ମାଲ୍ ମ୍ୟାନେଜମେଣ୍ଟ ସଂସ୍ଥା "ମୋଡିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍' ଅଂଶଗ୍ରହଣ କରୁଛି । ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟା ପାଇଁ ଏହି କମ୍ପାନୀ ସାରା ବିଶ୍ୱରେ ସୁନାମ ଅର୍ଜନ କରିଛି । ଇଞ୍ଜିନିୟରିଂ ଉତ୍କର୍ଷତା ଏବଂ ସ୍ଥାୟୀ ଉତ୍ପାଦନ ପ୍ରକ୍ରିୟା ପାଇଁ ପରିଚିତ ଏହି ସଂସ୍ଥାରେ କାର୍ଯ୍ୟ କରିବା ନୂତନ ପ୍ରାର୍ଥୀ ବା 'ଫ୍ରେସର୍ସ'ଙ୍କ ପାଇଁ ଏକ ମୂଲ୍ୟବାନ ସୁଯୋଗ ସାବ୍ୟସ୍ତ ହେବ । ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକଟର ଏମ୍. କେ. ଦାଶ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହା ଶିକ୍ଷାଗତ ଜ୍ଞାନ ଏବଂ କର୍ପୋରେଟ୍ ଆବଶ୍ୟକତା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିବ । ଫଳରେ ଛାତ୍ରଛାତ୍ରୀମାନେ ସହଜରେ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇପାରିବେ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି । ଏଥି ସହିତ ଆୟୋଜକମାନେ ସମସ୍ତ ଯୋଗ୍ୟ ଏବଂ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସେମାନଙ୍କର କ୍ୟାରିଅର ଆରମ୍ଭ କରିବା ପାଇଁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରୁଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୟନ୍ତି ମହାପାତ୍ର ଓ ସନ୍ତୋଷ ଉପାଧ୍ୟାୟ ଉପସ୍ଥିତ ଥିଲେ ।

10001/89/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR: 10001/10003/2/26-27/0008

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ନାଲ୍କୋ ଆନୁକୂଲ୍ୟରେ ୨୩ ତମ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ





ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରିୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ମିଳିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି(ଟୋଲିକ-ଉପକ୍ରମ), ଭୁବନେଶ୍ୱରର "୨୩ ତମ ଷାଣ୍ମାସିକ ବୈଠକ ତଥା ଟୋଲିକ ସ୍ତରୀୟ ଦ୍ୱିତୀୟ ରାଜଭାଷା ସମ୍ମିଳନୀ" ଅପ୍ରେଲ ୨୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ରିଜେନ୍ଦ୍ର ପ୍ରତାପ ସିଂ, ନାଲକୋ ସିଏମ୍‌ଡି ତଥା ଟୋଲିକ(ଉପକ୍ରମ), ଭୁବନେଶ୍ୱର ଚେୟାରମ୍ୟାନ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜଭାଷା କାର୍ଯ୍ୟାନ୍ୱୟନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ସଦସ୍ୟ କାର୍ଯ୍ୟାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ତଥା ସମ୍ମିଳନୀର ଅଂଶବିଶେଷ ଭାବେ ଏଆଇ ଏବଂ ଅନୁବାଦ ଉପକରଣ ତଥା ସଂସଦୀୟ ରାଜଭାଷା କମିଟିର ପ୍ରଶ୍ନାବଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ପ୍ରଶ୍ନାବଳୀ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ବୈଠକରେ, ଡକ୍ଟର ତାପସ କୁମାର ପଟ୍ଟନାୟକ, ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ତଥା ଟୋଲିକ(ଉପକ୍ରମ), ଭୁବନେଶ୍ୱରର ଉପାଧ୍ୟକ୍ଷଙ୍କ ସମେତ ଆଶୁତୋଷ ରଥ, ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ଭୁବନେଶ୍ୱରସ୍ଥିତ ସାର୍ବଜନୀନ କ୍ଷେତ୍ର ଉପକ୍ରମ ଗୁଡ଼ିକର ପ୍ରତିନିଧି ଏବଂ କାର୍ଯ୍ୟାଳୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ପାନବରଜ ଖେଳ ପଡିଆ ଠାରେ ଚଢଉ କରି ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ପାନବରଜ ର ଶିବପ୍ରସାଦ ରଥ (୨୩)। ତାଠାରୁ ପୁଲିସ ୪୦ଗ୍ରାମ ଓଜନ ର ବ୍ରାଉନସୁଗର ସମେତ ଏକ ସ୍କୁଟି (ନଂ-ଓଡି.୦୨-ଡିଏଫ୍-୭୭୧୩) କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ୪ଲକ୍ଷ ହେବ ବୋଲି ଆଜି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପାନବରଜ ଖେଳପଡିଆ ନିକଟରେ ଶିବପ୍ରସାଦ ଗ୍ରାହକ କୁ ଅପେକ୍ଷା କରିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଦିନ ପ୍ରାୟ ୧୧.୩୫ମି. ସମୟରେ ଚଢଉ କରିଥିଲେ। ଚଢଉବେଳେ ଶିବପ୍ରସାଦ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ତାକୁ କାବୁ କରିଥିଲା। ପୁଲିସ ୨୪୦/୨୬ନଂ ମାମଲାରେ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ବୋଲି ଏସଡିପିଓ ଶ୍ରୀ ପ୍ରଧାନ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଶ୍ରୀ ପ୍ରଧାନ, ଏସଆଇ ସସ୍ମିତା ବେହେରା, ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତଥିଲେ।

# ଓଡିଶା ରାଜ୍ୟ ସମବାୟ ୟୁନିୟନରେ ମଧୁବାବୁ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ସବ୍ୟୁ):ଓଡିଶା ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୮ ତମ ଜୟନ୍ତୀ ସମବାୟ ଭବନ ପରିସରରେ ପାଳିତ ହୋଇଯାଇଛି। ଓଡିଶା ରାଜ୍ୟ ସମବାୟ ୟୁନିଅନର ସଭାପତି ଶ୍ରୀମତୀ ପ୍ରବାସିନୀ ଷଡ଼ଙ୍ଗୀ ଉକ୍ତ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ ଭାବେ ମଧୁସୂଦନ ଦାସ କିପରି ସମବାୟକୁ ସର୍ବପ୍ରଥମେ ଓଡିଶାରେ ଜନ୍ମ ଦେଇଥିଲେ ତାହା ଉପରେ ଶ୍ରୀମତି ଷଡ଼ଙ୍ଗୀ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ତଥା ବିଶିଷ୍ଟ ସମବାୟବିତ ମହେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ। ସେ ତାଙ୍କ ବ୍ୟକ୍ତବ୍ୟରେ ଓଡିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ଗଠନ କରିବାରେ ମଧୁ ବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବରେ ଶରତ କୁମାର ଦଳସିଂ ରାୟ ମଧୁ ବାବୁଙ୍କର ଶିକ୍ଷା ଓ ରାଜନୈତିକ ଜୀବନଯାତ୍ରା ଉପରେ ଆଲୋକପାତ କରିଥିଲେ। ମଧୁବାବୁ ଓଡିଶାର ପ୍ରଥମ ବାରିଷ୍ଟର, ପ୍ରଥମ ସ୍ନାତକ, ପ୍ରଥମ ସ୍ନାତକୋତ୍ତର, ପ୍ରଥମ ମନ୍ତ୍ରୀ ଓ ବିହାର ଓଡିଶା ବିଧାନସଭାର ପ୍ରଥମ ସଦସ୍ୟ ଥିଲେ ବୋଲି ଶ୍ରୀଯୁକ୍ତ ଦଳସିଂ



ରାୟ ନିଜ ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ସମବାୟ ନିଗମର ଉପ ସଭାପତି ବିଜୟଲକ୍ଷ୍ମୀ ମହାପାତ୍ର, ମହିଳା ବିକାଶ ସମବାୟ ନିଗମର ସଭାପତି ସ୍ୱାଧୀନବାଳା ଦାସ, ଲେବର ଫେଡେରେସନ ସଭାପତି ପ୍ରମୋଦ କୁମାର ସାମନ୍ତରାୟ, ସ୍ୱର୍ଣ୍ଣଶ୍ରୀ ମହିଳା ସମବାୟ ସମିତି ସଭାପତି ପୂର୍ଣ୍ଣିମା ସିଂ, ରାଜ୍ୟ ସମବାୟ ୟୁନିଅନର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜକିଶୋର ମଲ୍ଲିକ ଏବଂ ସଂଯୁକ୍ତା ପ୍ରଧାନ ଯୋଗ ଦେଇ ମଧୁ ବାବୁଙ୍କ ବିଷୟରେ ନିଜର ଅଭିଭାଷଣ ରଖିଥିଲେ।କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ୟୁନିଅନର ସମ୍ପାଦକ ବ୍ରହ୍ମାନନ୍ଦ ପରିଡା ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ. ଶେଷରେ ଉପ ସମ୍ପାଦକ ସୁନିତା ପତି ଉପସ୍ଥିତ ମଞ୍ଚାସୀନ ଅତିଥି ଓ ଅନ୍ୟ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ଜୟଗୋପାଳ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୦୧ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିବା ଶ୍ରୀ ବେହେରାଙ୍କର ବିଭିନ୍ନ ସ୍ଥାନରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିବାର ୨୪ ବର୍ଷରୁ ଉଦ୍ଧ୍ୱର୍ ଅଭିଜ୍ଞତା ରହିଛି। ସେ ମଧ୍ୟ ପ୍ରଦେଶ, ଓଡିଶା, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଦିଲ୍ଲୀ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ବର୍ତ୍ତମାନ ଶ୍ରୀ ବେହେରା ନିଜ ଜନ୍ମ ସ୍ଥାନ ସମ୍ବଲପୁର ଠାରେ ନିଜର ଦାୟିତ୍ୱ ନିର୍ବାହ କରିବେ। ତାଙ୍କ ମାର୍ଗଦର୍ଶନରେ ଗ୍ରାହକମାନଙ୍କୁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରାଯାଇପାରିବ ବୋଲି ଆଶା କରାଯାଉଛି।

### କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପର

# ବ୍ୟାପକ ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ

ଭୁବନେଶ୍ୱର, (ସବ୍ୟୁ): ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇଡ୍‌କୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ ଆଜି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଗଠିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା। ପରିଦର୍ଶନ କାର୍ଯ୍ୟକ୍ରମ ଅଳିଜଙ୍ଗା ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ପରେ ସେ ସୁକୁଟିଝରା ଅଞ୍ଚଳ ପରିଦର୍ଶନ କରି ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ



ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲ୍‌ର ଡି.ବି. ପ୍ଲଟ୍ ନଂ-୨ ପରିଦର୍ଶନ କରିଥିଲେ। ସେଠାରେ ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତ୍ତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ବ୍ରିଫିଂ ଦିଆଯାଇଥିଲା। ଶିଳ୍ପାଞ୍ଚଳ ସମୀକ୍ଷା ସହିତ ସେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାମାନଙ୍କର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାଣି ଯୋଗାଣ, ପରିଷ୍କାରତା ବ୍ୟବସ୍ଥାପନ, ସହରୀ ସଡ଼କ ଓ ଡ୍ରେନେଜ୍ ନେଟୱର୍କ, ଏବଂ ଶହରୀ ଜୀବନମାନ ଉନ୍ନତି ପାଇଁ ଚାଲିଥିବା ପଦକ୍ଷେପଗୁଡ଼ିକର ଗତିବେଗ ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନୂତନ ଶିଳ୍ପ ସହରଗୁଡ଼ିକରେ "ଲିଭେବିଲିଟି" ବୃଦ୍ଧି ଏବଂ ନାଗରିକ ସେବାର ଗୁଣମାନ ଉନ୍ନତିକୁ ସେ ଅତ୍ୟାବଶ୍ୟକ ଭାବେ ଉଲ୍ଲେଖ କରିଥିଲେ। ପରେ କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡରର ଦ୍ରୁତ ବିକାଶ ପାଇଁ ଆଗାମୀ ରୋଡ୍‌ମ୍ୟାପ୍ ଉପରେ ଚର୍ଚ୍ଚା ହୋଇଥିଲା। ଜମି ଆବଣ୍ଟନ ପ୍ରକ୍ରିୟାର ସରଳୀକରଣ, ଭିତ୍ତିଭୂମି ଯୋଗାଣର ସମୟୋପଯୋଗୀ ସୁନିଶ୍ଚିତତା, ଏବଂ ଶିଳ୍ପ ଅଭିବୃଦ୍ଧି ସହ ସହରୀ ସେବାମାନଙ୍କର ସମନ୍ୱୟ ବୃଦ୍ଧି ପାଇଁ ଜିଲ୍ଲାପାଳ, ଇଡ୍‌କୋ ଅଧିକାରୀ ଓ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି ସହ ବିସ୍ତୃତ ଆଲୋଚନା ହୋଇଥିଲା।

## ସାଂସଦଙ୍କ ବିପିଏନ୍‌ଏସ୍‌ଆଇ ପରିଦର୍ଶନ



ଭୁବନେଶ୍ୱର (ସବ୍ୟୁ): ସାଂସଦ ଡକ୍ଟର ଆର.ଏନ. ବେହେରା ଆଜି ସୁକିନ୍ଦାସ୍ଥିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାର) ପରିଦର୍ଶନ କରିଛନ୍ତି। ତାଙ୍କ ଗସ୍ତ ସମୟରେ ସେ ନିର୍ଦ୍ଦେଶକ ଏବଂ କର୍ମଚାରୀମାନଙ୍କ ସହିତ ଏକ ବୈଠକ କରିଥିଲେ, ଯେଉଁଠାରେ ସେ ପ୍ରତିଷ୍ଠାନର ଚାଲୁଥିବା କାର୍ଯ୍ୟକଳାପ ସମୀକ୍ଷା କରିଥିଲେ ଏବଂ ଏହାର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଡକ୍ଟର ବେହେରା ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏହାର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ତାଙ୍କର ପୂର୍ଣ୍ଣ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ। ସେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମର୍ଥନକୁ ସହଜ କରିବା ସହିତ ତାଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

## ପାରିବାରିକ କଳହରୁ ଜୀବନ ହାରିଲେ ଯୁବକ

ସୋର(ସବ୍ୟୁ)- ସୋର ଥାନା ମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମରେ ପାରିବାରିକ କଳହରୁ ବେକରେ ରଶି ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମର ବିଶେଶ୍ୱର ବେହେରା (୩୮) ବୁଧବାର ଅପରାହ୍ନରେ ମାନସିକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଫ୍ୟାନରେ ରଶି ବାନ୍ଧି ଝୁଲି ପଡ଼ିଥିଲେ । ଏହା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ମେଡ଼ିକାଲରେ ପହଞ୍ଚି ୨୭/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଭୁବନେଶ୍ୱର ସରକାରୀ ପଲିଟେକ୍‌ନିକରେ କ୍ୟାମ୍ପସ ଟୁ କ୍ୟାରିୟର କାର୍ଯ୍ୟକ୍ରମ

# ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠିତ କମ୍ପାନିର ନିଯୁକ୍ତି ପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ନିଯୁକ୍ତି ଶିକ୍ଷା ଗ୍ରହଣର ଶେଷ ନୁହେଁ ବରଂ ଏକ ନୂତନ ଅଧ୍ୟାୟର ଆରମ୍ଭ। ଭୁବନେଶ୍ୱର ସରକାରୀ ପଲିଟେକନିକରେ ଆୟୋଜିତ କ୍ୟାମ୍ପସ ଟୁ କ୍ୟାରିଅର କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠାନର ୪ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ବିତରଣ କରି ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବିଭିନ୍ନ ଟ୍ରେଡରେ ପ୍ରଶିକ୍ଷଣ ଶେଷ କରିବା ପରେ, ୩୨ରୁ ଅଧିକ ପ୍ରତିଷ୍ଠିତ କମ୍ପାନି ଯଥା ଟାଟା ପାୱାର, ଜେଓସ୍ଲବ୍ସ, ପେଟିଏମ, ଯାଜାକି ଓ ମେଡ୍ ପ୍ଲସ ଆଦିରେ ଏହି ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ଜରିଆରେ ନିଯୁକ୍ତି ସୁଯୋଗ ମିଳିଛି । ଏମାନଙ୍କ ମଧ୍ୟରେ ୧୭୫ ଜଣ ଛାତ୍ର ଓ ୨୩୪ ଜଣ ଛାତ୍ରୀ ରହିଛନ୍ତି । ପେଟିଏମ୍ ଭଳି କମ୍ପାନି ବାର୍ଷିକ ସର୍ବାଧିକ ୩.୯୫ଲକ୍ଷରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି । ଏହି ଅବସରରେ ମନ୍ତ୍ରୀ, ଉଦବୋଧନ ଦେଇ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଏହି ସଫଳତା,



ରାଜ୍ୟରେ ଦକ୍ଷତା ବିକାଶର ପ୍ରକୃତ ଚିତ୍ରକୁ ପରିପ୍ରକାଶ କରୁଛି । କେବଳ ରୋଜଗାରକ୍ଷମ ହେବା ନୁହେଁ, ପ୍ରତିଯୋଗିତାମୂଳକ ବଜାରରେ ନିଜକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ କରାଇବା ହିଁ ପ୍ରକୃତ ଦକ୍ଷତା ବିକାଶ ବୋଲି କହିଥିଲେ ମନ୍ତ୍ରୀ । ନିଯୁକ୍ତି ପତ୍ର ବିତରଣ ସହ କ୍ୟାମ୍ପସ ପରିସରରେ, ବିଭିନ୍ନ ପ୍ରଶିକ୍ଷଣ ୟୁନିଟ୍ ତଥା ଲ୍ୟାବରୁ ବାହାରୁ ଥିବା ବର୍ଜ୍ୟବସ୍ତୁ, ଅଦରକାରୀ ସାମଗ୍ରୀ ବା ଯନ୍ତ୍ରପାତିର ଉଗ୍ରାଂଶ ଆଦିକୁ ନେଇ, ପ୍ରତିଷ୍ଠା କରାଯାଇଥିବା ଓ୍ୱେଷ୍ଟ ଟୁ ଓ୍ୱେଲଥ ସ୍କିଲ ପାର୍କର ଶୁଭ ଉଦଘାଟନ କରାଯାଇଥିଲା। ପରିବେଶ ସୁରକ୍ଷା ସହ ଗ୍ରୀନ ସ୍କିଲ ହାସଲ ଦିଗରେ ଏହି ପାର୍କଟି ବେଶ୍ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସହ ପରିବେଶ ସୁରକ୍ଷା ଦିଗରେ ଏହି ଅଭିନବ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏହାସହ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରୀ ପଲିଟେକନିକ ବୁଲି ଦେଖିଥିଲେ । ସେହିପରି, ସୁଦକ୍ଷା ଯୋଜନା ଜରିଆରେ, ସରକାରୀ ପଲିଟେକ୍ନିକ ଭୁବନେଶ୍ୱରରୁ ସଫଳତାର ସହ ତାଲିମ ଶେଷ କରି ନିଯୁକ୍ତି ପାଇବାକୁ ଥିବା ୧୬୮ ଜଣ ଛାତ୍ରୀଙ୍କ ସଫଳ ଯାତ୍ରାକୁ ନେଇ, ଅନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକ ନାରୀ ବନ୍ଦନା, ଏମ୍ପାଓ୍ୱାରିଂ ନାରୀଶକ୍ତି ର ଉନ୍ମୋଚନ କରିଥିଲେ ମନ୍ତ୍ରୀ ଶ୍ରୀ ସ୍ୱାଇଁ । ପୁସ୍ତିକା ଉନ୍ମୋଚନ ଅବସରରେ, ମାନ୍ୟବର ମନ୍ତ୍ରୀ, ସଫଳ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଦକ୍ଷା ଯୋଜନାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ ।

# ଧର୍ମପ୍ରାଣା ଚତୁରୀ ରଣାଙ୍କ ପରଲୋକ

କଟକ, (ସ୍ୱପ୍ର) : ସ୍ଥାନୀୟ କଲ୍ୟାଣୀନଗର ଅଞ୍ଚଳର ସ୍ୱର୍ଗତଃ ରମେଶ ଚନ୍ଦ୍ର ରଣାଙ୍କ ପତ୍ନୀ, ରୋଟାରିଆନ ଶ୍ରୀନିବାସ ରଣାଙ୍କ ମାତା ଚତୁରୀ ରଣାଙ୍କ ବୁଧବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଗତ କିଛି ଦିନ ହେବ ହୃଦ୍‌ଘାତର ଶିକାର ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ରୋଟାରୀଆନ ଶ୍ରୀନିବାସ



ରଣା, ପୁତ୍ରବଧୂ ପଙ୍କଜିନୀ ଜେନା, ନାତୁଣୀ ଶୁଭଶ୍ରୀ ରଣା ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ବ୍ଲକ୍‌ର କମଳାଡିହ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ଶ୍ରୀନିବାସ ରଣା ମୁଖାଗ୍ନି ଦେଇଥିଲେ । ସେ ଜଣେ ଧର୍ମପ୍ରାଣା, ପରପୋକାରୀ ମହିଳାଭାବେ କଟକ ସମେତ ତାଙ୍କ ଗ୍ରାମ କମଳାଡିହରେ ବେଶ୍ ପରିଚିତ ଥିଲେ । ତାଙ୍କ ପରଲୋକରେ ତମାମ ଅଞ୍ଚଳରେ ଶୋକାକୂଳ ପରବେଶ ସୃଷ୍ଟି ହୋଇଛି ।

### ନୂତନ ଜ୍ଞାନକୌଶଳକୁ ବିକଶିତ କରିବା

# ସମୟରେ ସୁରକ୍ଷାକୁ ଦୃଷ୍ଟିରେ ରଖିବା ଆବଶ୍ୟକ : ଡିଜିପି କ୍ରାଇମ୍ ବ୍ରାଞ୍ଚ

ଭୁବନେଶ୍ୱର, (ସବ୍ୟୁ): ନୂତନ ଜ୍ଞାନକୌଶଳକୁ ବିକଶିତ କରିବା ସମୟରେ ଏହା ଯେପରି କୌଣସି ବିପଦ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଧବାର ଓଡ଼ିଶା ସିଆଇଡି-କ୍ରାଇମ୍ ବ୍ରାଞ୍ଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଦ"ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକନୋଲୋଜିସ୍-ସିକ୍ୟୁରିଙ୍ଗ ଟୁମୋରୋଜ ଇଂଟେଲିଜେଂଟ ସିଷ୍ଟମ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଜ୍ଞାନକୌଶଳ ବିକଶିତ କରିବା ସମୟରେ ସୁରକ୍ଷା ଦିଗକୁ ଯେଭଳି ସୁଦୃଢ଼ କରାଯିବ ସେଥି ନିମନ୍ତେ ସ୍ୱତନ୍ତ୍ର ଯତ୍ନ ନେବାର ଆବଶ୍ୟକତା ରହିଛି । ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଉପରେ ଗୁରୁତ୍ୱ ଦେଇ ଶ୍ରୀ ମିଶ୍ର କହିଥିଲେ ଯେ ଯେତେବେଳେ କୌଣସି ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୁଏ ସେତେବେଳେ ମୂଳ ପ୍ରଶ୍ନ ଥାଏ ଏହାକୁ ବିକାଶ କରିଥିବା ସଂସ୍ଥା ଏହାର ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ଉପରେ ଅନୁଶୀଳନ କରିଛନ୍ତି ନା ନାହିଁ । ସେ କହିଥିଲେ ଯେ ସାଇବର ଅପରାଧ ମାଧ୍ୟମରେ ଗୋଟିଏ ବର୍ଷ ମଧ୍ୟରେ ୨୨ ହଜାର କୋଟି ଟଙ୍କା ଲୁଟ୍




ହୋଇଯାଇଛି । ଶ୍ରୀ ମିଶ୍ର କହିଥିଲେ ଯେ ଯେଉଁ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପାନୀଗୁଡ଼ିକ ନୂତନ ଜ୍ଞାନକୌଶଳର ଆରମ୍ଭ କରୁଛନ୍ତି ସେମାନେ ତାଙ୍କ ଲାଭାଂଶରୁ କିଛି ଅଂଶ ଅପରାଧ ନିୟନ୍ତ୍ରଣ ଏବଂ ବୈଷୟିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ଖର୍ଚ୍ଚ କରିବା ଆବଶ୍ୟକ ବୋଲି କହିଥିଲେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡାଟା ସିକ୍ୟୁରିଟି କାଉନସିଲ୍ ଅଫ ଇଣ୍ଡିଆର ସିଇଓ ବିନାୟକ ଗଡସେ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍ ସେକ୍ରେଟାରୀଏଟ୍, ପିଏମଓର ପୂର୍ବତନ ଅଧିକାରୀ ଲେଫ୍ଟନାଂଟ ଜେନେରାଲ୍ ଏମ.ୟୁ ନାୟାର, ଇଣ୍ଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିୟନ, ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ସେଲୁଲାର ଅପରେଟର୍ସ ଆସୋସିଏସନ ଅଫ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା ବିକ୍ରମ ତିୱାରୀ ଓ ସାଇବର ସିକ୍ୟୁରିଟି ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଏନ.କେ. ଗୋୟଲ ମଧ୍ୟ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସ) ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଦେବବ୍ରତ ନାୟକ ଯୋଗଦେଇ ସାଇବର ସୁରକ୍ଷାକୁ କିଭଳି ଅଧିକ ଗୁରୁତ୍ୱ ଦିଆଯାଇପାରିବ ସେ ଦିଗରେ ସବୁ ବର୍ଗ ପକ୍ଷରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ନିଜ ସାଗତ ଭାଷଣ ଦେଇଥିଲେ ।

### ପୁରୁଣା ତଥା ଅବୈଜ୍ଞାନିକ ଖଣି ଖନନ ପଦ୍ଧତି

# ଓଡ଼ିଶାର ଖଣିଜ ପ୍ରବଣ ଅଭିବୃଦ୍ଧିର ଗତିକୁ କ୍ଷତି ପହଞ୍ଚାଉଛି

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ଦିଗରୁ ଭାରତର ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶା ନିଜକୁ ଏକ ବୃହତ ଭୂମିକା ଗ୍ରହଣ କରିବାକୁ ସ୍ଥିତି ପ୍ରଦାନ କରୁଥିବାରୁ, ପୁରୁଣା ଧାରଣାରୁ ଅଗ୍ରାହକରି ଆଗକୁ ବଢ଼ିବାର ଆବଶ୍ୟକତା ରହିଛି ଯେ ଖଣିକୁ କେବଳ ବିଭ୍ରାଟର ଉତ୍ସ ଭାବରେ ଦର୍ଶାଯାଏ, ଯେତେବେଳେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରାଯାଏ ତେବେ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବରେ ପର୍ଯ୍ୟବେସିତ ହୋଇଥାଏ। ଏହାର ସମୃଦ୍ଧ ଖଣିଜ ଭଣ୍ଡାର, ବିଶେଷକରି ବକ୍ସାଇଟ୍ ସହିତ, ରାଜ୍ୟ ଶିଳ୍ପ କ୍ଷମତାକୁ ଦୃଢ଼ କରିବା, ନିଯୁକ୍ତି ସୃଷ୍ଟି କରିବା, ଜୀବିକାକୁ ସୁଦୃଢ଼ କରିବା ଏବଂ ଆଂଚଳିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଭଲ ସ୍ଥାନରେ ରହିଛି। ଆଜି, ଦାୟିତ୍ୱପୂର୍ଣ୍ଣ ଖଣି ବିସ୍ତୃତ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ, ପ୍ରଗତିଶୀଳ ଭୂମି ପୁନରୁଦ୍ଧାର, ବନୀକରଣ, ଜଳ ପରିଚାଳନା ବ୍ୟବସ୍ଥା ଏବଂ ନିରନ୍ତର ନିୟାମକ ତଦାରଖ ଦ୍ୱାରା ପରିଚାଳିତ ହୁଏ। ତଥାପି, କିଛି ଅଂଚଳରେ ସାଧାରଣ ଆଲୋଚନା ଅସମ୍ପୂର୍ଣ୍ଣ କିମ୍ବା ଅଣ-ବୈଜ୍ଞାନିକ କାହାଣୀ ଦ୍ୱାରା ପରିଚାଳିତ ହେଉଛି, ଯାହା ଆଶଙ୍କା ସୃଷ୍ଟି କରୁଛି ଯାହା ସର୍ବଦା ବର୍ତ୍ତମାନର ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ। ସୂଚନାପ୍ରଦ ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ସନ୍ତୁଳିତ ନିଷ୍ପତି ଗ୍ରହଣକୁ ସକ୍ଷମ କରିବା ପାଇଁ ଏହି ସୂଚନା ବ୍ୟବଧାନକୁ ପୂରଣ କରିବା ଜରୁରୀ। ସେହି ସମୟରେ, ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ସମ୍ପ୍ରଦାୟ-ପ୍ରବଣ ଅଂଚଳଗୁଡ଼ିକରେ, ବିକାଶକୁ ବିଶ୍ୱାସ, ସ୍ୱଚ୍ଛତା ଏବଂ ଦୃଶ୍ୟମାନ ସ୍ଥାନୀୟ ବିଶ୍ୱାସ ସହିତ ଆଗକୁ ବଢ଼ାଯିବା ଆବଶ୍ୟକ। ଆଜି ଦାୟିତ୍ୱପୂର୍ଣ୍ଣ ଖଣିଜ ଖଣିଜ ବିଜ୍ଞାନ ଯୋଜନା, ପରିବେଶଗତ ଅନୁପାଳନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ଦୀର୍ଘକାଳୀନ ସ୍ଥାନୀୟ ଲାଭକୁ ମିଶ୍ରଣ କରିବା ଉଚିତ। ସମୟର ଆବଶ୍ୟକତା ହେଉଛି ଖଣିଜ ବିକାଶକୁ ସୁଯୋଗକୁ ଅଟକାଇବା ପାଇଁ ଭୁଲ ଧାରଣା ଦେବା ନୁହେଁ, ବରଂ ଖଣିଜ ବିକାଶକୁ ଏପରି ଭାବରେ ଅଗ୍ରଗତି କରିବା ନିଶ୍ଚିତ କରିବା ଯାହା ଅନ୍ତର୍ଭୁକ୍ତ, ବିଶ୍ୱସନୀୟ ଏବଂ ସ୍ଥାନୀୟ ଭାବରେ ଆଧାରିତ। ସାମ୍ପ୍ରତିକ ଘଟଣାକ୍ରମ ସମ୍ପର୍କରେ ଆଲୋଚନା କରି ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ଉପ-ନିର୍ଦ୍ଦେଶକ (ଅବସରପ୍ରାପ୍ତ) ଡକ୍ଟର ମନୋରଞ୍ଜନ ମହାନ୍ତି କହିଛନ୍ତି, "ଯେତେବେଳେ ଓଡ଼ିଶା ପୂର୍ବ ଦିଗରୁ ଶିଳ୍ପ ଦୃଷ୍ଟିକୋଣକୁ ନେତୃତ୍ୱ ଦେବାକୁ ପ୍ରସ୍ତୁତ ହେଉଛି, ସେତେବେଳେ ରାୟଗଡ଼ାର ଘଟଣା ଅନାବଶ୍ୟକ। ଏହା ସ୍ଥାନୀୟ ଆଶା ଏବଂ ସାଂଗଠନିକ ପ୍ରକ୍ରିୟା ମଧ୍ୟରେ ଏକ ବିଚ୍ଛିନ୍ନତାକୁ ଉଜାଗର କରେ, ଯାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପଡିବ। ସମ୍ପ୍ରଦାୟର କିଛି ଅଂଶ ଜୀବିକା ନିର୍ବାହ ସମ୍ପର୍କରେ ଚିନ୍ତା ପ୍ରକାଶ କରୁଛନ୍ତି, ଅନ୍ୟମାନେ ସେମାନଙ୍କ ଅଂଚଳକୁ ସୁରକ୍ଷା ଦେବାକୁ ଚାହୁଁଛନ୍ତି। ଏହି ଦ୍ୱିଭାଜନ ଓଡ଼ିଶାର ଖଣିଜ-ଭିତିକ ଅଭିବୃଦ୍ଧି ସୁଯୋଗକୁ ସାକାର କରିବାର ମୂଲ୍ୟରେ ଆସିଛି। ବକ୍ସାଇଟ୍ ଖଣି ଦୀର୍ଘକାଳୀନ ଶିଳ୍ପ ଏବଂ ଅର୍ଥନୈତିକ ବିକାଶ ପାଇଁ ଏକ ଦୃଢ଼ ଭିତିଭୂମି ପ୍ରଦାନ କରେ। ପ୍ରକୃତ ପ୍ରାଥମିକତା ହେବା ଉଚିତ ଯେ ଆଦିବାସୀଙ୍କ ଚିନ୍ତାକୁ ସମ୍ମାନ ଦେଇ ଓଡ଼ିଶାର ସମ୍ପଦ ସୁବିଧାକୁ ସ୍ଥାୟୀ ଜୀବିକା ଏବଂ ବ୍ୟାପକ ବିକାଶ ଫଳାଫଳରେ ପରିଣତ କରାଯାଏ। ଓଡ଼ିଶାର ଖଣିଜ ସମ୍ପଦକୁ ଶେଷରେ କେବଳ ଶିଳ୍ପ ଉତ୍ପାଦନରେ ନୁହେଁ, ବରଂ ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତିଭୂମି ଏବଂ ଦୃଢ଼ ସ୍ଥାନୀୟ ସୁଯୋଗ ମାଧ୍ୟମରେ ଭୂମିରେ ଦୃଶ୍ୟମାନ ଲାଭରେ ପରିଣତ କରିବାକୁ ପଡିବ।

# ଅସାମାଜିକ ଯୁବକଙ୍କ ଆତଙ୍କରାଜ

## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର, ୪ ଗିରଫ

ଭଂଜନଗର, (ସବ୍ୟୁ): ଆଇନ୍ କିମ୍ବା ପୋଲିସକୁ ଖାତିରି ନଥିଲା । ଜନଗହଳି ରାସ୍ତାରେ ଖଣ୍ଡା ଏବଂ ଠେଙ୍ଗା ଧରି ଆତଙ୍କରାଜ୍ ସୃଷ୍ଟି କରିଥିଲେ କିଛି ଅସାମାଜିକ ଯୁବକ । ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଢ଼େଇଗାଁ ନିକଟରେ ନଜରକୁ ଆସିଥିଲା ଏଭଳି ଘଟଣା । ଯାହାର ସିସିଟିଭି ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଖଣ୍ଡା ଏବଂ ଠେଙ୍ଗା ଧରି କାର୍ ରୁ ଓହ୍ଲାଇଥିଲେ କିଛି ଯୁବକ । ପଛେ ପଛେ ବାଇକ୍‌ରେ ମଧ୍ୟ ଆସିଥିଲେ କିଛି ସହଯୋଗୀ । ସେମାନେ ମଧ୍ୟ ହାତରେ ଖଣ୍ଡା ଧରିଥିଲେ । କିଛି ସମୟପରେ ଗାଁ ନିକଟକୁ ଯାଇ, ଜଣେ ଯୁବକ କାହ୍ନୁ ପ୍ରଧାନକୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ସଂପୃକ୍ତ ଯୁବକ ଜଣକୁ ବେକ ଏବଂ ଗୋଡରେ ଗୁରୁତର ଆଘାତ ଲାଗିଥିଲା । ତାଙ୍କୁ ଉଦ୍ଧାର କରି ପ୍ରଥମେ ଭଂଜନଗର ଏବଂ ପରେ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସେ ଏବେ ଚିକିତ୍ସାଧୀନ ରହିଛନ୍ତି । ଏନେଇ ବେଲଗୁଣ୍ଠା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ କାର୍, ୪ଟି ବାଇକ୍ ଏବଂ ଖଣ୍ଡା ଜବତ କରିଛି ପୋଲିସ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ବେଲଗୁଣ୍ଠା ଥାନା ଅଞ୍ଚଳରେ ଏଭଳି ଆତଙ୍କରାଜ ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳବାସୀ ଏବେ ଭୟଭୀତ ହୋଇ ପଡ଼ିଛନ୍ତି ।



## ସାମ୍ବାଦିକଙ୍କ ହକ୍ ପାଇଁ ଲଢ଼େଇ ହେଲା ଜୋରଦାର

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ସାମ୍ବାଦିକମାନଙ୍କ ମୌଳିକ ସମସ୍ୟା ଓ ସୁରକ୍ଷାକୁ ନେଇ ବୁଧବାର ସାରା ରାଜ୍ୟରେ ଆନ୍ଦୋଳନର ସ୍ୱର ଶାଣିତ ହୋଇଥିବାବେଳେ, ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଏହାର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି । ରାଜ୍ୟର ସର୍ବପୁରାତନ ସାମ୍ବାଦିକୟୁନିୟନ ଉତ୍କଳ ସାମ୍ବାଦିକ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା ସହ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଏବେ ବି ପ୍ରଶ୍ନ ଘେରରେ । ଏହି ପରିପ୍ରେକ୍ଷୀରେ ଉତ୍କଳ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ୬ଦଫା ଦାବି ଉପସ୍ଥାପନା କରାଯାଇଥିଲା । ଦାବି ଗୁଡିକ ହେଲା ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ । କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ । ୬୦ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କାର ପେନସନ ବ୍ୟବସ୍ଥା । ଓଡ଼ିଶା ପ୍ରେସ୍ ଏକାଡ଼େମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା । ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା-ପିତା ଏବଂ ୨୫ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ ସହିତ ଅନୁକମ୍ପା ମୂଳକ ରାଶି ୧୦ଲକ୍ଷକୁ ବୃଦ୍ଧି କରିବା । ସାମ୍ବାଦିକମାନେ ନିଜ ଜୀବନକୁ ପାଣି ଛଡ଼ାଇ ଖବର ସଂଗ୍ରହ କରୁଛନ୍ତି, କିନ୍ତୁ ସରକାର ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବୋଲି ପ୍ରକାଶ କରିଛନ୍ତି ମୟୂରଭଞ୍ଜର ବରିଷ୍ଠ ସାମ୍ବାଦିକ ଗଣ । ଏହି ପ୍ରତିବାଦ ସଭାରେ ଜିଲ୍ଲାର ଶତାଧିକ ସାମ୍ବାଦିକ ସାମିଲ ହୋଇ ନିଜର ଏକତା ପ୍ରଦର୍ଶନ କରିଛନ୍ତି । ଯଦି ଆଗାମୀ ଦିନରେ ଏହି ନ୍ୟାର୍ଯ୍ୟ ଦାବିଗୁଡ଼ିକ ପୂରଣ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଣ ଅନୁକୋଣରୁ ଶତାଧିକ ସାମ୍ବାଦିକ ସାମିଲ ହୋଇଥିଲେ ।




# ମଧୁବାବୁଙ୍କ ଆଦର୍ଶ ଆଜିର ପିଢ଼ୀ ପାଇଁ ପ୍ରେରଣାର ସ୍ରୋତ : ଆଇନମନ୍ତ୍ରୀ



ଭୁବନେଶ୍ୱର(ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ସ୍ମୃତି ଅବସରରେ ଭୁବନେଶ୍ୱର ଓକିଲ ସଂଘ ଦ୍ୱାରା ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ନ୍ୟାୟମୂର୍ତ୍ତି ସଞ୍ଜୟ କୁମାର ମିଶ୍ର ଓ ମୁଖ୍ୟ ବକ୍ତା ପ୍ରମୁଖ ସଚିବ ନିର୍ଦ୍ଦେଶକ ସଂସ୍କୃତି ଓ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦେବ ପ୍ରସାଦ ଦାଶ ଉପସ୍ଥିତ ଥିଲେ ।

ସଭାରେ ଉପସ୍ଥିତ ଅତିଥିମାନେ ମଧୁସୂଦନ ଦାସଙ୍କ ଅପରିମିତ ଅବଦାନ, ଓଡ଼ିଆ ଭାଷା, ସାମାଜିକ ନ୍ୟାୟ ଓ ଆଇନ କ୍ଷେତ୍ରରେ ତାଙ୍କର ଅବିସ୍ମରଣୀୟ ସେବାକୁ ସ୍ମରଣ କରିଥିଲେ । ମଧୁବାବୁଙ୍କ ଆଦର୍ଶ ଆଜିର ପିଢ଼ୀ ପାଇଁ ପ୍ରେରଣାର ସ୍ରୋତ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ କିଛି ଓକିଲଙ୍କୁ ମଧୁ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ତାଙ୍କ ମଧ୍ୟରୁ ବରିଷ୍ଠ ଆଡଭୋକେଟ୍ ତଥା ସମବାୟବିତ ଜୟନ୍ତ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଘର ସଭାପତି ଅଶୋକ କୁମାର ଛୋଟରା ଏବଂ ସାମ୍ପାଦକ ସୁମନ ରାଉତରା । ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଆଇନଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ

# ବାରିପଦା ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିସରରେ ଶିଶୁ ବିଭାଗ ଉନ୍ମୋଚନ




ବାରିପଦା, (ସବ୍ୟୁ) : ବାରିପଦା ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିସରରେ ଶିଶୁ ବିଭାଗର ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ. ମହେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ । ପୂର୍ବାହ୍ନରେ ସ୍କୁଲ ଅଫ ଆର୍ଟସ ଓ କ୍ରାଫ୍ଟସ୍‌ର ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପିଲାମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା । ଉଦ୍‌ବୋଧନ ଦେଇ ଡ଼ଃ ମହାନ୍ତି ନିଜସ୍ୱ ପ୍ରତିଭାକୁ ବିକଶିତ କରିବାରେ ପିଲାମାନଙ୍କୁ ପିତାମାତାମାନେ ପ୍ରେରିତ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଅଶୋକ କୁମାର ତ୍ରିପାଠୀ ଓ ଉତ୍ତରା ତ୍ରିପାଠୀ ସମସ୍ତିଙ୍କୁ ପ୍ରୋତ୍ସାହିତ କରିଥିବାବେଳେ ଜୟନ୍ତ କୁମାର ପାଲ ସଭାପତି ଆସନ ଅଳଙ୍କୃତ କରିଥିଲେ । ସଂଯୋଜନା ଦାୟିତ୍ୱ ତୁଲାଇଥିଲେ ସମ୍ପାଦକ ଅଶୋକ କୁମାର ବେହେରା, ଆଶୀଷ କୁମାର ମହାନ୍ତି, ସନ୍ତୋଷ କୁମାର ପଟ୍ଟନାୟକ, ଶ୍ରୀବିଜୟ କୁମାର ମହାପାତ୍ର, ବଳଦେବ ଶତପଥୀ, ସମୀର କୁମାର ସାହୁ, ମନୋଜ କୁଅଁର ବାବୁ, ପ୍ରଦୀପ କୁମାର ମିସ୍ତ୍ରୀ, ଶ୍ରୀମତି ବନଜା ମହାନ୍ତି, କନୀକା ସେନାପତି ଓ ଖଗେନ୍ଦ୍ର ମଲିକ ପ୍ରମୁଖ, ଲାଇବ୍ରେରୀର ସମସ୍ତ କର୍ମକର୍ତ୍ତା ମାନଙ୍କ ପ୍ରଗାଢ଼ ପରିଶ୍ରମ ଓ ସହଯୋଗିତା କାରଣରୁ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା । ଏଥିସହିତ ସନ୍ତୋଷ କୁମାର ପଟ୍ଟନାୟକ ଆମନ୍ତ୍ରିତ ଅତିଥି, ସ୍ଥାନୀୟ ମିଡିଆ ପ୍ରତିନିଧି, ଶୁଭେଚ୍ଛୁ ଏବଂ ଆର୍ଟ ଓ କ୍ରାଫଟର ଅଧ୍ୟକ୍ଷା ପ୍ରଣତି ପଟ୍ଟନାୟକଙ୍କ ସହଯୋଗୀତା ନିମିତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ନଗୁଡୁ ଗ୍ରାମର ଏକ କୁକୁଡା ଫାର୍ମ ନିକଟରେ ଦୁଇ ବାଇକ୍ ଧକ୍କାରେ ଦୁଇ ଜଣ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଦ୍ୱୟ ହେଲେ ମାଣିତରା ଗ୍ରାମର ସୁଧାଂଶୁ ଶେଖର ରାଉତ (୨୬) ଓ ଖୋଳଖାଳି ଗ୍ରାମର ଭବାନୀ ଶଙ୍କର ବିଷୋୟୀ (୩୦) । ପ୍ରକାଶ ଯେ, ସୁଧାଂଶୁ ବାଇକ୍ ଯୋଗେ ମାଣିତରା ଗାଁରୁ ବୁଗୁଡା ଅଭିମୁଖେ ଆସୁଥିବା ବେଳେ ନଗୁଡୁ ଗ୍ରାମର ଏକ କୁକୁଡା ଫାର୍ମ ନିକଟରେ ଭବାନୀଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସୁଧାଂଶୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ଭବାନୀଙ୍କ ବାମ ହାତ ଭାଙ୍ଗି ଯାଇଥିଲା । ଉଭୟଙ୍କୁ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେଦୁହିଁଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

# ମେ ୯ ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା, (ସବ୍ୟୁ) : ଚଳିତ ମେ ମାସ ୯ ତାରିଖରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦାଙ୍କ ଦ୍ୱାରା ଜିଲ୍ଲା କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ଜିଲ୍ଲା କୋର୍ଟ ବାରିପଦା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଯଥା ତାଲୁକ ଆଇନସେବା ସମିତି କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ବେତନଟୀ, ଯଶିପୁର, ଠାକୁରମୁଣ୍ଡା, ରାସଗୋବିନ୍ଦପୁର ଓ ମୋରୋଡ଼ା ଠାରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ପ୍ଲି-ବାର୍ଗେନିଙ୍ଗ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ, ସାଲିସ ଯୋଗ୍ୟ ଟ୍ରାଫିକ ଚାଲାଣ ମାମଲା, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲା ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ସମାଧାନ ହୋଇପାରିବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ୍ୟ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ଏଥିରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ପୁରୁଣା ବିବାଦଗୁଡ଼ିକର ଆପୋଷ ସମାଧାନ କରାଇବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ, ବାରିପଦା ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି ।

# ଚୋର ସନ୍ଦେହରେ ଯୁବକକୁ ପୋଲିସକୁ ଜିମା ଦେଲେ ଲୋକେ

ଭଞ୍ଜନଗର, (ସବ୍ୟୁ): ଗଂଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ପ୍ରତାପୁର ଗାଁ ନିକଟରେ ଗୋଟିଏ ଘରେ ବିଳମ୍ବିତ ରାତିରେ ହାତରେ ମାରଣାସ୍ତ୍ର ଧରି ପଶିଥିଲେ ଦୁଇଜଣ ଦୁର୍ବୃତ୍ତ । ଘର ଭିତରେ ଭଙ୍ଗାରୁଜା କରିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିଲେ । ମାରଣାସ୍ତ୍ର ଦେଖାଇ ସଂପୃକ୍ତ ପରିବାରର ଲୋକଙ୍କୁ ଧମକଚମକ ଦେଇଥିଲେ । ଏହି ସମୟରେ ପାଟିତୁଣ୍ଡ ଶୁଣି ସାହି ବାସିନ୍ଦା ରୁଣ୍ଡ ହୋଇଯାଇଥିଲେ । ଫଳରେ ସଂପୃକ୍ତ ଦୁର୍ବୃତ୍ତ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଅନ୍ୟପକ୍ଷରେ ଅନ୍ଧାର ରାତିରେ ଗାଁ ଶେଷ ମୁଣ୍ଡରେ ଜଣେ ଅଜଣା ଯୁବକ ବାଇକ ସହ ଠିଆ ହୋଇଥିବା ଦେଖି ସନ୍ଦେହରେ ସେହି ଯୁବକକୁ ଧରି ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ ସ୍ଥାନୀୟ ଲୋକେ । ଖବର ପାଇ ସକାଳୁ ଘଟଣା ସ୍ଥଳରେ ପହଞ୍ଚିଥିଲା ବେଲଗୁଣ୍ଠା ଥାନା ପୋଲିସ । ବନ୍ଧା ହୋଇଥିବା ଯୁବକକୁ ଉଦ୍ଧାର କରି ଥାନାରେ ଅଟକ ରଖିଛି ପୋଲିସ । ଏନେଇ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ।

# ଆମ୍ବ ମାର୍କେଟ ଛକରେ ବସକୁ ଧକ୍କା ଦେଲା ଟ୍ରକ

ବ୍ରହ୍ମପୁର, (ସବ୍ୟୁ): ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ଅନ୍ଧପସରା ରୋଡରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବରଯାତ୍ରୀ ବସ ଏବଂ ମାଲବାହୀ ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟିଛି । ହଳଦିଆପଦର ପଟୁ ଫାଷ୍ଟଗେଟ ଆଡକୁ ଫେରୁଥିବା ଏହି ଯାତ୍ରାବାହୀ ବସକୁ ଟ୍ରକଟି ପଛପଟୁ ଧକ୍କା ଦେବା ଯୋଗୁଁ ଟ୍ରକ ଚାଳକ ସମେତ ବସରେ ଥିବା ଏକାଧିକ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ଟ୍ରାଫିକ ଥାନା ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ବଡଗୁମୁଳାରୁ କିଛି ବରଯାତ୍ରୀଙ୍କୁ ନେଇ ଯାଇଥିବା ଦିଗାମ୍ବର ନାମକ ଯାତ୍ରୀବାହୀ ବସ(ଓଡି-୦୭-ଭିଭି-୯୨୪୬) ଜାତୀୟ ରାଜପଥ-୧୬ ଦେଇ ବ୍ରହ୍ମପୁର ଫାଷ୍ଟଗେଟ ଆଡକୁ ଫେରୁଥିଲା । ବସରେ ୩୦ରୁ ଅଧିକ ଯାତ୍ରୀ ବସିଥିଲେ । ଏହି ସମୟରେ ଆମ୍ବ ମାର୍କେଟ ଛକରେ ଏକ ମାଲବାହୀ ଟ୍ରକ(ଓଡି-୦୭-ଏଏମ-୦୮୦୬) ପଛପଟୁ ବସକୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବସ ପଛ ଭାଗ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପଛ ସିଟରେ ବସିଥିବା ଏକାଧିକ ଯାତ୍ରୀ ଆହତ ହୋଇଥିଲେ । ସେହିପରି ଦୁର୍ଘଟଣା ଯୋଗୁଁ ଟ୍ରକ ଚାଳକ ମଧ୍ୟ ଆହତ ହୋଇ ଏମକେସିଜିରେ ଚିକିତ୍ସାଧୀନ ରହିଥିବା ପୋଲିସ କହିଛି । ଘଟଣା ପରେ ଉଭୟ ଗାଡି ରାସ୍ତାରେ ବେଶ କିଛି ସମୟ ଅଟକି ରହିବା ଫଳରେ ସେହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

## ପ୍ଲଟ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ଦିନିକିଆ ରିମାଣ୍ଡରେ ନିବେଦିତା, ପ୍ରେମିକ ସମେତ ୪ଙ୍କୁ ଜେରା

ବ୍ରହ୍ମପୁର, (ସବ୍ୟୁ): ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଗତ ୧୫ତାରିଖରେ ଅପହରଣ ପରେ ହତ୍ୟା କରାଯାଇଥିଲା । ଏହି ମାମଲାର ଗିରଫ ହୋଇ ଜେଲରେ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଦିନକୁ ପାଇଁ ବୁଧବାର ରିମାଣ୍ଡରେ ନେଇଛି ପୋଲିସ । ବ୍ରହ୍ମପୁର ସ୍ଥିତ ଜେଏମଏଫସି(ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନା ବୁଧବାର ଏହି ରିମାଣ୍ଡ ମଞ୍ଜୁର କରିଛନ୍ତି । ଅଭିଯୁକ୍ତମାନେ ହେଲେ ମୃତ ସୁଧୀରଙ୍କ ନିଜ ଝିଆରୀ ନିବେଦିତା ପାତ୍ର (୨୩), ତାଙ୍କ ପ୍ରେମିକ ଗାଙ୍ଗପୁର ଥାନା ଅନ୍ତର୍ଗତ ଖଳିଗୁଡା ଗ୍ରାମର କାଳିଆ ଓରଫ କାଳୁ ଚରଣ ପ୍ରଧାନ(୨୮), ପୁତୁରା ତୁଷାର କୁମାର ପାତ୍ର(୧୯)ଓ ସୁପାରିକିଲର ସୁରାଟ ଗୋଦରା ଥାନା ଅଞ୍ଚଳର ଗୋଲୁ ଓରଫ ଲମ୍ବୁ ଓରଫ ସୂର୍ଯ୍ୟ ପ୍ରତାପ ସିଂ (୨୮) । ସେହିକ୍ରମରେ ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଦିନିକିଆ ରିମାଣ୍ଡରେ ନେଇ ଅଧିକ ପଚରାଉଚରା ଅଦାଲତରେ ପିଟିସନ ଦାଖଲ କରିଥିଲା । ମାଜିଷ୍ଟ୍ରେଟ ଉକ୍ତ ପିଟିସନର ଶୁଣାଣି କରି ୨୪ ଘଣ୍ଟାର ରିମାଣ୍ଡ ମଞ୍ଜୁର କରିଛନ୍ତି । ସେହିକ୍ରମରେ ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ନିଜ ହେପାଜତକୁ ନେଇ ମୁହାଁମୁହିଁ ମାରାଥନ ପଚରାଉଚରା କରିବ । ପୂର୍ବରୁ ଗତ ୨୫ ତାରିଖରୁ ୨୭ ତାରିଖ ଯାଏଁ ପୋଲିସ କାଳୁ ଚରଣ ପ୍ରଧାନ, ସୂର୍ଯ୍ୟ ପ୍ରତାପ ସିଂ ସମେତ ୫ଜଣଙ୍କୁ ତିନି ଦିନିଆ ରିମାଣ୍ଡରେ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସେମାନଙ୍କ ମୁହଁରୁ ଓଗାଳିଛି । ରିମାଣ୍ଡ ଅବଧି ସରିବା ପରେ ସେମାନଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରାଯାଇ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ବୁଧବାର ପୋଲିସ ପୁଣି କାଳୁ ଓ ସୂର୍ଯ୍ୟଙ୍କୁ ରିମାଣ୍ଡରେ ନେଇଛ । ବ୍ରହ୍ମପୁର ଏସପି ଦାୟିତ୍ୱରେ ଥିବା ଗଞ୍ଜାମ ଏସପି ସୁବେନ୍ଦୁ ପାତ୍ରଙ୍କୁ ଏନେଇ ପଚାରିବା ବେଳେ କହିଛନ୍ତି ଯେ, ପୂର୍ବରୁ ରିମାଣ୍ଡରେ ନିଆଯାଇଥିବା ଅଭିଯୁକ୍ତ ମାନଙ୍କୁ ଜେରା ବେଳେ ପୋଲିସ ଅନେକ ସୁରାଗ ପାଇଛି । ଯାହାକି ତାଙ୍କ ତଦନ୍ତର ଡକ୍ୟୁମେଣ୍ଟସନ ପାଇଁ ଆବଶ୍ୟକ ରହିଛି । ସେ ଦିଗରେ ଏବେ ତଦନ୍ତ କରାଯାଉଛି । ଏଥିରେ ମୃତକଙ୍କ ପରିବାର କିମ୍ବା ସମ୍ପର୍କୀୟଙ୍କ ସମ୍ପୃକ୍ତି ଅଛିକି ନାହିଁ ତଦନ୍ତ ଜାରି ରହିଛି । ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି କହିଛନ୍ତି । ସେହିପରି ଏହି ଲୋମହର୍ଷଣକାଣ୍ଡରେ ସମ୍ପୃକ୍ତ ଥିବା କିଛି ଅପରାଧୀଙ୍କ ପରିଚୟ ପୋଲିସ ଏବେ ସ୍ପଷ୍ଟ ଭାବେ ଜାଣିବାକୁ ପାଇଛି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ପ୍ରକାଶ ଥାଉକି ଗତ ୨୩ ତାରିଖରେ ଏହି ବହୁ ଚର୍ଚ୍ଚିତ ସୁଧୀର ହତ୍ୟା ମାମଲାର ମୁଖ୍ୟ ଷଡଯନ୍ତ୍ରକାରୀ ତଥା ମୃତ ସୁଧୀରଙ୍କ ନିଜ ଝିଆରୀ ନିବେଦିତା ପାତ୍ର(୨୩) ଓ ପୁତୁରା ତୁଷାର ପାତ୍ର(୧୯) ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଚରଣଙ୍କୁ ମିଶାଇ ପୋଲିସ ମୋଟ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଗତ ୨୫ ତାରିଖରେ ମୁଖ୍ୟ ଅଭିଯୁକ୍ତ କାଳୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ କୁ ଗୋପାଳପୁର ପୋଲିସ ୩ ଦିନ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା ।

## ବ୍ରହ୍ମପୁର ମଣ୍ଡଳ ସ୍ତରୀୟ ନାରୀ ଶକ୍ତି ବନ୍ଦନ ଅଧିନିୟମର

# କଂଗ୍ରେସ, ବିଜେଡି ବିରୋଧରେ ପ୍ରତିବାଦ ଶୋଭାଯାତ୍ରା

ବ୍ରହ୍ମପୁର, (ସବ୍ୟୁ) : ସଂସଦରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' କାଟ ଖାଇବା ପରେ ବିଜେପି ପକ୍ଷରୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା କରି ବିରୋଧୀ ଦଳ ଗୁଡିକ ମହିଳା ବିରୋଧୀ ବୋଲି ପ୍ରଚାର କରାଯାଉଛି । ଏବେ ପ୍ରତି ପଞ୍ଚାୟତ ସ୍ତରରେ ଯେପରି ଏହି ବାର୍ତ୍ତା ପହଁଞ୍ଚିବ । ଏଥିପାଇଁ ଆଜି ଠାରୁ ମଣ୍ଡଳ ସ୍ତରରୁ ' ଜନଆକ୍ରୋଶ ମହିଳା ପଦଯାତ୍ରା' ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନ ବଜାର ମଣ୍ଡଳ, ଗସେଇନୂଆଗାଁ ମଣ୍ଡଳ,ଆସ୍କା ରୋଡ ମଣ୍ଡଳ ର ଓ୍ୱାର୍ଡ ନମ୍ବର ୧୨, ୧୩, ୧୪, ୧୮, ୧୯, ୨୬, ୨୭, ୨୮, ୨୫, ୧, ୨, ୩, ୪, ୫, ୬ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ ମହିଳା କାଳ ବୈଶାଖୀର ବର୍ଷା ପବନ ସତ୍ତ୍ୱେ ବିରୋଧୀଙ୍କ ଉପରେ ବିଭିନ୍ନ ନାରା ଦେଇ ସ୍ଥାନୀୟ ଖାଲା ସାହି ଛକ ଠାରୁ ଧର୍ମ ନଗର ଦେଇ ହାଉସିଂ ବୋର୍ଡ ବିଜିପୁର କାଲୁଅ ମନ୍ଦିର, ଆସ୍କା ରୋଡ ଦଣ୍ଡକାଳୀ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ । ଏହି ପଦଯାତ୍ରା ବିଧାୟକ କେ ଅନିଲ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ସାନ ବଜାର ମଣ୍ଡଳ ପ୍ରଭାରୀ ମନିତା ଦାଶ, କର୍ପୋରେଟର ସବିତା ସାହୁ, ବର୍ଷା ବିଦୁସ୍ମିତା, ନାରୀ ନେତ୍ରୀ ସୁମତୀ ସେଠୀ, ପି ଭାରତୀ, ସନ୍ତୋଷିନି ଗଉଡ, ସନ୍ତୋଷୀ, ରବୀନ୍ଦ୍ର ସାହୁ, ଜଗନ୍ନାଥ ଜେନା, ବାଳକୃଷ୍ଣ ସାମନ୍ତରାୟ, ଗନ୍ନା ସ୍ୱାମୀ, ଶ୍ରୀକାନ୍ତ ସାହୁ, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଲ, ଏମ ଜଗଦୀଶ, ଗୋପାଳ ରଥ, ଅନୁପ ପଣ୍ଡାଙ୍କ ସମେତ ବହୁ ମହିଳା ଯୁବ ନେତା ଶିବଯାଦବ, ଭିକି ଆଚାରୀ ପ୍ରମୁଖ ଏହି ପଦ ଯାତ୍ରାରେ ସାମିଲ ଥିଲେ । ଏହି ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତାକାଲି ଆଉ ଏକ ମଣ୍ଡଳରେ ହେବ ।



# ଟିପିଏସ୍‌ଓଡିଏଲ୍ ପକ୍ଷରୁ ବ୍ରହ୍ମପୁରରେ ରକ୍ତଦାନ ଶିବିର



ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସାମାଜିକ ଦାୟିତ୍ୱ ଏବଂ ସମୁଦାୟର କଲ୍ୟାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଇ ବ୍ରହ୍ମପୁରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଛି । ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଗୁଡ଼ିକରେ ନିରାପଦ ରକ୍ତର ଜରୁରୀ ଆବଶ୍ୟକତା ପୂରଣ କରିବା ଏବଂ ଜରୁରୀକାଳୀନ ସମୟରେ ରକ୍ତ ସଞ୍ଚାରଣ ସହାୟତା ପ୍ରଦାନ କରିବା ଏହି ଉଦ୍ୟମ ମାଧ୍ୟମରେ ଲକ୍ଷ୍ୟ ରଖାଯାଇଛି । ଆୟୋଜିତ ରକ୍ତଦାନ ଶିବିର ଶିକ୍ଷାବିତ ତଥା ସମାଜସେବୀ ମଞ୍ଜୁ ଗର୍ଗଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ସେ ଏହି ଉଦ୍ୟମର ପ୍ରଶଂସା କରିବା ସହିତ ଏଭଳି ଜୀବନ ରକ୍ଷାକାରୀ କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ଏଥିରେ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇଥିଲେ । ଆୟୋଜିତ ଶିବିରରୁ ମୋଟ ୪୩ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଏହି ଉଦ୍ୟମ ଜନସ୍ୱାସ୍ଥ୍ୟ ଏବଂ ସମୁଦାୟର କଲ୍ୟାଣ ପ୍ରତି ଟିପିଏସ୍‌ଓଡିଏଲର ଥିବା ଅର୍ଥପୂର୍ଣ୍ଣ ଯୋଗ ଦାନକୁ ଦର୍ଶାଉଛି । ଉଲ୍ଲେଖଯୋଗ୍ୟ ଯେ ଚଳିତ ଆର୍ଥିକ ବର୍ଷରେ ଏହା ବ୍ରହ୍ମପୁର ସର୍କଲର ପ୍ରଥମ ରକ୍ତଦାନ ଶିବିର ଅଟେ । ଯେଉଁଥିରେ କର୍ମଚାରୀମାନେ ସ୍ୱେଚ୍ଛାରେ ସାମିଲ ହୋଇ ନିଜର ନାଗରିକ ଦାୟିତ୍ୱ ଏବଂ ସାମୂହିକ ଉଦ୍ଦେଶ୍ୟ ପ୍ରତି ଥିବା ଦୃଢ଼ ଭାବନାକୁ ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ହେଉଛି ସମାଜ ପ୍ରତି ଏକ ଶକ୍ତିଶାଳୀ ଅବଦାନ । ଏଥିସହିତ ଜୀବନ ରକ୍ଷା କରିବାର ମାର୍ଗ । ଆମ କର୍ମଚାରୀମାନଙ୍କର ଏଥିରେ ଯୋଗଦାନ ଦେଖି ବହୁତ ଉତ୍ସାହିତ ହେଉଛୁ । ଟିପିଏସ୍‌ଓଡିଏଲରେ ଆମେ ସମୁଦାୟର ସେବାକୁ ଏକ ସମନ୍ୱିତ ଦାୟିତ୍ୱ ଭାବରେ ଗଢ଼ି ତୋଳିବା ପାଇଁ ପ୍ରତିବଦ୍ଧ ରହିଛୁ । ଟିପିଏସ୍‌ଓଡିଏଲ୍ ତାର କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନିରନ୍ତର ସାମାଜିକ ଉଦ୍ୟମ ମାଧ୍ୟମରେ ସୁସ୍ଥ ଏବଂ ସ୍ଥିର ସମୁଦାୟର ଗଠନ ଦିଗରେ ଏକ ସକ୍ରିୟ ଭୂମିକା ଗ୍ରହଣ କରୁଛି ।

# ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବ ଉତ୍ସବ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଓ ଫେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଏହି ସାଂସ୍କୃତିକ ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଓ ଗ୍ରୀଷ୍ମ ପାଠ୍ୟକ୍ରମ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଉଦଘାଟନ କରି ଶୃଙ୍ଖଳା, ଅଧ୍ୟବସାୟ ଓ ପିତାମାତା, ଗୁରୁଜନଙ୍କ ଆଶୀର୍ବାଦକୁ ପାଥେୟ କରି ସଫଳ ଭବିଷ୍ୟତ ଗଢିବାକୁ ଛାତ୍ରଛାତ୍ରୀଙ୍କୁ ଦଗଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହୋଇ ସମାଜ ତଥା ଦେଶରେ ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଉପାଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର ଏଠାରେ ପ୍ରଚଳିତ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ, କ୍ରୀଡ଼ା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ କମଳିକା ପ୍ରିୟଦର୍ଶିନୀ ସାହୁଙ୍କ ପ୍ରାରମ୍ଭିକ ଓଡିଶୀ ନୃତ୍ୟ ମନମୁଗ୍ଧକର ହୋଇଥିଲା । ବିଭିନ୍ନ ପର୍ଯ୍ୟାୟରେ ସଂକେତ ମହାରଣା, ଆୟୁଷ୍ମାନ ଜେନା, ପ୍ରତିଭା ପ୍ରିୟଦର୍ଶିନୀ, ଅରୁଣ କୁମାର ଦତ୍ତ, ଅର୍ଚ୍ଚିତା ଷଡଙ୍ଗୀ, ସୁପ୍ରିୟା ସାମଲ, ମାନସୀ ନାୟକ ଗାୟତ୍ରୀ ବେହେରା ଓ ଅନ୍ୟମାନେ ଏକକ ଓ ଦଳଗତ ନୃତ୍ୟଗୀତ ପରିବେଷଣ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଉତ୍ସବରେ ଉପସ୍ଥିତ ଥିଲେ ।



## ବେଙ୍ଗମାଧବପୁର ଓ ଖମଣ ଗୁରୁସାହିରେ ଜବରଦଖଲ ଉଚ୍ଛେଦ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ପୁଲିସ ଓ ରାଜସ୍ୱ ବିଭାଗ ଉପସ୍ଥିତିରେ ଆଜି ବଡବିରୁହାଁ ପଂଚାୟତର ବେଂଗମାଧବପୁର ଗ୍ରାମ ଓ ଖମଣ ପଂଚାୟତର (ଗୁରୁସାହି) ରେ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରକାଶଯେ ପୂର୍ବରୁ ଜବରଦଖଲ ନେଇ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ବେଂଗମାଧବପୁର ମୌଜାର ଖାତା ନମ୍ବର ୧୧୯ ପ୍ଲଟ ନମ୍ବର ୫୫୪, ୫୧୭, ୫୧୮ ରକବା ୧୭ ଡିସିମିଲ କିସମ ରାସ୍ତା ଖାତା ନମ୍ବର ୧୨୦ ରକ୍ଷିତ ପ୍ଲଟ ନମ୍ବର ୫୧୪, ୫୧୫, ୫୪୨ ରକବା ୧୧ଡିସମିଲ, କିସମ ଜଳାଶୟ ଓ ରାସ୍ତାର ସୀମା ନିର୍ଦ୍ଧାଁରଣ କରିବା ପାଇଁ ମାପ କରାଯାଇଥିଲା। ଏହି ମାପରେ ସହଯୋଗ କରିବା ପାଇଁ ବେଂଗମାଧବପୁର ଗ୍ରାମର ମଣିନାଥ ସେଠୀ, ଶୈଳବାଳା ବାରିକ, ମଧୁସୂଦନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ନୃସିଂହ ପରିଡା, ରାମ ଚନ୍ଦ୍ର ସାହୁ, ରଘୁନାଥ ବିଶ୍ୱାଳ, ଗୋପୀନାଥ ସାହୁ, ଘନଶ୍ୟାମ ସାହୁ, ବୃନ୍ଦାବନ ସାହୁ, ବାସନ୍ତୀ ସାହୁଙ୍କୁ ନୋଟିସ ଜାରି କରାଯାଇଥିଲା। ଆଜି ମାପ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସେହିପରି ଖମଣ ଗୁରୁସାହିର ଖାତା ନମ୍ବର ୭୪୯, ପ୍ଲଟ ନମ୍ବର ୧୩୭୦ କିସମ ଗୋଚର ଜମିକୁ ମଧ ଜବରଦଖଲ ମୁକ୍ତ କରାଯାଇଛି। ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ବଡବିରୁହାଁ ରାଜସ୍ୱ ନିରିକ୍ଷକ ରଶ୍ମିତା ସେଠୀ, ପାଣିକୋଇଲି ଥାନା ସବଇନ୍ସପେକଟର ବିଶ୍ୱରଂଜନ ଦାସ, ଶଙ୍ଖଛିଲା ଫାଣି ଅଧିକାରୀ ଦେବ୍ରତ ମହାନ୍ତି ସଦଳବଳେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବିରୂପା ମହୋତ୍ସବ ଉଦଯାପିତ

# ମଧୁବାବୁଙ୍କୁ ଛାଡ଼ି ଓଡିଆ ଜାତିର ଇତିହାସ ଲେଖା ଯାଇପାରିବନି

ସାଲେପୁର, (ସବ୍ୟୁ) : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଛାଡି ଏ ଓଡ଼ିଆ ଜାତିର ଇତିହାସ ଲେଖାଯାଇ ପାରିବନି ବୋଲି ବିରୂପା ମହୋତ୍ସବ ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସାଲେପୁର ବ୍ଲକ ଗୋପୀନାଥପୁର ହରିଡ଼ା ପଡିଆ ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ଦ୍ୱାରା ୫ ଦିନ ଧରି ଅନୁଷ୍ଠିତ ହେଉଥିବା ବିରୂପା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ମହୋତ୍ସବର ମୁଖ୍ୟ ଉପଦେଷ୍ଟା ସମାଜସେବୀ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଟେଟ୍ରା ହାଇଡ୍ରେନ କଲେଜର ଚେୟାରମ୍ୟାନ ତ୍ରିଦେବ ବେହେରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଜାତୀୟ ସୁରକ୍ଷା




ଆରକ୍ଷୀ ଅଧିକ୍ଷକ ଶଶୀଭୁଷଣ ପଣ୍ଡା ଓ ମହୋତ୍ସର ଆବାହକ ଶ୍ରୀକାନ୍ତ ସାମଲ ଯୋଗଦେଇ ଓଡ଼ିଆ କଳା, ସାଂସ୍କୃତିକ ପ୍ରଚାର ପ୍ରସାର ଓ ଅଞ୍ଚଳର ପିଲାମାନଙ୍କର ପ୍ରତିଭାକୁ ବିକଶିତ କରିବା ଦିଗରେ ଗ୍ରାମାଞ୍ଚଳର ଏହି ବିରୂପା ମହୋତ୍ସବ ଆମ ରାଜ୍ୟରେ ଏକ ବିରାଟ ମାଧମ ସାଜିଛି ବୋଲି ପ୍ରକାଶ କରିଥିଲେ। ସାଂସ୍କୃତିକ ସଭାରେ ଅନୁଷ୍ଠାନର ସମ୍ପାଦକ ବିଶ୍ୱରଂଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସାଂସ୍କୃତିକ ମଞ୍ଚରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଉଦଯାପନୀ ସନ୍ଧ୍ୟାରେ କଟକର କଳା କୋଇଲି ନୃତ୍ୟଶିଳ୍ପୀ ମାନଙ୍କ ନୃତ୍ୟ ସହିତ ଓଡିଶାର ଲୋକପ୍ରିୟ ସୁନାମଧନ୍ୟା କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ସଙ୍ଗୀତ ଯାଦୁରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ମହୋତ୍ସବ ପଡିଆ ଗ୍ରାମୀଣ ବଜାରରେ ପ୍ରବଳ ଜଣସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ସୁରେଶ କୁମାର ରାଉତ, ଅଜୟ କୁମାର ଲେଙ୍କା, ବନମାଳୀ ପ୍ରଧାନ, ପ୍ରଶାନ୍ତ କୁମାର ଭୂୟାଁ, ଜ୍ୟୋତି ରଞ୍ଜନ ରାଉତ ଓ ରମେଶ ଲେଙ୍କା ପ୍ରମୁଖଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଶୋଇଛି ୧୫ଟି ୧୧କେଭି ବିଦ୍ୟୁତ ଖୁଣ୍ଟ

ପଟ୍ଟାମୁଣ୍ଡାଇ ,(ସବ୍ୟୁ) : ପଟ୍ଟାମୁଣ୍ଡାଇ ବିଦ୍ୟୁତ ବିଭାଗ ଅଧୀନରେ ଥିବା ଦୋଶିଆ - ଆନନ୍ଦପୁର କେନାଲ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ଲାଇନ ଖୁଣ୍ଟ ଗୁଡିକ ଦୀର୍ଘ ଦିନ ହେଲା ଧୀରେ ଧୀରେ ତଳ ଆଡକୁ ଢଳି ବିପଦସଙ୍କୁଳ ଅବସ୍ଥାରେ ଶୋଇଛି ।ଜାଣିଅଜଣା ସାଜିଛି ବିଦ୍ୟୁତ ବିଭାଗ । ଅଭିଯୋଗ ଅନୁଯାୟୀ ଦୋଶିଆ - ଆନନ୍ଦ ପୁର କେନାଲ ବନ୍ଧ କଡେ କଡେ ବିଦ୍ୟୁତ ବିଭାଗ ତରଫରୁ ହାଇ ୧୧କେଭି ବିଦ୍ୟୁତ ଲାଇନ ଖୁଣ୍ଟ ପଡି ଟଣା ଯାଇଛି । କେନାଲ ବନ୍ଧ କଡେ କଡେ ପଡ଼ିଥିବାରୁ ବହୁ ଉଚ୍ଚତା ବିଶିଷ୍ଟ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ତଳ ମୁହାଁ ହୋଇ ଢଳି ପଡ଼ିଲାଣି । ଏପରିକି ସ୍ଥାନେ ସ୍ଥାନେ ବିଦ୍ୟୁତ ଖୁଣ୍ଟ ଗୁଡିକ ୪୫ଡିଗ୍ରୀ ପର୍ଯ୍ୟନ୍ତ ଢଳି ପଡିଥିବା ଦେଖିବାକୁ ମିଳୁଛି । ଦୋଶିଆ ,ଆନନ୍ଦ ପୁର ଏବଂ ଶ୍ୟାମସୁନ୍ଦର ପୁର ଆଦି ତିନୋଟି ଗ୍ରାମର ଗ୍ରାମବାସୀ ,ଗୋପାଳିତ ପଶୁ ଓ ଘରଦ୍ୱାର ଭବିଷ୍ୟତରେ ଦୁର୍ଘଟଣାର ଶିକାର ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏଥି ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀ,ଏସ ଡି ଓ ଙ୍କୁ ଅଭିଯୋଗ ଦେବା ପରେବି କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀ ଆଜି ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦୁର୍ଘଟଣା ଘଟିଲେ ଦାୟୀ କିଏ ହେବ ବୋଲି ପ୍ରଶ୍ନ କରିଥିଲେ । ପ୍ରତ୍ୟେକ ବିଭାଗୀୟ ଅଧିକାରୀ ନିଜ ମୁଣ୍ଡରୁ ଦୋଷ ଖସେଇବା ପାଇଁ କାମ କରିଦେବା କହି ପରସ୍ପରକୁ ଦାୟୀ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏଣୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରା ନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଯୁବ ସମାଜସେବୀ ଅଜିତ ରାଉତ ,ସତ୍ୟବ୍ରତ ପ୍ରଧାନ,ରଞ୍ଜନ ରାଉତ,ପ୍ରଭାତ ରାଉତ,ପଙ୍କଜ ବିଶ୍ୱାଳ,କ୍ଷେତ୍ରବାସୀ ଦାସ,ଅଭୟ ଦାସ,ଅମୁଲ୍ୟ ସାମଲ,ରାଜେନ୍ଦ୍ର ସଓ୍ୱାଇଁ ପ୍ରମୁଖ ଗ୍ରମବାସୀ ଚେତାବନୀ ଦେଇଛନ୍ତି ।

## ମହାକାଳପଡ଼ାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ

ମହାକାଳପଡ଼ା, (ସବ୍ୟୁ ) କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ବୁଧବାର ମହାକାଳପଡ଼ା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ କରିଥିବାର ଜଣାପଡିଛି । ପ୍ରଥମେ ଅଞ୍ଚଳର ପ୍ରସିଦ୍ଧ ଦେବୀ ମା ରାମଚଣ୍ଡୀ ଙ୍କ ପୀଠରେ ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ ମା ଙ୍କ ପୀଠ ର ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ନେଇ ଆରଆଣ୍ଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସ୍ଥାନୀୟ ଉପଖଣ୍ଡ ଅଧିକାରୀ ଓ ସହକାରୀ ଯନ୍ତ୍ରୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଦେବୀ ପୀଠ କିଭଳି ବେଶ ସରସ ସୁନ୍ଦର ହୋଇପାରିବ ସେନେଇ କଣ ଆବଶ୍ୟକତା ରହିଛି ଏନେଇ ବିଭାଗୀୟ ଅଧିକାରୀ ଙ୍କୁ ସୂଚନା ଦେଇଥିଲେ ସାଂସଦ ଓ ବିଧାୟକ । ପ୍ରକଳ୍ପ ପରିକ୍ରମା କାଳରେ ରାମଚଣ୍ଡୀ ଟ୍ରଷ୍ଟ ର ମୁଖ୍ୟ ତଥା ସ୍ଥାନୀୟ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ସର୍କଲ ଆରଆଇ ବିଜୟ ବେହେରା ପଂଚାୟତ ପିଇଓ ବିଜୟ ବେହେରା ଆଦି ଉପସ୍ଥିତ ଥିଲେ । ପ୍ରକଳ୍ପ କାର୍ଯ୍ୟ ଅନୁଧାନ ପରେ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଆଉଟ ଡୋର ଗୃହ ର ଲୋକାର୍ପଣ କରିଥିଲେ । ଲୋକାର୍ପଣ ସମୟରେ ସାଂସଦ ଓ ବିଧାୟକ ଙ୍କ ସହିତ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ବରିଷ୍ଠ ନାରୀ ନେତ୍ରୀ ଜାନକୀ ପ୍ରଧାନ,ରାମନଗର ସରପଞ୍ଚ ମିଳନ ଦେବନାଥ,ସିଡ଼ିଏମଓ ସଚ୍ଚିଦାନନ୍ଦ ମିଶ୍ର, ମହାକାଳପଡ଼ା ସିଏଚସି ର ଏମଓ ନିରଞ୍ଜନ କର ଆଦି ଉପସ୍ଥିତ ଥିଲେ । ନୂତନ ମେଡିକାଲ ଗୃହ କାର୍ଯ୍ୟକ୍ଷମ ହେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳ ରୋଗୀ ଙ୍କୁ ରାଉଣ୍ଡ ଓ କ୍ଲକ ସେବା ଯୋଗାଇ ଦେବା ରେ ବେଶ ଉପଯୋଗୀ ହେବ ବୋଲି ଗଣ ମାଧ୍ୟମକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ମିଶ୍ର କହିଛନ୍ତି । ସ୍ଥାନୀୟ ବ୍ଲକ ର ଉପକୂଳ ଅଞ୍ଚଳ ରାମନଗର, ଖରିନାସି, ପେଟଛେଲା ବରକନ୍ଧା,ବଉଳକଣି ଓ ଜମ୍ବୁ ଆଦି ପଂଚାୟତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମିତ୍ତ ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ କେନ୍ଦ୍ର ର ଭିତ୍ତି ଭୂମି,ଚିକିତ୍ସକ ଓ ସହାୟକ ପଦବୀ କେବେ ଖାଲି ପଡିବ ନାହିଁ ବୋଲି କଥା ରଖିଥିଲେ । ପରେ ପରେ ବିଧାୟକ ଡ଼. ନାୟକ ବଉଳକଣୀ ପଂଚାୟତ ର ନୂତନ ଗୃହ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିଲେ । ସହଯୋଗୀ ଭାବେ ସାଥିରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଓ ବରିଷ୍ଠ ନେତ୍ରୀ ଶ୍ରୀମତୀ ପ୍ରଧାନ ବଉଳକଣୀ ସରପଞ୍ଚ ସାଲବେଗ ମାହାଳି ଓ ସମିତିସଭ୍ୟା ପ୍ରିୟଙ୍କା ମଲ୍ଲିକ ଆଦି ଉପସ୍ଥିତ ଥିଲେ । ଉଭୟ ସ୍ଥାନରେ ଅତିଥି ମାନଙ୍କୁ କାର୍ଯ୍ୟକ୍ରମ କୁ ସ୍ୱାଗତ କରାଯାଇଥିଲା ଦଳୀୟ କର୍ମୀଙ୍କ ଗହଣରେ ଯାଇ ଲୋକାର୍ପଣ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ନେତୃମଣ୍ଡଳୀ । ରାମଚଣ୍ଡୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଲୋକାର୍ପଣ ରେ ଉପସ୍ଥିତ ଥିଲେ ।

## ବେଆଇନ ବାଲିଘାଟ ବନ୍ଦ କରିବା ନେଇ ତହସିଲଦାରଙ୍କୁ ଦାବୀପତ୍ର

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅଂଚଳରେ ବେଆଇନ ବାଲି ଘାଟ ଚାଲୁଥିବା ନେଇ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟଓ ମିଳିତ କ୍ରିୟା ନୁଷ୍ଠାନ କମିଟି ପକ୍ଷରୁ ସଭାପତି ଗୟାଧର ମଳିକଙ୍କ ଅଧକ୍ଷତାରେ ବାଲି ଘାଟ ବନ୍ଦ ପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ଦାବିପତ୍ର ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରାଙ୍କ ଜରିଆରେ ପ୍ରଧାନ କରାଯାଇଛି । ତହସିଲଦାର ଦାବୀପତ୍ର ଗ୍ରହଣ କରଛନ୍ତି । ଏଥିରେ ନଠୁଆବର ଗୟାଧର ମଳିକ,ପୂର୍ବତନ ସରପଂଚ ଅକ୍ଷୟ ମଳିକ,ଅମର ମଳିକ,ନିତ୍ୟାନନ୍ଦ ମଳିକ,ଶ୍ୟାମ ସୁନ୍ଦର ମଳିକ,ଦିଲ୍ଲିପ ମଳିକ,କ୍ଷୀରୋଦ ମଳିକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ବ୍ରାହ୍ମଣୀ ନଦୀରେ ଯାବରା,ଖଣ୍ଡିତର ଓ ରାଜେନ୍ଦ୍ରପୁର ବେଆଇନ ବାଲି ଘାଟ ଏବଂ ଖରସ୍ରୋତା ନଦୀରେ ଟିକରପଡା ଠାରେ ବେଆଇନ ବାଲ ଘାଟ ଚାଲୁଥିବା ନେଇ ପ୍ରକାଶ କରିଥିଲେ । ଏନେଇ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଭାପତି ଗୟାଧର ମଳିକ ଆଗରୁ ଯାଜପୁର ଜିଲ୍ଲାପାଳ,ରସୁଲପୁର ତହସିଲଦାର, ଓ ମୁଖ୍ୟମନ୍ତ୍ରୀ ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏବେ କିନ୍ତୁ ଦିନରାତି ଉକ୍ତ ଘାଟ ମାନଙ୍କରୁ ବଡ ବଡ ହାଇଓ୍ୱା ଯୋଗେ ବେଆଇନ ବାଲି ଚାଲାଣ ହେଉଛି । ଏଥି ପାଇଁ ରାଜସ୍ୱ ହାନି ହେଉଛି । ଦ୍ରୁତ ଗତିରେ ହାଇଓ୍ୱା ଯିବା କାରଣୁ ପରିବେଶ ପ୍ରଦ୍ୟୁଷଣ ହେବା ସାଙ୍ଗକୁ ରାସ୍ତା ଘାଟ ନଷ୍ଟ ହେଉଛି ।ଦୈନିକ ଦୁର୍ଘଟଣା ହେଉଛି ଜନ ଜୀବନ ଯାଉଛି । କିଛି ମୁନାଫା ଖୋର ଅଫିସର ମାନଙ୍କ ପାଇଁ ବେଆଇନ ବାଲି ଚାଲାଣ ବନ୍ଦ ହୋଇପାରୁନାହିଁ । ଅଗାମୀ ଦିନରେ ଉକ୍ତ ବେଆଇନ ବାଲି ଘାଟ ବନ୍ଧ କରାନଗଲେସଂଘ ଆନ୍ଦୋଳନକୁଜୋରଦାର କରିବ ବୋଲି ପ୍ରକାଶ କରିଛନ୍ତି ।

## ୧୯୯୭ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ଥ ବାଉତରା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୭ ମ୍ୟାଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଉତରା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଦାସ,ଦିବାକର ସାମଲ,କୀର୍ତ୍ତନ ମଲ୍ଲିକ,ଗଜେନ୍ଦ୍ର ନାୟକ,ପ୍ରଫୁଲ୍ଲ ମହାପାତ୍ର, ଚତୁର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ବିଶ୍ୱାଳଙ୍କ ସମେତ ବର୍ତ୍ତମାନର ସମସ୍ତ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଶିକ୍ଷକ ମାନଙ୍କୁ ବିଦ୍ୟାଳୟ ଫାଟକ ନିକଟରୁ ବାଜା ବଜେଇ ବାଣ ଫୁଟେଇ ସ୍ୱାଗତ କରି ସଭାମଞ୍ଚ ନିକଟକୁ ପାଛୋଟି ଆଣିଥିଲେ ସଭାମଞ୍ଚରେ ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ ବର୍ତ୍ତମାନ ଅଧ୍ୟୟନ ରତ ଛାତ୍ରୀମାନେ ବନ୍ଦେ



ଉତ୍କଳ ଜନନୀ ସଂଗୀତରେ ନୃତ୍ୟ ପରିବେଷଣ କରିଥିବାବେଳେ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ପ୍ରାକ୍ତନ ଛାତ୍ର ପ୍ରଶାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ପରମେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୧୯୯୭ ମସିହା ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସର ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିବାରେ ୧୯୯୭ ମ୍ୟାଟ୍ରିକ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ । ଦୀର୍ଘ ୨୯ ବର୍ଷ ପରେ ଛାତ୍ର ଛାତ୍ରୀ ମାନେ ପରସ୍ପରକୁ ଭେଟି ବହୁତ ଆନନ୍ଦ ଲାଭ କରିଥିଲେ

## ଭାବଗ୍ରାହୀ କଳା ନିକେତନରେ ବିଶ୍ୱ ନୃତ୍ୟ ଦିବସ ପାଳିତ

କେନ୍ଦ୍ରାପଡା, (ସବ୍ୟୁ) : ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ତଥା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଆନ୍ତର୍ଜାତୀୟ ନୃତ୍ୟ ଦିବସ ଯଥାବିଧି ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା ଏବଂ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ଅତିଥି ଭାବରେ ଯୋଗଦେଇ ଆନ୍ତର୍ଜାତୀୟ ନୃତ୍ୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଗାୟକ ତଥା ଗୀତିକାର ବିମଳ ପରିଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରି ଅନ୍ତର୍ଜାତୀୟ ନୃତ୍ୟ ଦିବସ ସମ୍ପର୍କରେ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ଆଧୁନିକ ବାଲେ ନୃତ୍ୟର ସ୍ରଷ୍ଟା ଜିନ୍ ଜର୍ଜ ନୋଭରେଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୯ ତାରିଖ, ତାଙ୍କ ଜନ୍ମ ଦିନକୁ ୧୯୮୨ ମସିହାରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ଭାବରେ ସମଗ୍ର ବିଶ୍ୱରେ ପାଳନ କରାଯାଉଅଛି । ବାସ୍ତବରେ ନୃତ୍ୟକୁ ଏକ ବୃତ୍ତିଗତ କଳା ଭାବେ ସ୍ୱୀକୃତି ପ୍ରଦାନ କରିବାକୁ ଏହି ନୃତ୍ୟ ଦିବସ ଏକ ଅଭିନବ ପ୍ରୟାସ । ଏହି ଅବସରରେ ଭାବଗ୍ରାହୀ କଳା ନିକେତନର ବିଶିଷ୍ଟ ନୃତ୍ୟଶିଳ୍ପୀ ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ, ଅଙ୍କିତା ପରିଡା, ରନିମଞ୍ଜରୀ ପରିଡା, ଶ୍ୱେତା ପ୍ରିୟଦର୍ଶିନୀ ସାହୁ, ଅଙ୍କିତା ସାହୁ, ଅର୍ପିତା ସାହୁ, ଅଭିଲିପ୍ସା ସାହୁ, ପ୍ରୀତିପ୍ରଜ୍ଞା ବିଶ୍ୱାଳ ପ୍ରମୁଖ ଓଡ଼ିଶୀ ନୃତ୍ୟ ସମେତ ସମ୍ବଲପୁରୀ, ଆଧୁନିକ ଓ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । ସୁସ୍ଥ ଶରୀର ପାଇଁ ନୃତ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଚିକିତ୍ସା କ୍ଷେତ୍ରରେ ନୃତ୍ୟ ଥେରାପୀ ବ୍ୟବହାର କରାଯାଉଛି । ଏହି କ୍ରମରେ ନୃତ୍ୟ ଶିଳ୍ପୀମାନେ ନୃତ୍ୟକୁ ବୃତ୍ତି ଭାବରେ ଗ୍ରହଣ କରି ଶାରୀରିକ ସ୍ୱାସ୍ଥ୍ୟ ଭଲ ରଖିବା ସହିତ ସମ୍ମାନର ସହିତ ଦୁଇ ପଇସା ରୋଜଗାର କରିବା ପାଇଁ ଅତିଥିମାନେ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ପେରିତ କରିଥିଲେ । ଶେଷରେ ପ୍ରଦ୍ୱକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ଦଫା ଦାବିରେ ୟୁଜେଏ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବ୍ୟାସନଗର, (ଜିପ୍ର): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ୬ ଦଫା ନ୍ୟାର୍ଯ୍ୟ ଦାବିନେଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପ୍ରିଲ ୨୯ ତାରିଖ ଦିନ ଉକିଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ୨୨ଟି ରାଜ୍ୟପରି ଓଡ଼ିଶାରେ ବୃଦ୍ଧ ସାମ୍ବାଦିକ ମାନଙ୍କୁ ପେନ୍‌ସନ୍ ପ୍ରଦାନ, ସ୍ୱାସ୍ଥ୍ୟ ବିମା ଯୋଜନାରେ ପିତାମାତା ଓ ୨୫ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ, ଅଧୀସ୍ୱୀକୃତି କମିଟିର ପୁନର୍ଗଠନ କରି ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ସାମ୍ବାଦିକମାନଙ୍କୁ ସେଥିରେ ସାମିଲ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ସଂଘ ଡାକରାରେ ରାଜ୍ୟବ୍ୟାପି ଚାଲିଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା



ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା । ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସଂଯୋଜକ ମଦନ ପାଣି, ଜିଲ୍ଲା ସାଧାରଣ ସଂପାଦକ ପବିତ୍ର ରଂଜନ ମହାନ୍ତି, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରିୟ ରଞ୍ଜନ କର,ବିପ୍ଳବ ବିଜୟ ପଣ୍ଡା, ଶରତ ମହାରଣା, ଶ୍ରୀମନ୍ତ କୁମାର ଜେନା, ସୁଦିପ୍ କୁମାର ମିଶ୍ର, ଭାଗିରଥି ବାରିକ, ବିନୟ ରଂଜନ ଜେନାମଣି, ଆନନ୍ଦ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ପ୍ରଦ୍ୟୁମ୍ନ କୁମାର ବୋଇତେଇ, ଶୁଭାଶିଷ ଦାସ ମହାପାତ୍ର, ଦେବେନ୍ଦ୍ର କୁମାର ବେହେରା, ରାକେଶ କୁମାର ସାହୁ, ଦିଲ୍ଲୀପ କୁମାର ପରିଡ଼ା, ବାବୁଲି ରାଉତ, ମନୋରଂଜନ ମଲ୍ଲିକ, ପ୍ରଦୀପ କୁମାର ଜେନା, ଜିତେନ୍ଦ୍ର ରାଉତ, ପ୍ରମୋଦ କୁମାର ପାତ୍ର, ଆଶୁତୋଷ ମହାନ୍ତି, ସଂଜୟ କର, ଲିଙ୍ଗରାଜ ସାହୁ, ପ୍ରହଲ୍ଲାଦ ଦାସପ୍ରମୁଖ ବକ୍ତବ୍ୟ ପ୍ରଦାନକରି ଖୁବ୍‌ଶୀଘ୍ର ସରକାର ସାମ୍ବାଦିକଙ୍କ ଦାବି ପୁରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଦୃଢ଼ ହେବବୋଲି ଚେତାବନୀ ଦେଇଥିଲେ । ଦୀର୍ଘ ସମୟ ଧାରଣା ଓ ପ୍ରତିବାଦ ସଭା ଚାଲିବା ପରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ ।

## ୧୫ କୋଟି ବ୍ୟୟରେ ୨ ପ୍ରକଳ୍ପର ଶିଳାନ୍ୟାସ, ୩ ଉଦ୍‌ଘାଟନ

କୋରେଇ, (ସବ୍ୟୁ) : ଆଜି କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ଗ୍ରାମପଂଚାୟତରେ ୧୫କୋଟି ବ୍ୟୟ ଅଟକଳରେ ୨ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଏବଂ ୩ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଆକାଶ ଦାସନାୟକ । ଆଜି ଅପରାହ୍ନରେ ବିଧାୟକ ଶ୍ରୀ ଦାସନାୟକଙ୍କୁ କର୍ମୀମାନେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଗମ୍ଭାରିଆ ଠାରୁ ଦୁଲାଖାପାଟଣା ମେଲଣ ପଡିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରଥମେ ଗମ୍ଭାରିଆ ଠାରେ ଜଳସମ୍ପଦ ବିଭାଗ ପକ୍ଷରୁ ୬କୋଟି ୪୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମକୁନ୍ଦପୁର ଠାରୁ ରେଲୱେ ଲାଇନ ପର୍ଯ୍ୟନ୍ତ ବୈତରଣୀ ନଦୀ ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧର ସୁଦୃଢୀକରଣ ନିମନ୍ତେ ଶିଳାନ୍ୟାସ କରିଥିଲେ । ସେହିଠାରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ମକୁନ୍ଦପୁର ଠାରୁ ଗମ୍ଭାରିଆ ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ୧କୋଟି ୩ଲକ୍ଷ ଟଙ୍କାରେ ନିର୍ମିତ ଦୁଲାଖାପାଟଣା ପି.ଏଚ.ସି.ର ନୂତନ ଗୃହର ଓ ୩୨ଲକ୍ଷ ଟଙ୍କା ରେ ନିର୍ମିତ ଦୁଲାଖାପାଟଣା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ । ପରେ ଦୁଲାଖାପାଟଣା ମେଲଣ ପଡିଆ ଠାରେ ବିଧାୟକଙ୍କ ହାତପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମଂଚ ନିର୍ମାଣ କରାଯାଇଥିଲା । ସେହି ମଂଚକୁ ବିଧାୟକ ଶୁଭ ଉଦ୍‌ଘାଟନ କରିଥିଲେ ।

## ଆଧ୍ୟାତ୍ମିକ ଉନ୍ନତି ବିନା ସମାଜରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ : ଡଃ ଅଚ୍ୟୁତ ସାମନ୍ତ

ରଘୁନାଥପୁର, (ସବ୍ୟୁ): ଆଧ୍ୟାତ୍ମିକ ଉନ୍ନତି ବିନା ସମାଜରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ ବୋଲି ସ୍ମାର୍ଟ ଗ୍ରାମ କଲରାବାଙ୍କର ପ୍ରସିଦ୍ଧ ରଘୁନାଥଜୀଉ ଓ ସଂକଟମୋଚନ ହନୁମାନ ମନ୍ଦିରର ୧୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ମହାଯଜ୍ଞର ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥିଭାବେ ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ କହିଥିଲେ । ଏହା ସହିତ ଧର୍ମକୁ ଉଚ୍ଚାରଣ ଅପେକ୍ଷା ଆଚରଣରେ ଫୁଟାଇ ତୋଳିଲେ ରାମରାଜ୍ୟ ପ୍ରତିଷ୍ଠା ହୋଇ ପାରିବ । ଏଥିରେ ନିଳିମାରାଣି ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୈରୋହିତ୍ୟ କରିଥିଲେ । ଏଥିରେ ସମ୍ମାନିତ



ଅତିଥି ଭାବେ ସମାଜସେବୀ ନିରୁପମା ସାମନ୍ତ, ଶିକ୍ଷାବିତ୍ ଜ୍ୟୋତ୍ସ୍ନା ମିତ୍ର, ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ, କିଟ ବିଦ୍ୟୁତ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ବିଶେଷ ପିତା ମାତାଙ୍କୁ ପୂଜା କରିବା ସହିତ ଧର୍ମ ମାର୍ଗରେ ଗଲେ ସୁଖ ଶାନ୍ତି ଆନନ୍ଦର ଅଧିକାରୀ ହୋଇପାରିବେ । ଏଥିରେ ବିଶେଷ ଅତିଥି ଭାବେ ଆଗାମୀ ଓଡ଼ିଶାର ପ୍ରତିଷ୍ଠାତା ବିଜୟ କୁମାର ସୱାଇଁ ଯୋଗଦେଇ ସ୍ମାର୍ଟ ଗ୍ରାମ କଲରାବାଙ୍କରେ ଡଃ ଅଚ୍ୟୁତ ସାମନ୍ତ ଅନେକ ଗୁଡ଼ିଏ ମନ୍ଦିର ନିର୍ମାଣ କରି ଏହି ଗ୍ରାମକୁ ମନ୍ଦିରମାଳିନୀ ଗଢ଼ି ତୋଳିବା ଦ୍ୱାରା ଏ ଅଂଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବାରୁ ତାଙ୍କୁ ଅଂଚଳ ବାସୀଙ୍କ ପକ୍ଷରୁ ଅଶେଷ କୃତଜ୍ଞତା ଜଣାଇଥିଲେ । ଏହି ୪ଦିନ ଧରି ଯଜ୍ଞ କର୍ମରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ବିଜୟ କୁମାର କର ଶର୍ମା, ପଣ୍ଡିତ ଆଲୋକ କୁମାର ପଣ୍ଡା, ପଣ୍ଡିତ ଅମର ପ୍ରସାଦ ଦାଶ, ପଣ୍ଡିତ ସୁଧିତି ସୁନ୍ଦର ଦାଶ, ପଣ୍ଡିତ ସୁମନ କୁମାର ଦାଶ, ପଣ୍ଡିତ କେଶବ ଚନ୍ଦ୍ର ପଣ୍ଡା, ପଣ୍ଡିତ ଅବିନାଶ ପଣ୍ଡା, ଭୋଳାନାଥ ଦାଶ, ପଣ୍ଡିତ ବନମାଳୀ ଶତପଥୀ, ପଣ୍ଡିତ ଅମର ଲୋଚନ ପଣ୍ଡା, ପଣ୍ଡିତ ଶ୍ରୀନିବାସ ପଣ୍ଡା, ପଣ୍ଡିତ ସୈଭାଗ୍ୟ ଦାଶ ପ୍ରମୁଖ ରଘୁନାଥଜୀଉ ମନ୍ଦିର, ରାଧାକୃଷ୍ଣ ମନ୍ଦିର ଓ ରାମଚଣ୍ଡୀ ମନ୍ଦିରର ୩ଟି ଯଜ୍ଞ ମଣ୍ଡପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଜାରି ରଖିଛନ୍ତି । ପ୍ରତ୍ୟେକ ସଂଧ୍ୟାରେ କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ କଲରାବାଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଆସୁଛି ।

## ଟ୍ରକ ପଛରୁ ଟ୍ରକ ଧକ୍କା, ଚାଳକ ଗୁରୁତର ଆହତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ଏକ ଟ୍ରକ ପଛରେ ଅନ୍ୟ ଏକ ଟ୍ରକ ଦ୍ରୁତ ଗତିରେ ଧକ୍କା ହେବାରୁ ପଛ ଟ୍ରକଟି ଚୁରମାର ହେବା ସହ ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ଚାଳକକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶଯେ ଯାଜପୁରରୋଡ ପଟୁ ଏକ ଲୁହାପଥର ବୋଝେଇ ଟ୍ରକ ( ଓଡି ୨୯ଆର୨୮୩୫) ଆସୁଥିବା ବେଳେ ପଛରୁ



ଦ୍ରୁତ ଗତିରେ ଅସୁଥିବା ଟ୍ରକ (ଓଡି ୨୯ଏନ ୦୦୨୫) ଆସି ଜୋରରେ ଧକ୍କା ଦେଇଥିଲା। ପଛରେ ପିଟି ହୋଇଥିବା ପଛ ଟ୍ରକ ଚାଳକ ଗୁରୁତର ଆହତ ଅବସ୍ଥା ରେ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପୁଲିସ ଘଟଣାସ୍ଥଳେ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ଭୋଜି ଖାଇବା ବେଳେ ଦୁଇ ଗୋଷ୍ଠି ମଧ୍ୟରେ ମାଡପିଟ, ଥାନାରେ ମାମଲା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମରେ ଏକ ଭୋଜି ଚାଲିଥିବା ବେଳେ ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ଘଟି ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି।

ଏନେଇ ଉଭୟ ଗୋଷ୍ଠି ପକ୍ଷରୁ ଥାନାରେ ପୃଥକ ମାମଲା କରାଯାଇଛି। ଏନେଇ ଧର୍ମଶାଳା ପୁଲିସ ୧୭୯/୨୬ ଓ ୧୮୦/୨୬ ରେ ଦୁଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଗଣ୍ଡଗୋଳ ଘଟଣାରେ ପୁଲିସ କାହାରିକୁ ଗିରଫ କରିନାହିଁ ତଦନ୍ତ ପରେ ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ମାହାଙ୍ଗା ବ୍ଲକ ଅଧ୍ୟକ୍ଷାଙ୍କ ନିକଟରେ ଡଙ୍ଗଲ୍ : ଆର୍ଥିକ ଅନିୟମିତତା ହେଲା କିପରି : ତଦନ୍ତ ଦାବି

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ଅଧ୍ୟକ୍ଷା ଦିପା ମଲ୍ଲିକ ଚିଠି ନଂ ୨୧ ତା୨୫.୦୩.୨୦୨୬ରିଖରେ କଟକ ଜିଲ୍ଲାପାଳଙ୍କୁ ମାହାଙ୍ଗା ବ୍ଲକରେ ଇ-ଗ୍ରାମ୍ୟ ସ୍ୱରାଜ ପୋର୍ଟାଲରେ ତଥ୍ୟ ଅପଲୋଡ ହୋଇ ନଥିବାକୁ ନେଇ ମାହାଙ୍ଗାର ପୂର୍ବତନ ଭାରପ୍ରାପ୍ତ ବିଡିଓ ଶୁଭାଶିଷ ପାଲଟାଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଏପରିକି ସେ ପଂଚାୟତରାଜ ଓ ପାନୀୟଜଳ ବିଭାଗକୁ ଲିଖିତ ଜଣାଇଥିଲେ । ପଂଚାୟତରାଜ ଓ ପାନୀୟଜଳ ବିଭାଗ ଚିଠି ନଂ୩୦୯୩୩ ତା ୨୦.୦୪.୨୦୨୬ରିଖରେ କଟକ ଜିଲ୍ଲାପାଳଙ୍କୁ ପଂଚଦଶ ସିଏଫସିର ତଦନ୍ତ କରି ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ପଂଚାୟତରାଜ ବିଭାଗର ଯୁଗ୍ମ ସଚିବ ନିର୍ଦ୍ଦେଶ ଦେଇଥିଲେ । ପଂଚାୟତ ସମିତି ମାହାଙ୍ଗାଙ୍କୁ ଏ ସଂପର୍କରେ ସୂଚନା କର୍ମୀ ସୂଚନା ତଥ୍ୟ ମାଗିଥିଲେ । ସୂଚନା ତଥ୍ୟ ନଂ୩୭୪ ତା୦୩.୨୦୨୬ରିଖରେ ପ୍ରଦାନ କରାଯାଇଥିବା ୧ନଂ ଓ ୨ନଂ ତଥ୍ୟରେ ଚର୍ତୁଦଶ ସିଏଫ୍‌ସିର ତଥ୍ୟ ପ୍ରଦାନ କରାଯାଇଥିଲା । ଯାହାକି ୨୦୨୪-୨୫ ଆର୍ଥିକ ବର୍ଷର ଥିଲା । କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯେ ମାହାଙ୍ଗାରେ ୧୦କୋଟିର ଆର୍ଥିକ ଅନିୟମିତତା ଘଟଣା ଅଧ୍ୟକ୍ଷାଙ୍କ ଅଭିଯୋଗ ପରେ ପାଲଟାଙ୍କ ଅଡୁଆ ବଢ଼ିଲା । ଏ ସଂପର୍କରେ ପୂର୍ବତନ ମାହାଙ୍ଗା ବ୍ଲକ ଭାରପ୍ରାପ୍ତ ବିଡିଓ ଶୁଭାଶିଷ ପାଲଟାଙ୍କୁ ଯୋଗଯୋଗ କରିବାରୁ ସେ ସୂଚନା ଦେଇଥିଲେ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ପଂଚଦଶ ଅର୍ଥ କମିଶନରଙ୍କ ପାଣ୍ଠିରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବା ପାଇଁ ଟଙ୍କାଟିଏ ଉଠିନାହି କି ଖର୍ଚ୍ଚ କରାଯାଇ ନାହିଁ । ମାହାଙ୍ଗା ବ୍ଲକ ଅଧ୍ୟକ୍ଷାଙ୍କ ନିକଟରେ ଡଙ୍ଗଲ୍ ରହିଥିଲା ବେଳେ ସେ କିଭଳି ମୋ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି । ଗଣମାଧ୍ୟମ ପ୍ରକାଶିତ ଖବର ଉପରେ ସେ ଆଇନର ଆଶ୍ରୟ ନେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏଠାରେ ପ୍ରଶ୍ନ ଉଠେ ବ୍ଲକ ଅଧ୍ୟକ୍ଷାଙ୍କ ପାଖରେ ଡଙ୍ଗଲ ରହିଥିଲା ବେଳେ ସେ ପଂଚଦଶ ସିଏଫସିର ଅର୍ଥ ଉଠାଇବାକୁ ଦେଇ ନଥିଲେ । ନିଜ ଦୋଷ ଘୋଡାଇବା ପାଇଁ ତତ୍‌କାଳୀନ ବିଡିଓଙ୍କ ଉପରେ ଅଠା ବୋଳିଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସଂପୃକ୍ତ ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଚର୍ତୁଦଶ ସିଏଫସିର ଅର୍ଥ ଇ-ଗ୍ରାମ୍ୟ ସ୍ୱରାଜ ପୋର୍ଟାଲରେ ତଥ୍ୟ ଅପଲୋଡ ହୋଇଛି କି ନାହିଁ ଯଦି ନ ହୋଇଛି ଏ ସଂପର୍କରେ ତଦନ୍ତ କରିବା ଏବଂ ଏଥିରେ ହୋଇଥିବା ବ୍ୟାପକ ଅନିୟମିତତାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଂଚାୟତରାଜ ଓ ପାନୀୟଜଳ ବିଭାଗର ସଚିବଙ୍କ ନିକଟରେ ସର୍ବସାଧାରଣରେ ଦାବି ହେଉଛି ।

# ପିଟୁକୁଳି ଲୋକୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ବୋଲଗଡ଼,(ସବ୍ୟୁ): ଖୋରଧା ଜିଲ୍ଲା ବୋଲଗଡ଼ ବ୍ଲକ ପିଟୁକୁଳି ଠାରେ ରାଜ୍ୟ ସଂସ୍କୃତି ବିଭାଗ ଓ ପିଟୁକୁଳି ବଣିକ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ 'ନୀଳକଣ୍ଠେଶ୍ୱର ଲୋକୋତ୍ସବ-୨୦୨୬'ର ଦ୍ୱିତୀୟ ସନ୍ଧ୍ୟା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସାଧାରଣ ସଭାରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ବାଚସ୍ପତି ପିଟୁକୁଳି ମାଟିର ଐତିହାସିକ ଗୌରବ ଗାନ କରି କହିଥିଲେ ଯେ, ଏହି ଅଞ୍ଚଳ ଓଡ଼ିଶାର ବୀରତ୍ୱ ଓ ସଂସ୍କୃତିର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅଭିହିତ କରିଥିଲେ । ବୀର ପ୍ରସବିନୀ ମାଟି, ବୋଲଗଡ ରଣପୁର ସମନୋୟ ରଣପୁର ପ୍ରଜାମେଳି ବୋଲଗଡ ସହ ଅତୁଳନୀୟ। ଦେଶ ପାଇଁ ଚମ୍ପାଇଲୋ ପାଇଁ ଗାନ୍ଧୀ ଗୋପବନ୍ଧୁ ପାଦ ପର୍ସ କରି ମହାନ କହିଛି । ତାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ସେହିପରି ଓଡ଼ିଶାରେ ସାହିତ୍ୟକୁ ସମୃଦ୍ଧ କରୁଥିବା ଭକ୍ତଚରଣ ଦାସଙ୍କ ସାଧନା ପୀଠ ସାନପଦର ଆମ ପାଇଁ ଗର୍ବ ,ଅଞ୍ଚଳର ସାଂସ୍କୃତିକ ଓ ସାରସ୍ୱତ ସାଧନାକୁ ପ୍ରଶଂସା କରିଥିଲେ। ଏଥିରେ ବୋଲଗଡ ଜଳସେଚନ ସୁଦୃଢ଼ କରିବାକୁ ସୂଚନା ଦେବା ସହ ବୋଲଗଡ କୃଷି କୁ ଶିଳ୍ପ କରିବାକୁ ପ୍ରକାଶ କରିଥିଲେ । ଲୋକୋତ୍ସବ କମିଟିର ସଭାପତି ପବିତ୍ର ମୋହନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ରଣବିଜୁଳି,ପ୍ରକାଶ କୁମାର ରାଉତରାୟ ,ଭାବଗ୍ରାହି ସାହୁ,ବୋଲଗଡ ଏକକ୍ସପ୍ରେସ ବ୍ରଜ ସୁବୁଦ୍ଧି,ପବିତ୍ର ଚୌଧୁରୀ, ବିରଞ୍ଚି ଖାଡ଼ଙ୍ଗା, ଜଗେଶ୍ୱର୍ ସୁନ୍ଦରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ପିଟୁକୁଳି ଆଦର୍ଶ ବିଦ୍ୟାଳୟ ଅଧକ୍ଷ ତାପସ କୁମାର ଦ୍ୱିବେଦୀ, କୃତୀ ଛାତ୍ର ରୁଦ୍ର ମାଧବ ବେହେରା, ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ର, ମାନସ କୁମାର ବେହେରା, ସାମ୍ବାଦିକ ସୁରେଶ କୁମାର ସାମନ୍ତରାୟ ଓ ଦେବବ୍ରତ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀକାନ୍ତ କୁମାର ନାୟକ ସଭା ସଂଯୋଜନା କରିଥିବା ବେଳେ ଶେଷରେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋରମ ମାଫିଆଙ୍କ ଗଡ଼ରେ ଚନ୍ଦକା ପୋଲିସର ସର୍ଜିକାଲ ଷ୍ଟ୍ରାଇକ
## ୬ ମାସରେ ୫୦ରୁ ଉର୍ଦ୍ଧ୍ୱ ଗାଡ଼ି ଜବତ, ୩୦ ଗିରଫ

ବାରଙ୍ଗ,(ସବ୍ୟୁ):ଚନ୍ଦକା ଅଞ୍ଚଳରେ ମୋରମ ମାଫିଆଙ୍କ ପ୍ରାଦୁର୍ଭାବ ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସାଜିଥିବା ବେଳେ, ଚନ୍ଦକା ପୋଲିସ ଏବେ ପୁରା ଆକ୍ସନ ମୁଡ଼ରେ। ବେଆଇନ ମୋରମ କାରବାର ଉପରେ ରୋକ ଲଗାଇବା ପାଇଁ ପୋଲିସ ବଡ଼ ନିଷ୍ପତ୍ତି ନେଇଛି, ଯାହା ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ଗତ ୬ ମାସ ଭିତରେ ପୋଲିସ ୫୦ରୁ ଅଧିକ ମୋରମ ଗାଡ଼ି ଜବତ କରିବା ସହ ୩୦ରୁ ଅଧିକ ଗାଡ଼ି ଚାଳକଙ୍କୁ ଗିରଫ କରି ଥାନା ହାଜତକୁ ପଠାଇ ସାରିଲାଣି।

ଏହି କ୍ରମରେ ମଙ୍ଗଳବାର ରାତିରେ ଏକ ବଡ଼ ଧରଣର ସଫଳତା ପାଇଛି ଚନ୍ଦକା ପୋଲିସ। ଥାନା ଅଧିକାରିଣୀ ସମିତା ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗୋଠପାଟଣା ଅଞ୍ଚଳରେ ରାତିଅଧିଆ ଚଢ଼ାଉ କରି ୩ଟି ଜେସିବି ଓ ୪ଟି ହାଇୱା ଜବତ କରିଛନ୍ତି।ଓଡି ୦୨ ବିକେ ୧୩୩୮ ,ଓଡି ୦୨ ବିୱାଇ ୧୪୫୬,ଓଡି ୦୨ ସିଏନ ୬୫୨୮ଓଡି ୦୨ ଏୱାଇ ୬୫୨୮ ନମ୍ବର ହାଇୱା ଓ ଓଡି ୦୨ସିକେ ୬୨୬୨,ଓଡି ୩୩ଯେ ୧୭୩୫,ଓଡି ୩୩ବିକେ ୧୮୫୨ ନମ୍ୱର ଜେଶିବି ଜବତ କରିଛି । ଏହି ଚଢ଼ାଉ ସମୟରେ ପୋଲିସ ହାତରେ ଏକ ଗୁରୁତ୍ୱପୂର୍ଣ୍ଣ ଡାଇରୀ ଲାଗିଛି, ଯେଉଁଥିରେ ମୋରମ କେଉଁ ସବୁ ସ୍ଥାନକୁ ଚୋରା ଚାଲାଣ ହେଉଥିଲା ଏବଂ ଏଥିରେ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ସମସ୍ତ ହିସାବ ରହିଛି। ଘଟଣାସ୍ଥଳରୁ ପୋଲିସ ୨ ଜଣ ଚାଳକଙ୍କୁ ଅଟକ ରଖିଥିବା ବେଳେ ଅନ୍ୟମାନେ କୌଶଳକ୍ରମେ ଫେରାର ହୋଇଯାଇଛନ୍ତି। ବର୍ତ୍ତମାନ ପୋଲିସ ଏ ସମ୍ପର୍କରେ ଖଣି ବିଭାଗକୁ ଅବଗତ କରାଇବା ସହ ଏହି ବେଆଇନ କାରବାରର ମୁଖ୍ୟ ସୂତ୍ରଧାର ବା 'ମାଷ୍ଟରମାଇଣ୍ଡ'କୁ ଧରିବା ପାଇଁ ତଦନ୍ତ ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ପୋଲିସର ଏହି ନିରନ୍ତର କାର୍ଯ୍ୟାନୁଷ୍ଠାନ ଏବେ ଅଞ୍ଚଳର ମୋରମ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି।

# ଓଡ଼ିଶାରେ ଏପିକ ଗ୍ରୁପ: ଉଦ୍‌ଘାଟିତ ହେଲା ଦେଶର ପ୍ରଥମ 'ନେଟ-ଜିରୋ' ପୋଷାକ କାରଖାନା



ନିରାକାରପୁର,(ସବ୍ୟୁ) :ଓଡ଼ିଶାର ଶିଳ୍ପ ବିପ୍ଳବରେ ଆଜି ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ବିଶ୍ୱର ପ୍ରତିଷ୍ଠିତ ପୋଷାକ ପ୍ରସ୍ତୁତକାରୀ ସଂସ୍ଥା ଏପିକ ଗ୍ରୁପ ପକ୍ଷରୁ ଖୋର୍ଦ୍ଧା ଜଂକିଆ କାଳିବତୀ ମୌଜାରେ ନିର୍ମିତ ଅତ୍ୟାଧୁନିକ 'ଟ୍ରାଇମେଟ୍ରୋ ମ୍ୟାନୁଫ୍ୟାକ୍ଚରିଂ କ୍ୟାମ୍ପସ' ଆଜି ଶୁଭାରମ୍ଭ ହୋଇଯାଇଛି। ୧୦୦ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୮୩୦ କୋଟି ଟଙ୍କା) ବିନିଯୋଗରେ ନିର୍ମିତ ଏହି ପ୍ରକଳ୍ପ ଭାରତର ପ୍ରଥମ ସମ୍ପୂର୍ଣ୍ଣ କାର୍ବନ-ମୁକ୍ତ ଏବଂ ଜଳ-ପ୍ରଦୂଷଣ ମୁକ୍ତ ପୋଷାକ କାରଖାନାର ମାନ୍ୟତା ପାଇଛି।ଏହି ଭବ୍ୟ ଉଦଘାଟନୀ ଉତ୍ସବରେ ଟ୍ରାଇମେଟ୍ରୋ ଗାର୍ମେଣ୍ଟ ଇଣ୍ଡିଆର ନିର୍ଦ୍ଦେଶକ ଅନୁ ଆରୋରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ଭାବରେ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ମନ୍ତ୍ରୀ,ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ଖୋର୍ଦ୍ଧା ବିଧାୟକ,ଆବୋଲି ସୁନୀଲ ନରଭାନେ, ଇପିକଲ ଏମଡି,ସୁନୀଲ ଦରିୟାନାନୀ, ଏପିକ ଗ୍ରୁପ କାର୍ଯ୍ୟନିର୍ବାହୀ ଉପ-ଅଧ୍ୟକ୍ଷ ଓ ଶ୍ରୀ ଦିନେଶ ବିରୱାନୀ, କାର୍ଯ୍ୟନିର୍ବାହୀ ଉପ-ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଏପିକ ଗ୍ରୁପ୍ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରଞ୍ଜନ ମହତାନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୪୦ ଏକର ପରିମିତ ଏହି କ୍ୟାମ୍ପସରେ ୧୦,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।ଏହି କାରଖାନାରେ ୮୦ ପ୍ରତିଶତ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ସୌର ଶକ୍ତି, ବାୟୋମାସ ଏବଂ ଅତ୍ୟାଧୁନିକ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଏହା ସମ୍ପୂର୍ଣ୍ଣ ରୂପେ ପରିବେଶ ସୁରକ୍ଷିତ ରଖିବ। ଏଠାରୁ ବାର୍ଷିକ ୨ କୋଟି ପୋଷାକ ପ୍ରସ୍ତୁତ ହୋଇ ବିଶ୍ୱର ବଡ଼ ବଡ଼ ବ୍ରାଣ୍ଡକୁ ରପ୍ତାନି କରାଯିବ। ବିଶ୍ୱ ବ୍ୟାଙ୍କ ସମୂହର ଆଇ ଏଫ ସି ପକ୍ଷରୁ ଏହି ସ୍ଥାୟୀତ୍ୱ-ଭିତ୍ତିକ ପ୍ରକଳ୍ପ ପାଇଁ ଋଣ ପ୍ରଦାନ କରାଯାଇଛି।ଟ୍ରାଇମେଟ୍ରୋ କ୍ୟାମ୍ପସ କେବଳ ଏକ କାରଖାନା ନୁହେଁ, ବରଂ ଏହା ବିଶ୍ୱ ଶିଳ୍ପ ଜଗତ ପାଇଁ ଏକ ବ୍ଲୁ-ପ୍ରିଣ୍ଟ। ଶିଳ୍ପ ବିକାଶ ସହ ପରିବେଶର ସୁରକ୍ଷା କିପରି ସମ୍ଭବ, ତାହା ଏଠାରେ ପ୍ରତିଫଳିତ ହେଉଛି। ବୋଲି ଏପିକ ଗ୍ରୁପ ଅଧ୍ୟକ୍ଷ ରଞ୍ଜନ ମହତାନୀ କହିଛନ୍ତି।ଓଡ଼ିଶାରେ ଏପରି ଏକ ପରିବେଶ ଅନୁକୂଳ ଶିଳ୍ପ ପ୍ରତିଷ୍ଠା ହେବା ରାଜ୍ୟ ପାଇଁ ଗୌରବର ବିଷୟ। ଏହା ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବା ସହ ଖୋର୍ଦ୍ଧା ଅଞ୍ଚଳକୁ ବିଶ୍ୱ ଶିଳ୍ପ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଆଶା କରାଯାଉଛି।

# କ୍ଷେତ୍ରମଣୀ ମହିଳା ସମିତି କର୍ମକର୍ତ୍ତା ନିର୍ବାଚନ

କାକଟପୁର ,(ସବ୍ୟୁ) : କୁହୁଡି ବସ୍ତଡିହ ଗ୍ରାମର କ୍ଷେତ୍ରମଣୀ ମହିଳା ସମିତି ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଦୀପ୍ତି ରେଖା ଜେନା, ଉପ ସଭାପତି ସିଲି ସାହୁ, ସମ୍ପାଦକ ସବିତା ମହାନ୍ତି, ସହ ସମ୍ପାଦକ ଲକ୍ଷ୍ମୀପ୍ରିୟା ବାରିକ, ସଂସ୍କୃତି ସମ୍ପାଦକ ଉମା ଜେନା, କୋଷାଧ୍ୟକ୍ଷ ଦିପ୍ତିମୟୀ ପ୍ରଧାନ, ପୃଷ୍ଠ ପୋଷକ ସରସ୍ୱତୀ ସ୍ୱାଇଁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଉକ୍ତ ନିର୍ବାଚନ ରେ ଶିକ୍ଷାବିତ ଜଚିନ୍ଦ୍ର କୁମାର ବିଶ୍ୱାଳ, କେଦାର ନାଥ ଜେନା, ସନାତନ ସାହୁ, ରାମଚନ୍ଦ୍ର ବିଶ୍ୱାଳ, ମନୋଜ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ




ନିମାପଡା,(ସବ୍ୟୁ) : ନିକଟରେ ଦେଶର ସଂସଦରେ ମହିଳା ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦ ଅଧିନିୟମ -୨୦୨୬) କୁ ଇଣ୍ଡି-ମେଂଟ-ଭୁକ୍ତ ଦଳଗୁଡିକ ପକ୍ଷରୁ ହୋଇଥିବା ବିରୋଧକୁ ବିଜେପି ନାରୀ ନେତ୍ରୀ ମାନେ ତୀବ୍ର ନିନ୍ଦା କରିଛନ୍ତି । ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧି ଦଳର ବିରୋଧ କାଯ୍ୟକୁ ନେଇ ଆଜି ସଂଧାରେ ପୁରୀ ଜିଲ୍ଲା ନିମାପଡାରେ ଜନ ଆକ୍ରୋଶ ମହିଳା ସମାବେଶ କରାଯାଇଛି । ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଆହ୍ୱାନକ୍ରମେ ପୁରୁଣା ବସଷ୍ଟାଣ୍ଡ ଠାରୁ ଏକ ଜନ ଆକ୍ରୋଶ ମହିଳା ଶୋଭାଯାତ୍ରା ବାହାରୀ ବଜାର ପରିକ୍ରମା କରି ବ୍ଲକ ଛକ ଠାରେ ପହଂଚିଥିଲା । ଏହି ଶୋଭାଯତ୍ରାରେ ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି,ବିଜେପି ନାରୀନେତ୍ରୀ ଝିଲ୍ଲୀଲତା ଦାସ,ସୁପ୍ରିୟା ନନ୍ଦ,ଅର୍ଣ୍ଣପୂର୍ଣ୍ଣା ଦାଶ,ମଧୁସ୍ମିତା ସାହୁଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ ମହିଳା କର୍ମୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳାଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଲ ଆଣିବାକୁ ଯାଉଥିବା ବେଳେ ବିରୋଧି କଂଗ୍ରେସ ଓ ବିଜେଡି ଏହାକୁ ବିରୋଧ କରିବା ମହିଳାଙ୍କ ବିକାଶ ଓ ସମ୍ମାନରେ ବାଧା ସୃଷ୍ଟି କରିଛି ବୋଲି ବିଜେପି ମହିଳା ନେତ୍ରୀ ମାନେ ନାରାବାଜୀ ଦେଇଥିଲେ ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ବ୍ଲକ ଓଡଖଣ୍ଡ ସ୍ଥିତ ଓଡ଼ଖଣ୍ଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକନରେନ୍ଦ୍ର କୁମାର ଦାସ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ସେବା ନିବୃତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱ ରେ ଉପସ୍ଥାପନ କରିଥିଲେ ରମାରଞ୍ଜନ ଦାସ।ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଦାସଙ୍କ ଅବସର ଦାରା ବିଦ୍ୟାଳୟ ଜଣେ ସୁଯୋଗ୍ୟ ଛାତ୍ରପ୍ରୀୟ ଶିକ୍ଷକଙ୍କୁ ହରାଇଲା ବୋଲି କହିଥିଲେ।ମୁଖ୍ୟ ବକ୍ତା ଭାବରେ ପ୍ରେସ କ୍ଲବ ସଭାପତି ଦିଲ୍ଲିପ କୁମାର ଓଝା ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର ବେହେରା,ଅନ୍ୟ ମାନଙ୍କ ମଧ୍ୟରେ ଏବିଇଓ ଯଶୋଦା ସାହୁ ଓ ବିଜୟ କୁମାର ବେହେରା,ପୂର୍ବତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଦାସ,ରଶ୍ମିରଞ୍ଜନ ପଣ୍ଡା, କୈଳାସ ମଲ୍ଲିକ,ଲଳିତ କେଶରୀ ସାହୁ,ପୁରୁଣା ଛାତ୍ର ସଂଗଠନର ସଭାପତି, ସଂପାଦକଙ୍କ ସହ ଅନେକ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଶହ ଛାତ୍ରଛାତ୍ରୀମାନେ ବିଦାୟ ଶିକ୍ଷକଙ୍କ ବିଷୟରେ ସ୍ମୃତି ଚାରଣ କରିଥଲେ । ଶେଷରେ ଛାତ୍ରଛାତ୍ରୀମାନେ ବିଦାୟ ଶିକ୍ଷକଙ୍କୁ ବିଭିନ୍ନ ଉପହାର ଦେବା ସହ ଏକ ଭବ୍ୟ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରରୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।ବାଲିପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଅନେକ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବ୍ଲକରେ ଖାଦ୍ୟ ଯୋଗାଣ ଅଧିକାରୀ ନାହାନ୍ତି ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ବଡମ୍ବା,(ସବ୍ୟୁ) :ବଡମ୍ବା ବ୍ଲକରେ ଖାଦ୍ୟ ଯୋଗାଣ ଅଧିକାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଥିବାରୁ ସମଗ୍ର ଖାଦ୍ୟ ଯୋଗାଣ ବ୍ୟବସ୍ଥା ଅସ୍ତ ବ୍ୟସ୍ତ ହୋଇପଡିଛି।ସରକାର ଗରିବ ଓ ଯୋଗ୍ୟ ହିତାଧିକାରୀ ଙ୍କ ପାଇଁ ବିଭିନ୍ନ ଯୋଜନା ଘୋଷଣା କରୁଥିବାବେଳେ ଏହି ବ୍ଲକରେ ମୂଳ ଅଧିକାରୀ ନ ଥିବାରୁ ଲୋକେ ଦିନକୁ ଦିନ ନାନା ସମସ୍ୟାର ସମୁଖୀନ ହେଉଛନ୍ତି। ରାସନ କାର୍ଡ ନାମ ସଂଶୋଧନ, ନୂତନ ରାସନ କାର୍ଡ ପ୍ରସ୍ତୁତି, ପରିବାର ସଦସ୍ୟଙ୍କ ନାମ ଯୋଗ କିମ୍ବା ବିଲୋପ ଇତ୍ୟାଦି ଇ କେୱାଇସି ଓ ଅନ୍ୟାନ କାମ ପାଇଁ ଲୋକମାନେ ସବୁବେଳେ କାର୍ଯ୍ୟାଳୟ ଘୁରୁଥିଲେ ମଧ ସମାଧାନ ପାଉନାହାନ୍ତି। ପୂର୍ବରୁ ଖାଦ୍ୟ ଯୋଗାଣ ଅଧିକାରୀ ମାସେ ହେଲା ଯୋଗ ଦେଇଥିଲେ, କିନ୍ତୁ ତାଙ୍କର ଅଚାନକ ବଦଳି ହେବା କାରଣ କିଛି ଜଣା ପଡୁନି। ଅଧିକାରୀ ନ ଥିବାରୁ ଅନ୍ୟ କର୍ମଚାରୀ ମାନେ ଅତିରିକ୍ତ ଦାୟିତ୍ୱରେ କାମ କରୁଥିବା କୁହାଯାଉଛି, କିନ୍ତୁ ସଠିକ ନିଷ୍ପତି ନେବାପାଇଁ କେହି ଅଧିକୃତ ନଥିବାରୁ ଅନେକ ଫାଇଲ ଅଟକି ରହିଛି।ଏହାର ପ୍ରଭାବରେ ବୃଦ୍ଧ, ଦିବ୍ୟାଙ୍ଗ, ଗରିବ ପରିବାର ଓ ଦୈନିକ ମଜୁରିଆ ମାନେ ସର୍ବାଧିକ ହିନସ୍ଥା ରେ ପଡୁଛନ୍ତି।ଅନେକ ଦୂର ଗାଁ ମାନକରୁ ଗାଡି ଖର୍ଚ୍ଚ କରି କାର୍ଯ୍ୟାଳୟକୁ ଆସି ଖାଲି ହାତରେ ଫେରୁଥିବା ଅଭିଯୋଗ ହେଉଛି। ପ୍ରଶାସନ କିନ୍ତୁ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ଫାଇଲ ଦେଖୁଛନ୍ତି ବୋଲି ବ୍ଲକ ଆସୁଥିବା ଲୋକେ ଅଭିଯୋଗ କରିଛନ୍ତି। ବ୍ଲକ ର ଏକ ମୁଖ୍ୟ ବିଭାଗ ହେଉଛି ଖାଦ୍ୟ ଯୋଗାଣ ବିଭାଗ, କିନ୍ତୁ ଏହି ବିଭାଗ ରେ ଅଚଳାବସ୍ଥା ଦେଖାଯାଉଛି, ସରକାର ଓ ପ୍ରଶାସନ ର କେବେ ନିଦ୍ରା ଭଙ୍ଗ ହେଉଛି ଦେଖିବାକୁ ବାକି ରହିଲା

# ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଶିକ୍ଷାଳୟର ପ୍ରାଥମିକତା

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଶିକ୍ଷା ସଂଯୋଗ ଉତ୍ସବ ବୁଧବାର ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ମନୋରଞ୍ଜନ ରାୟଙ୍କ ସଭାପତିତ୍ୱରେ ଶିକ୍ଷାବିତ ଅଭିମନ୍ୟୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କହିଲେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଶିକ୍ଷାଳୟର ପ୍ରାଥମିକତା। ମାଲକାନାଗିରି ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟ ବକ୍ତାଭାବେ ଯୋଦାନ ତାଙ୍କ ବକ୍ତବ୍ୟରେ କହିଲେ ସମସ୍ତଙ୍କ ସହଯୋଗ ରହିଲେ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଛାତ୍ରୀ ଛାତ୍ରୀଙ୍କୁ ଶିକ୍ଷମନସ୍କ କରେ । ସମାଜସେବୀ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ କୁମାରୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କବିତା କୁମାରୀ ଦେଇ ଓ ଚନୁ ଚରଣ ବେହେରାଙ୍କୁ ଉପହାର ଓ ଉପଢୌକନ ପ୍ରଦାନ କରାଯାଇ ବିଦାୟୀ ସମ୍ମାନ ପ୍ରଦାନ କରାଯାଇଥିଲା।ତିତିକ୍ଷା ନିବେଦିତା ସଭା ପରିଚାଳନା କରିଥିଲେ।ସିଦ୍ଧାର୍ଥ ପ୍ରସାଦ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ଅଭିଭାବିକା, ପ୍ରାକ୍ତନ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରୀ ଓ ବିଦ୍ୟାଳୟ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦଶପଲ୍ଲା ଏନଏସିର ୨୫ ତମ ଅଧିବେଶନ ବର୍ଷାପାଣି ନିଷ୍କାସନ ପାଇଁ ୨କୋଟି ମଞ୍ଜୁର



ଦଶପଲ୍ଲା,(ସବ୍ୟୁ) : ବୁଧବାରଦିନ ଦଶପଲ୍ଲା ଏନ ଏ ସି ର ୨୫ ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଏନ ଏ ସି ସଭାଗୃହରେ ଅନୁଷ୍ଠିତ ଏହି ଅଧିବେଶନ ରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାହୁ,ଉପାଧକ୍ଷ କିଶୋର ଚନ୍ଦ୍ର ଦାସ ,ଏମ ଇ ସନାତନ ଭୋଳ ଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ଅଧିବେଶନ ର ପ୍ରାରମ୍ଭରେ ଏନ ଏ ସି ଅଧିନ ରେ ଥିବା ଦୋକାନ ଗୃହ ଆବଣ୍ଟନ ସମୟ ରେ ସମସ୍ତ କାଉନ ସିଲର ଙ୍କୁ ଡକାଯାଇ ନଥିବା ନେଇ କାଉନସିଲର ସୁକଦେ ମିଶ୍ର ପ୍ରଶ୍ନ କରିବା ସହ କାଉନସିଲର ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏପରିକି ଗୃହ ବଣ୍ଟନ ପାଇଁ ନିଲାମ ନେଇଥିବା ହିତାଧିକାରୀ ମାନେ ଏକ ଲକ୍ଷ ଟଙ୍କା ସେମାନଙ୍କ ସିକୁରୀଟି ଦାଖଲ କରିଥିଲେ ମଧ ଏକ ମାସ ପରେ ବି ସେମାନଙ୍କୁ ଦୋକାନ ଘର ହସ୍ତାନ୍ତର କରାଯାଇ ନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ । ଏହାପରେ ବର୍ଷାପାଣି ନିଷ୍କାସନ ପାଇଁ ସ୍ୱତନ୍ତ୍ର ଡ୍ରେନେଜ ସିଷ୍ଟମ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏଥି ପାଇଁ ଖୁବଶୀଘ୍ର ଟେଣ୍ଡର କରାଯିବା ପାଇଁ ଆଲୋଚନା ହୋଇଥିଲା । ଏହାସହ ଏନ ଏ ସି ର ୨୦୨୫-୨୬ ଓ ୨୦୨୬-୨୭ ର ବାର୍ଷିକ ଯୋଜନା ରେ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କ ରେ ଆଲୋଚନା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ସହରିକରଣ ଯୋଜନା ସମ୍ପର୍କ ରେ ଆଲୋଚନା କରାଯାଇଥିଲା । ଏନ ଏ ସି ରେ ନିଯୁକ୍ତି ପାଇଥିବା ସ୍ୱଚ୍ଛସାଥୀ ମାନଙ୍କ ସମ୍ପର୍କ ରେ ଆଲୋଚନା କରାଯାଇଥିବା ବେଳେ ଆବାସ ଯୋଜନାରେ ଡିପିଆର ଯାଉଥିଲେ ମଧ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ଦିଆଯିବା ରେ ବିଳମ୍ବ ହେଉଥିବା କାଉନସିଲର ମାନେ ଅଭିଯୋଗ କରିଥିଲେ । ବିଶେଷଭାବେ ବହୁକାମର ଅର୍ଥ ସରିଯାଇଥିଲେ ମଧ ସେହି ପ୍ରୋଜେକ୍ଟ ବା କାର୍ଯ୍ୟ ସମ୍ପୂର୍ଣ ହେଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଦୀର୍ଘ ଦିନ ଧରି ଏକ ନମ୍ବର ୱାର୍ଡ଼ ରେ ଏକ କମ୍ୟୁନିଟି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଜାଗା ଚିହ୍ନଟ ନ ହେବା ଓ ବିଦ୍ୟୁତ ସୌନ୍ଦର୍ଯ୍ୟ କରଣ କୁ ନେଇ କାଉନସିଲର ସୁକଦେ ସିଠ ପ୍ରଶ୍ନ କରିବା ପରେ ଏହା ଉପରେ ଆଲୋଚନା ହେବାସହ ଏହି ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରସ୍ତାବ ଦିଆଯାଇଛି ଟଙ୍କା ମଞ୍ଜୁର ହୋଇ ନଥିବାରୁ ଏହା ହୋଇ ପାରି ନଥିବା କାର୍ଯ୍ୟ ନିର୍ବାହୀଅଧିକାରୀ ପ୍ରକାଶ କରିଥିଲେ । ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେବାଶହ ଶାନ୍ତି ଶୃଙ୍ଖଳା ରେ ଶେଷ ହୋଇଥିଲା ଏନ ଏସି ର ୨୫ ତମ ଅଧିବେଶନ ।

# ମା ଦସମଲ୍ଲିଙ୍କ ସୁନା ଆଖି ତାଡିନେଲେ ଦୁର୍ବୃତ୍ତ

ଗୋପ,(ସବ୍ୟୁ) :ଲୁଟେରାଙ୍କ ଟାର୍ଗେଟ ରେ ମଠ ଓ ମନ୍ଦିର।ପୁରୀ ଜିଲ୍ଲା ଗୋପ ଥାନା ଅଂଚଳରେ ଥିବା ମଠ ଓ ମନ୍ଦିର ରୁ ଏବେ ବାରମ୍ବାର ଚୋରି ହେଉଛି।ଗତକାଲି ବିଳମ୍ବିତ ରାତିରେ ଅଣ୍ଡାର ଇଚ୍ଛାପୁର ପଂଚାୟତର ପୁଣ୍ୟତ୍ୱୟା କୁଶଭଦ୍ରା ନାଦିତଟରେ ଥିବା ଆରାଧ ଠାକୁରାଣୀ ମାଦସମଲ୍ଲିଠାକୁରଣୀଙ୍କ ସୁନା ଆଖି,ସୁନା କିରଟ ସହିତ ପର୍ଣ୍ଣଦେବା ଦେବୀଙ୍କ ଅଳଙ୍କାର ଦୁର୍ବୃତ୍ତ ଲୁଟିନେଇଥିବା ପୂଜକ ଗୋପ ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ପାଇ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ନିର୍ଦ୍ଦେଶ କ୍ରମେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।ସୂଚନା ଥାଉକିଏକ ମାସ ତଳେ ନାଗପୁର ଅଞ୍ଚଳରୁ ଗୋଟିଏ ରାତିରେ ପାଞ୍ଚଟି ମନ୍ଦିର ରୁ ଚୋରି ହୋଇଥିବା ବେଳେ ଏପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସନ୍ଧାନ ପାଇନି।

# ଆଇନଜୀବୀ ଦିବସ

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର ତଥା ଆଇନଜୀବୀ ସଂଘ କାର୍ଯ୍ୟାଳୟ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ୭୮ତମ ଜନ୍ମଜୟନ୍ତୀ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସତ୍ୟବାଦୀ ତହସିଲଦାର ତଥା ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ମଧୁବାବୁ ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଅତିରିକ୍ତ ତହସିଲଦାର ଅର୍ପିତା ସେନାପତି ପ୍ରଦୀପ ପ୍ରଜ୍ୱଳନ କରି ନିଜର ବକ୍ତବ୍ୟ ରଖିଥିଲେ,ଝ ସଂଘ ତରଫରୁ ସଭାପତି ବାଳକୃଷ୍ଣ ମହାପାତ୍ର, ଆତିଥ୍ୟ ପ୍ରଦାନ କରିବା ସହିତ ସମ୍ପାଦକ ଦେବଦତ୍ତ ସାମନ୍ତରାୟ ସଭାକୁ ସମ୍ବୋଧିତ କରି ପରିଚାଳନା କରିଥିଲେ।ସଭା ପରିଚାଳନାରେ ଆଇନଜୀବୀ ବିଧୁଭୂଷଣ ମହାନ୍ତି,ସନ୍ତୋଷ ବେହେରା,ବଟକୃଷ୍ଣ ମିଶ୍ର,ମୋହନ ଚରଣ ସାହୁ ସହଯୋଗ କରିଥିଲେ।।ଅନ୍ୟ ସଭ୍ୟ ମାନଙ୍କ ମଧ୍ୟରେଆଇନଜୀବୀ ଅଞ୍ଜନ କୁମାର ହୋତା,ଅକ୍ଷି କୁମାର ଚୌଧୁରୀ,ରବୀନ୍ଦ୍ର କୁମାର ଦାଶ, ସୁଶାନ୍ତ କୁମାର ରଥ,ପ୍ରଭାକର ମିଶ୍ର,ପ୍ରଶାନ୍ତ କୁମାର ମହାପାତ୍ର, ଚିନ୍ମୟ କୁମାର ନାୟକ,ସୁନିଲ କୁମାର ନାୟକ,ସରିତା ଦାଶ,ଉପେନ୍ଦ୍ର ବିଶାଳ, ଅମୂଲ୍ୟ ଦାଶ,ଗୋବିନ୍ଦ ମହାପାତ୍ର,ସତିଶ ମିଶ୍ର ଉପସ୍ଥିତ ଥିଲେ।

# ତେଲେଙ୍ଗାପେଣ୍ଠରେ ଜନଆକ୍ରୋଶର ବିସ୍ଫୋରଣ




ଫୁଲନଖରା,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧି ସ୍ମୃତି ପୀଠରେ ଗୋପାଳପୁର ଓ ଉରାଳି ବିଜେପି ମଣ୍ଡଳ ଆନୁକୂଲ୍ୟରେ ଆୟୋଜିତ ଜନ ଆକ୍ରୋଶ ମହିଳା ସମାବେଶ ରେ ବିରୋଧୀ ଦଳମାନଙ୍କ ବିରୁଦ୍ଧରେ ଜୋରଦାର ଗର୍ଜନ ଶୁଣିବାକୁ ମିଳିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ କହିଥିଲେ ଯେ, ମହିଳା ସଂରକ୍ଷଣ ବିଲକୁ ଅଟକାଇବା ପାଇଁ ବିରୋଧୀ ଦଳମାନଙ୍କ ଯେପରି ରାଜନୈତିକ ଚକ୍ରାନ୍ତ କରିଲେ , ତାହା ଅତ୍ୟନ୍ତ ଲଜ୍ଜାଜନକ ଓ ଦେଶର ନାରୀଶକ୍ତିଙ୍କ ପ୍ରତି ସର୍ବୋଚ୍ଚ ଅପମାନ। ଗୋପାଳପୁର ମଣ୍ଡଳ ସଭାପତି ଓ ବରିଷ୍ଠ ସଂଗଠକ ନିହାର ରଞ୍ଜନ ପଣ୍ଡାଙ୍କ ଦୃଢ଼ ନେତୃତ୍ୱ ଓ ଅଧକ୍ଷତାରେ ଆୟୋଜିତ ସଭାରେ ଅନ୍ୟାନ୍ୟ ଅତିଥିମାନେ ମଧ ବିରୋଧୀ ଦଳମାନଙ୍କୁ ଦୃଢ଼ସମାଲୋଚନା କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମି ରେଖା ଦାସ ,ଗୀତାରାଣୀ ଦାସ ,ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ସ୍ୱାଧୀନ ଚେତା ମହାନ୍ତି ଓ ସରପଞ୍ଚ ମାନସୀ ପୃଷ୍ଟି କହିଥିଲେ ଯେ, ନାରୀଙ୍କ ପ୍ରତି ବୈମାତୃକ ଓ ଅସମ୍ମାନଜନକ ମନୋଭାବ ଆଉ ସହି ହେବ ନାହିଁ। ଆସନ୍ତା ଦିନରେ ଏହା ବିରୁଦ୍ଧରେ ଆନ୍ଦୋଳନ ଆହୁରି ତୀବ୍ର ହେବ। ସଭାରେ ପ୍ରାୟ ଦୁଇ ହଜାର ମହିଳାଙ୍କର ଭାରି ଉପସ୍ଥିତି ଦେଖିବାକୁ ମିଳିଥିଲା, ଯାହା ଏହି ଆକ୍ରୋଶର ତୀବ୍ରତାକୁ ସ୍ପଷ୍ଟ କରିଥିଲା। ସଭାରେ ସତ୍ୟ ରଞ୍ଜନ ଦାସ, ମନୋରଞ୍ଜନ ଦାସ, ରାଜେନ୍ଦ୍ର ପାତ୍ର, ପ୍ରଶାନ୍ତ ଦଳାଇ, ପ୍ରଜ୍ଜୋଳିତ ବେହେରା, ପ୍ରମୋଦ କୁମାର ବେହେରା ଆଦି ଉପସ୍ଥିତ ଥିଲେ।

# ଧର୍ମକୁ ଆଖିଠାର ସଦୃଶ୍ୟ ପ୍ରାଣୀ ଦିବସ ପାଳନ
## ପ୍ରାଣୀପାଳକ ଓ ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କୁ ଉପେକ୍ଷା

ନିମାପଡା,(ସବ୍ୟୁ) :ରାଜ୍ୟର ସବୁ ଜିଲ୍ଲାରେ ପ୍ରତିବର୍ଷ ଏପ୍ରିଲ ମାସର ଶେଷ ଶନିବାର ବିଶ୍ୱ ପ୍ରାଣୀ ପାଳନ ଦିବସ ସରକାରୀ ପ୍ରୋତ୍ସାହନରେ ଆଡମ୍ବର ଭାବେ ପାଳନ କରାଯାଉଛି । ଉକ୍ତ ଦିବସ ପୁରୀ ଜିଲ୍ଲାର ପିପିଲି ଠାରେ ଥିବା ଏକ ହୋଟେଲ ପରିସରରେ ପାଳନ କରାଇଥିବା ବେଳେ ଏହା ଧର୍ମକୁ ଆଖି ଠାର ସଦୃଶ୍ୟ ବୋଲି କୁହାଯାଉଛି । ବିଗତ ବର୍ଷ ଗୁଡିକରେ ପାଳିତ ହେଉଥିବା ଏହି ଦିବସରେ ଜିଲ୍ଲାର ୧୧ ଗୋଟି ବ୍ଲକରୁ ବଛା ବଛା ବିଭିନ୍ନ ଚାଷୀ ଓ ପ୍ରାଣୀଧନ ନିରୀକ୍ଷିକ ମାନେ ସାମିଲ ହେଉଥିଲେ । ତେବେ ଚଳିତ ବିଶ୍ୱ ପ୍ରାଣୀ ଦିବସ ପାଳନ କାର୍ଯ୍ୟକ୍ରମରେ କେବଳ ପିପିଲି,ସତ୍ୟବାଦୀ ଓ ନିମାପଡା ବ୍ଲକରୁ ୧୦ ଜଣ ଲେଖାଏଁ ମୋଟ ୩୦ ଜଣ ଚାଷୀ ଏବଂ ଜିଲ୍ଲାର କର୍ତ୍ତବ୍ୟରତ ସମସ୍ତ ପ୍ରାଣୀ ଚିକିତ୍ସକଙ୍କ ବ୍ୟତିତ ଅନ୍ୟ ୮ ଟି ବ୍ଲକରୁ ଚାଷୀ କିମ୍ବା କୌଣସି କ୍ଷେତ୍ର କର୍ମଚାରୀଙ୍କୁ ଉତ୍ସବ ପାଳନରେ ସୁଯୋଗ ମିଳିପାରିନାହିଁ । ନିମାପଡା ବ୍ଲକର ଅନେକ ଚାଷୀ ଏହି ଦିବସ ପାଳନ ସଂପର୍କରେ ସୂଚନା ନପାଇ ଯୋଗଦେବାରୁ ବଂଚିତ ହୋଇଥିବା ଜଣାପଡିଛି । କେଉଁ ଆଧାରରେ ଏମାନଙ୍କୁ ଉତ୍ସବରୁ ବଂଚିତ କରାଗଲା ତାହାକୁ ନେଇ ଚାଷୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ତଦନ୍ତ କରାଯାଇ ସତ୍ୟାସତ୍ୟ ପଦାକୁ ଆଣିବାକୁ ଦାବୀ ହେଉଛି ।

# ବାଙ୍କୀ ଏନଏସିରେ ବର୍ଷାଜଳ ନିଷ୍କାସନ ନିମନ୍ତେ ଚୂଡାନ୍ତ ପ୍ରସ୍ତୁତି ଓ ସମୀକ୍ଷା ବୈଠକ




ବାଙ୍କୀ,(ସବ୍ୟୁ) : କଟକ ଜିଲ୍ଲାର ବାଙ୍କୀ ଏନଏସିର ୧୭ ଗୋଟି ୱାର୍ଡ ରେ କିଭଳି ବର୍ଷା ଜଳ ନିଷ୍କାସନ ୟସ୍ଥା ନିମନ୍ତେ ମାଷ୍ଟର ପ୍ଲାନ ର ଚୂଡାନ୍ତ ପ୍ରସ୍ତୁତି ସମୀକ୍ଷା ବୈଠକ ବାଙ୍କୀ ବାତ୍ୟା ଆଶ୍ରୟ ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇ ସମୀକ୍ଷା କରିଥିଲେ। ବାଙ୍କୀ ଏନ, ଏ ସି ଅଧ୍ୟକ୍ଷା ମାଣିକ ସାହୁ, ଉପ ନଗରପାଳ ସନ୍ତୋଷ କୁମାର ରଣା, ପ୍ରଶାସନିକ ଅଧିକାରୀ ଭାବେ ବାଙ୍କୀ ଉପ ଜିଲ୍ଲାପାଳ ମୋନୋସ୍ୱିନି ଦାସ, ବାଙ୍କୀ ଡମପଡ଼ା ବ୍ଲକ ବିଡ଼ିଓ ଅଂଶୁମାନ ଦାସ,ବାଙ୍କୀ ବ୍ଲକ ବିଡ଼ିଓ ଅଗ୍ନିଜା ଶିବାଦତ୍ତା, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବାଙ୍କୀ ପୂର୍ତ୍ତ ବିଭାଗ ର ସହକାରୀନିର୍ବାହଯନ୍ତ୍ରୀ, ଜଳ ସେଚନ ବିଭାଗ ଯନ୍ତ୍ରୀ, ବାଙ୍କୀ ଜ୍ଞାପିତ ଅଞ୍ଚଳ ପରିଷଦ ର ନିର୍ବାଚିତ କାଉନସିଲର ମାନେ ଉପସ୍ଥିତି ରହି ସମୀକ୍ଷା ବୈଠକ ରେ ନିଜର ମତାମତ ଉପସ୍ଥାପନ କରିଥିଲେ। ବାଙ୍କୀ ଏନ ଏ ସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପାଦକୀୟ



# ନ୍ୟାୟ ଅପେକ୍ଷାରେ ଥିବା ଜଣେ ନ୍ୟାୟାଧିକାରୀଙ୍କୁ ଶେଷରେ ନ୍ୟାୟ

ଆମ ସମାଜରେ ନ୍ୟାୟର ମର୍ଯ୍ୟାଦା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ବିଳମ୍ବିତ ନ୍ୟାୟ ମଧ୍ୟ ଅନ୍ୟାୟ ସହିତ ସମାନ ବୋଲି କୁହାଯାଇଥାଏ । ଆମ ସାମାଜିକ ବା ରାଜନୈତିକ କ୍ଷେତ୍ରରେ ଅନ୍ୟାୟ ବିରୋଧରେ କିନ୍ତୁ କେହି କେହି ସ୍ୱର ଉତ୍ତୋଳନ କରିଥାନ୍ତି। ସ୍ୱାଧୀନତାର ଅଠସ୍ତରୀ ବର୍ଷ ପରେ ମଧ୍ୟ ଭୟର ବାତାବରଣ ମଧ୍ୟରୁ ଆମେ ସତେ ଯେପରି ମୁକ୍ତ ହୋଇପାରି ନାହୁଁ ।

ଗୋଟାଏ ଘଟଣାକୁ ଏଠାରେ ଉଲ୍ଲେଖ କରାଯାଇପାରେ । ଜଣେ ଜିଲ୍ଲାଜଜ ପାହ୍ୟାର ନ୍ୟାୟିକ ଅଧିକାରୀ ଅନ୍ୟମାନଙ୍କୁ ନ୍ୟାୟ ପ୍ରଦାନ କରୁ କରୁ ନିଜେ ଅନ୍ୟାୟର ଶିକାର ହୋଇ ନିର୍ଯାତିତ ହେବା ପରେ ବିଳମ୍ବରେ ହେଲେ ମଧ୍ୟ ସର୍ବୋଚ୍ଚ ଅଦାଲତ ତାଙ୍କୁ ନ୍ୟାୟ ପ୍ରଦାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ସେହି ନ୍ୟାୟିକ ଅଧିକାରୀଙ୍କୁ ଅନ୍ୟାୟରେ ପଦଚ୍ୟୁତ କରାଯିବାରୁ ଅଗତ୍ୟା ସେ ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ବଞ୍ଚିବା ପାଇଁ ଚାକିରି କରିବାକୁ ବାଧ୍ୟ ହୋଇଥିଲେ । ତଥାପି ସେ ଦବି ଯାଇ ନ ଥିଲେ । ତାଙ୍କପ୍ରତି କରାଯାଇଥିବା ଅନ୍ୟାୟ ବିରୋଧରେ ସେ କିନ୍ତୁ ତାଙ୍କର ନ୍ୟାୟିକ ସଂଗ୍ରାମ ଜାରି ରଖିଥିଲେ । ଅବଶ୍ୟ ତାଙ୍କୁ ନ୍ୟାୟ ମିଳିଛି, ମାତ୍ର ନ୍ୟାୟିକ ପ୍ରକ୍ରିୟା ପୁଣି ବିଳମ୍ବିତ ହେଉଥିବା ପରିଲକ୍ଷିତ ହେଉଛି ।

**ମାତ୍ର ସୁପ୍ରିମକୋର୍ଟ ବା ସର୍ବୋଚ୍ଚ ଅଦାଲତରେ ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ପକ୍ଷର ଶୁଣାଣୀ କରିବା ପରେ ଗତ ଏପ୍ରିଲ ୭(୨୦୨୬)ରେ ନ୍ୟାୟାଧିକାରୀ ଶ୍ରୀ ସଂଜୟ କୁମାର ସାହୁଙ୍କ ପକ୍ଷରେ ରାୟ ପ୍ରଦାନ କରି ତାଙ୍କୁ ଯେଉଁଦିନଠାରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା, ସେହିଦିନଠାରୁ ନିଯୁକ୍ତି ଦିଆଯିବା ସଂଗେ ସଂଗେ ସବୁ ପ୍ରକାର ଆର୍ଥିକ ସୁବିଧା ସୁଯୋଗ ଦିଆଯିବା ଲାଗି ସର୍ବୋଚ୍ଚ ଅଦାଲତ ତାଙ୍କ ଆଦେଶରେ ଦର୍ଶାଇଥିଲେ ।**

ଉଲ୍ଲେଖନୀୟ ଯେ ମାନସିକ ନିର୍ଯାତନାର ଶିକାର ହୋଇଥିବା ବିଚାର ବିଭାଗୀୟ ଅଧିକାରୀ ହେଉଛନ୍ତି ସଂଜୟ କୁମାର ସାହୁ । ଗତ ୧୯୯୭ରେ ଜୁନିଅର ଡିଭିଜନର ସିଭିଲ ଜଜ୍ ଭାବେ ସେ ଓଡ଼ିଶା ବିଚାର ବିଭାଗୀୟ ସେବାରେ ପ୍ରବେଶ କରିଥିଲେ । ୨୦୧୫ରେ ସେ ପଦୋନ୍ନତି ପାଇ ଜିଲ୍ଲାଜଜ୍ ପାହ୍ୟାକୁ ଉନ୍ନୀତ ହୋଇଥିଲେ । ଗତ ୨୦୨୧ ଜାନୁଆରୀରେ ତାଙ୍କୁ ଜିଲ୍ଲା ଜଜ୍‌ର ସିଲେକ୍ସନ ଗ୍ରେଡ୍ ପାହ୍ୟାକୁ ମଧ୍ୟ ପଦୋନ୍ନତି ମିଳିଥିଲା । ଏହା ପରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ମାର୍ଚ୍ଚ ୧୧(୨୦୨୨)ରେ ପ୍ରଦାନ କରିଥିଲେ । ସେତେବେଳେ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା । ସେ ଯଦିଓ ୬୦ ବର୍ଷ ବୟସରେ ଅବସର ନେଇଥା'ନ୍ତେ, ତା' ପୂର୍ବରୁ ସେ ଅଯଥାରେ ଆକ୍ରୋଶର ଶିକାର ହେଲେ । ନିର୍ଯାତିତ ଶ୍ରୀ ସାହୁ ଦଣ୍ଡକୁ ଦଣ୍ଡ ପାଇଲେ, ତାଙ୍କର ମାନ ମର୍ଯ୍ୟାଦା ବି ଗଲା । ବାଧ୍ୟତାମୂଳକ ଅବସର ଦେବା ପୂର୍ବରୁ ତାଙ୍କୁ ଗତ ଜୁଲାଇ ୧୧(୨୦୨୫)ରେ ନବରଙ୍ଗପୁର ଜିଲ୍ଲା 'ପରିବାର ଅଦାଲତ'ର ଜଜ୍ ଭାବରେ ବଦଳି କରାଗଲା । ସେ ବରଗଡ଼ ଜିଲ୍ଲାର ଜିଲ୍ଲା ଜଜ୍ ଭାବେ ନିୟମ ଦୃଷ୍ଟିରୁ ପ୍ରାୟ ତିନିବର୍ଷ ରହିଥାନ୍ତେ, ମାତ୍ର ତାହା ହେଲାନାହିଁ । ନ୍ୟାୟାଧିକାରୀ ଶ୍ରୀ ସାହୁ ତେଣୁ ଓଡ଼ିଶା ହାଇକୋର୍ଟଙ୍କ ଆଶ୍ରୟ ନେଲେ ଓ ଓଡ଼ିଶା ହାଇକୋର୍ଟ ଶ୍ରୀ ସାହୁଙ୍କ ପକ୍ଷରେ ତା-୧୧-୭-୨୦୨୫ରେ ରାୟ ଦେଇ ତାଙ୍କ ବିପକ୍ଷରେ ହୋଇଥିବା ଆଦେଶକୁ ରଦ୍ଦ କରି ଦେଇଥିଲେ । ମାତ୍ର ହାଇକୋର୍ଟଙ୍କ ପ୍ରଶାସନିକ ଶାଖା ଏହି ଆଦେଶକୁ ଗୁରୁତ୍ୱ ନ ଦେବାରୁ ବାଧ୍ୟ ହୋଇ ଶ୍ରୀ ସାହୁ ଭାରତର ସର୍ବୋଚ୍ଚ ଅଦାଲତଙ୍କର ଆଶ୍ରୟ ନେଇଥିଲେ । ନିର୍ଦ୍ଧାରିତ ସମୟ ଗଡ଼ିଗଲା ପରେ ଓଡ଼ିଶା ହାଇକୋର୍ଟ ବିଳମ୍ବରେ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଆଶ୍ରୟ ନେଇଥିଲେ ।

ମାତ୍ର ସୁପ୍ରିମକୋର୍ଟ ବା ସର୍ବୋଚ୍ଚ ଅଦାଲତରେ ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ପକ୍ଷର ଶୁଣାଣୀ କରିବା ପରେ ଗତ ଏପ୍ରିଲ ୭(୨୦୨୬)ରେ ନ୍ୟାୟାଧିକାରୀ ଶ୍ରୀ ସଂଜୟ କୁମାର ସାହୁଙ୍କ ପକ୍ଷରେ ରାୟ ପ୍ରଦାନ କରି ତାଙ୍କୁ ଯେଉଁଦିନଠାରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା, ସେହିଦିନଠାରୁ ନିଯୁକ୍ତି ଦିଆଯିବା ସଂଗେ ସଂଗେ ସବୁ ପ୍ରକାର ଆର୍ଥିକ ସୁବିଧା ସୁଯୋଗ ଦିଆଯିବା ଲାଗି ସର୍ବୋଚ୍ଚ ଅଦାଲତ ତାଙ୍କ ଆଦେଶରେ ଦର୍ଶାଇଥିଲେ । ଏପରି ଏକ ଐତିହାସିକ ରାୟ ପାଇଁ ପ୍ରକୃତରେ ସର୍ବୋଚ୍ଚ ଅଦାଲତ ପ୍ରଶଂସାର୍ହ । ମାତ୍ର ଏ କ୍ଷେତ୍ରରେ ରାଜ୍ୟ ସରକାର ପ୍ରକ୍ରିୟାକୁ ଆଉ ବିଳମ୍ବ ନ କରନ୍ତୁ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

(ମହାତ୍ମା ଗାନ୍ଧି)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଅରେଞ୍ଜ ଅର୍ଥନୀତିକୁ ରଙ୍ଗ ଦେଉଛି ଜନଜାତୀୟ ହସ୍ତଶିଳ୍ପ ଓ ଜୀବିକା



ରଞ୍ଜନା ଚୋପ୍ରା

ମଣିପୁରର ଉଖୁଲ୍ ଜିଲ୍ଲା ଅନ୍ତର୍ଗତ ଲଙ୍ଗପି ଗ୍ରାମର ଓ୍ୱରସାଙ୍ଗ ଖୈୟାର, ନିଜ ଗାଁରେ ମିଳୁଥିବା ମାଟି ଏବଂ ସାପ କାତି ରଙ୍ଗର ପଥରରେ ହାତ ତିଆରି ହାଣ୍ଡି ଓ କଡ଼େଇ ପ୍ରସ୍ତୁତ କରି ନିଜର ତଥା ପରିବାରର ଗୁଜରାଣ ମେଣ୍ଟାନ୍ତି । ସ୍ଥାନୀୟ ଟାଙ୍ଗଖୁଲ ନାଗା ଆଦିବାସୀଙ୍କ ବିଶ୍ୱାସ ଅନୁଯାୟୀ, ଏହି ପାରମ୍ପରିକ ଶିଳ୍ପ ଦେବୀ ପାଙ୍ଖୋଇବିଙ୍କ ଆଶୀର୍ବାଦପ୍ରାପ୍ତ, ଯାହାକି ଆଜି ସେମାନଙ୍କ ଆୟର ଏକ ପ୍ରମୁଖ ଉତ୍ସ ପାଲଟିବାସହ କ୍ଷୁଦ୍ର ଗ୍ରାମକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେଇଛି । ସେହିଭଳି, ତାମିଲନାଡୁର ଉଧଗମଣ୍ଡଳମ ଜିଲ୍ଲା ଅନ୍ତର୍ଗତ ପାଗାଲକୋଡ ମାନ୍ଧ ଗ୍ରାମର ନର୍ଥୀ କୁଟ୍ଟନ, ନୀଳଗିରିର ସବୁଜ ବନାନୀରେ ବସବାସ କରୁଥିବା ଟୋଡା ଆଦିବାସୀ ଗୋଷ୍ଠୀର ପାରମ୍ପରିକ ପୋଷାକ କାରୁକାର୍ଯ୍ୟ ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଛନ୍ତି। ଜି.ଆଇ ଟ୍ୟାଗ୍ ପ୍ରାପ୍ତ ଏହି କଳା ପ୍ରକୃତି ଏବଂ ଗୋଷ୍ଠୀଗତ ଏକତାକୁ ପ୍ରଦର୍ଶିତ କରେ । ବର୍ତ୍ତମାନ ଏହାକୁ ଟେବୁଲ୍ ମ୍ୟାଟ୍, ରନର୍ସ ଏବଂ ଜ୍ୟାକେଟ୍ ଆଦିରେ ଅତି ସୁନ୍ଦର ଭାବେ ବ୍ୟବହାର କରାଯାଇ ଆଧୁନିକ ସମାଜରେ ଲୋକପ୍ରିୟ କରାଯାଇ ପାରିଛି। ଖୈୟାର ଏବଂ କୁଟ୍ଟନ ଉଭୟ ନିଜର ଏହି ପାରମ୍ପରିକ ଆଦିବାସୀ କଳାର ଉନ୍ନତ ପ୍ରୟୋଗ ମାଧ୍ୟମରେ ବାର୍ଷିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ।

ଆଦିବାସୀ ଜୀବିକା, ଜ୍ଞାନ-ଭିତ୍ତିକ ଏବଂ ପାରମ୍ପରିକ ଅଭ୍ୟାସରେ ଦୀର୍ଘ ସମୟ ଧରି ପରସ୍ପରର ପରିପୂରକ ହୋଇ ରହି ଆସିଛି । ଯେଉଁଠାରେ ସୃଜନଶୀଳତା ହସ୍ତଶିଳ୍ପ, ପରମ୍ପରା, ବସ୍ତ୍ର, ସଙ୍ଗୀତ, ନୃତ୍ୟ, କାହାଣୀ କହିବା ଏବଂ ଭାଷା ମଧ୍ୟରେ ସନ୍ନିହିତ । ଏଗୁଡ଼ିକ କେବଳ ଉତ୍ପାଦ କିମ୍ବା ସେବା ନୁହେଁ ବରଂ ପିଢ଼ି ପରେ ପିଢ଼ି ଧରି ପ୍ରସାରିତ ଜ୍ଞାନର ଏକ ଜୀବନ୍ତ ଐତିହ୍ୟ ବୋଲି କୁହାଯାଇ ପାରିବ । ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ଆୟତ କରାଯାଇଥିବା ସୃଜନଶୀଳ ସମ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ମୂଲ୍ୟ ବହନ କରେ । ଯାହାକୁ ପରମ୍ପରା ପ୍ରତି ସମ୍ବେଦନଶୀଳ ହୋଇ ସ୍ଥାୟୀ ଉପାୟରେ ବ୍ୟବହାର କଲେ, ନାରଙ୍ଗୀ ଅର୍ଥନୀତିକୁ ଇନ୍ଧନ ଦେବାସହ ସେମାନଙ୍କ ପରିବେଶ ମଧ୍ୟରେ ଆୟ ସୃଷ୍ଟିକାରୀ କାର୍ଯ୍ୟଧାରା ସୃଷ୍ଟି କରିପାରିବ।

ୟୁଏନସିଟିଏଡି (ମିଳିତ ଜାତିସଂଘ ବାଣିଜ୍ୟ ଓ ବିକାଶ ସଂଗଠନ)ର ଆକଳନ ଅନୁଯାୟୀ ସୃଜନଶୀଳ ଅର୍ଥନୀତି, ନାରଙ୍ଗୀ ଅର୍ଥନୀତି ସୃଜନ ପାଇଁ ବ୍ୟାପକ ମାତ୍ରାରେ ବ୍ୟବହୃତ ହୁଏ । ଯାହା ବିଶ୍ୱ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୩.୧ ପ୍ରତିଶତ ଅଟେ । ଏହାର ପରିମାଣ ୨ ଟ୍ରିଲିୟନ ଠାରୁ ୨.୨୫ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ହେବ ବୋଲି ଆକଳନ କରାଯାଇଛି । ଭାରତରେ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ପାଇଁ ଦୃଢ଼ ତଥ୍ୟ ଉପଲବ୍ଧ ଥିବା ବେଳେ, ଆଦିବାସୀ ହସ୍ତଶିଳ୍ପ ଏବଂ ଜୀବିକା ପାଇଁ ଉପଲବ୍ଧ ତଥ୍ୟର ମାତ୍ରା ତୁଳନାତ୍ମକ ଭାବେ ଦୁର୍ବଳ । ତଥାପି ରଣନୈତିକ ପ୍ରଭାବ ସ୍ପଷ୍ଟ ନୁହେଁ: ଆଦିବାସୀ କଳା ଏବଂ ହସ୍ତଶିଳ୍ପ କିଛି ଗ୍ରାମୀଣ ଜୀବିକା ମଧ୍ୟରେ ଅନ୍ତର୍ଭୁକ୍ତ ଯାହା ସତ୍ୟତା, ଲଜିଷ୍ଟିକ୍ସ ଏବଂ ଗୁଣାତ୍ମକ ବ୍ୟବସ୍ଥା ଥିବା ସମୟରେ ସିଧାସଳଖ ବିଶ୍ୱ ସୃଜନଶୀଳ ସାମଗ୍ରୀ ଚାହିଦା ସହିତ ସଂଯୋଗ କରିପାରିବ ।

ଭାରତର ଅନୁସୂଚିତ ଜନଜାତି ଜନସଂଖ୍ୟା ପ୍ରାୟ ୧୦୪ ନିୟୁତ ବୋଲି ଆକଳନ କରାଯାଇଛି, ଯାହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୮.୬% । ପ୍ରାୟ ୭୦୦ଟି ଭିନ୍ନ ଭିନ୍ନ ଜନଜାତି ଗୋଷ୍ଠୀ ବିଭିନ୍ନ ଭୌଗୋଳିକ ଅଞ୍ଚଳ ଯଥା : ଜଙ୍ଗଲ, ପାହାଡ଼, ସମତଳ ଭୂମି ଏବଂ ସୀମାନ୍ତ ଅଞ୍ଚଳରେ ବିସ୍ତୃତ ହୋଇ ରହିଛନ୍ତି । ଏହି ବିବିଧତାର ସିଧାସଳଖ ଆର୍ଥିକ ସମ୍ପର୍କ ରହିଛି । ଏହା ପରିବେଶ ଅନୁଯାୟୀ ହସ୍ତଶିଳ୍ପର ବିଶେଷତ୍ୱକୁ ସୂଚାଏ ଯେପରିକି ଜଙ୍ଗଲ ଅଞ୍ଚଳରେ ବାଉଁଶ ଓ ବେତ କାମ, ଖଣିଜ ଅଞ୍ଚଳରେ ଧାତୁ ଓ ମାଟି କାମ ଏବଂ ବୁଣାକାର ଅଞ୍ଚଳରେ ବୟନ ଶିଳ୍ପର ପରମ୍ପରା ଦେଖିବାକୁ ମିଳେ । ଫଳସ୍ୱରୂପ, ଭାରତର ଜନଜାତି ଅଞ୍ଚଳଗୁଡ଼ିକରେ କେବଳ ଗୋଟିଏ ଜନଜାତି ହସ୍ତଶିଳ୍ପ କ୍ଷେତ୍ର ବଦଳରେ ବହୁମୁଖୀ ଅର୍ଥନୀତିର ବାସ୍ତବତା ରହିଛି । ତେଣୁ, ସରକାରୀ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସବୁ ହସ୍ତଶିଳ୍ପ ପାଇଁ ଗୋଟିଏ ଯୋଜନା ନହୋଇ ଏହା ଆଞ୍ଚଳିକ ଭିତ୍ତିରେ ପୃଥକ ହେବା ଆବଶ୍ୟକ । ଏଥିସହ କଞ୍ଚାମାଲର ସୀମିତତା, ନକ୍ସା, ଗୁଣବତ୍ତା ଏବଂ ବଜାର ସଂଯୋଗୀକରଣ ଭଳି ଦିଗ ପ୍ରତି ସଚେତନ ରହିବା ଜରୁରୀ ।

ସମ୍ପ୍ରତି ଜନଜାତି କଳା/ହସ୍ତଶିଳ୍ପ ଜୀବିକା ଇକୋସିଷ୍ଟମ ମନ୍ତ୍ରଣାଳୟ ଏବଂ ପ୍ରତିଷ୍ଠାନଗୁଡ଼ିକରେ ଓଭରଲାପିଂ ନିର୍ଦ୍ଦେଶନାମା ଦ୍ୱାରା ନିଜର ସ୍ୱରୂପ ଲାଭ କରିଛି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ହେଉଛି ଏହାର ମୂଳ ଆଧାର । ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଉନ୍ନତ କରିବା ନିମନ୍ତେ ଏହା କାର୍ଯ୍ୟ କରେ ଏବଂ ଟ୍ରାଇଫେଡ (ଆଦିବାସୀ ସମବାୟ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେସନ ଅଫ୍ ଇଣ୍ଡିଆ ଲିମିଟେଡ୍) ମାଧ୍ୟମରେ ବଜାର ସଂଯୋଗ ପ୍ରଦାନ କରେ, ଯାହା ଏକ ପ୍ରମୁଖ ବଜାର ପରିଚାଳକ ଭାବେ କାର୍ଯ୍ୟ କରେ । ଟ୍ରାଇଫେଡ ବନ ଧନ ବିକାଶ କେନ୍ଦ୍ର (ଭିଡିଭିକେ)କୁ ସମର୍ଥନ କରେ, ଯାହା କ୍ରୟ ଏବଂ ମୂଲ୍ୟ ସଂଯୋଜନ ପାଇଁ ତୃଣମୂଳ ସ୍ତରର ୟୁନିଟ୍ ଅଟେ । ଉତ୍ପାଦକମାନଙ୍କୁ କ୍ରେତା ଏବଂ ସଂସ୍ଥାଗତ ଅଂଶୀଦାରମାନଙ୍କ ସହିତ ସଂଯୋଗ କରିବା ପାଇଁ ଟ୍ରାଇବ୍ସ ଇଣ୍ଡିଆ ଆଉଟଲେଟ୍ ଏବଂ ଆଦି ମହୋତ୍ସବ/ହାଟ ମାଧ୍ୟମରେ ଖୁଚୁରା ମାର୍କେଟିଂ କରେ। ବୟନ ମନ୍ତ୍ରଣାଳୟ ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ (ଏନଏଚଡିପି) ମାଧ୍ୟମରେ ହସ୍ତଶିଳ୍ପ ଏବଂ ବ୍ୟାପକ ହସ୍ତତନ୍ତ/ହସ୍ତଶିଳ୍ପ କ୍ଲଷ୍ଟର ବିକାଶ ଯୋଜନା (ସିଏଚସିଡିଏସ) ମାଧ୍ୟମରେ କ୍ଲଷ୍ଟର ଭିତ୍ତିଭୂମିକୁ ପ୍ରୋତ୍ସାହିତ କରେ । ଏହାସହ କାରିଗରମାନଙ୍କର ଡାଟାବେସ୍ ରକ୍ଷଣାବେକ୍ଷଣ କରିଥାଏ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପାରମ୍ପରିକ ଶିଳ୍ପ ପୁନରୁତ୍ଥାନ ପାଇଁ ପାଣ୍ଠି ଯୋଜନା (ଏସଏଫୟୁଆରଟିଆଇ) ମାଧ୍ୟମରେ କ୍ଲଷ୍ଟର ପୁନରୁତ୍ଥାନ ଏବଂ ବଜାରୀକରଣକୁ ସମର୍ଥନ ଯୋଗାଏ । ସ୍ପଷ୍ଟ ଭାବରେ ଯୋଗାଣ-ଚାଳିତରୁ ବଜାର-ଚାଳିତ ମଡେଲକୁ ସ୍ଥାନାନ୍ତରିତ ହୁଏ ଏବଂ ଏକ ଚ୍ୟାନେଲ ଭାବରେ ଇ-କମର୍ସ ଉପରେ ଗୁରୁତ୍ୱ ପ୍ରଦାନ କରେ।

ଅଭିଜ୍ଞତାରୁ ଜଣାପଡ଼ିଛି ଯେ ଗ୍ରାମୀଣ ଜୀବିକାର ମୂଲ୍ୟ-ଶୃଙ୍ଖଳା (Value-chain) ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି, କାରଣ ଏହି ଦୁର୍ବଳ କାରିଗରମାନେ ସିଧାସଳଖ ବଜାର ସହିତ ଜଡ଼ିତ ନୁହନ୍ତି ଏବଂ ସେମାନେ ମଧ୍ୟସ୍ଥିମାନଙ୍କ ଉପରେ ଅଧିକ ନିର୍ଭରଶୀଳ । ଏହି କାରଣଗୁଡ଼ିକ ଯୋଗୁଁ ଲାଭାଂଶ ହ୍ରାସ ପାଇଥାଏ ଏବଂ ଉପଯୁକ୍ତ ଗୋଦାମ ଘର ତଥା ସଂଗ୍ରହ ପ୍ରକ୍ରିୟାର ଅଭାବ ବୃହତ ସ୍ତରୀୟ ଆର୍ଥିକ ଲାଭ (Economies of scale) ପାଇବାରେ ବାଧା ସୃଷ୍ଟି କରିଥାଏ । ଯଦି ଆମେ କାରିଗର ପରିବାର ସ୍ତରରେ ଏହାର ବିଶ୍ଳେଷଣ କରିବା, ତେବେ ଏକ ମିଶ୍ରିତ ଅର୍ଥନୀତିର ଚିତ୍ର ସ୍ପଷ୍ଟ ଦେଖାଯାଏ । କାରିଗରମାନେ ହସ୍ତଶିଳ୍ପ କାମକୁ ଏକ ସପ୍ଲିମେଣ୍ଟାରୀ ବା ଆଂଶିକ ସମୟର ରୋଜଗାର ଭାବେ ଗ୍ରହଣ କରନ୍ତି, ବିଶେଷକରି ଯେଉଁଠାରେ କୃଷି କାର୍ଯ୍ୟ ଋତୁଭିତ୍ତିକ କିମ୍ବା ପରିବାରର ଆବଶ୍ୟକତା ପୂରଣ ପାଇଁ ଅପର୍ଯ୍ୟାପ୍ତ ହୋଇଥାଏ । ଏଭଳି ପରିସ୍ଥିତିରେ, ଋଣ ପାଇବାର ଅସୁବିଧା, ଉଦ୍ୟୋଗ ବିକାଶର ଅଭାବ, ବଜାର ସଂଯୋଗୀକରଣର ଅଭାବ ଏବଂ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳତା କାରଣରୁ ସେମାନଙ୍କର ଆୟ ଅସ୍ଥିର ହୋଇଥାଏ ।

ଅଭିଜ୍ଞତା ଦର୍ଶାଏ ଯେ, ଗ୍ରାମାଞ୍ଚଳରେ ଜୀବିକା ମୂଲ୍ୟ-ଶୃଙ୍ଖଳା ଦୁର୍ବଳ ହୋଇଥିବାରୁ ଏହା ପ୍ରତିକୂଳ ପ୍ରଭାବ ପ୍ରଦର୍ଶନ କରିଥାଏ, ଯାହା ଫଳରେ କାରିଗରମାନେ ସିଧାସଳଖ ବଜାର ସହିତ ଯୋଡ଼ି ହୋଇପାରି ନଥାଆନ୍ତି ଏବଂ ମଧ୍ୟସ୍ଥିମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାକୁ ପଡ଼ିଥାଏ । ଏହି କାରଣଗୁଡ଼ିକ ଯୋଗୁଁ ମାର୍ଜିନ ହ୍ରାସ ପାଇଥାଏ ଏବଂ ଦୁର୍ବଳ ଗୋଦାମ ଏବଂ ଏକତ୍ରୀକରଣ ପରିମାଣ ଅର୍ଥନୀତି ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଯଦି ଆମେ କାରିଗର ପରିବାରର ସ୍ତର ପର୍ଯ୍ୟନ୍ତ ବିଶ୍ଳେଷଣକୁ ଆହୁରି ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିବା, ତେବେ ଦୃଶ୍ୟମାନ ହେଉଥିବା ଢାଞ୍ଚା ଏକ ମିଶ୍ରିତ ଅର୍ଥନୀତି ବୋଲି ସହଜରେ ଜାଣିପାରିବା । କାରିଗରମାନେ କାରିଗରୀ ବୃତ୍ତିକୁ ପରିପୂରକ କିମ୍ବା ଆଂଶିକ ନିଯୁକ୍ତି ଭାବରେ ବିବେଚନା କରନ୍ତି, ବିଶେଷକରି ଯେଉଁଠାରେ କୃଷି ଋତୁକାଳୀନ କିମ୍ବା ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ହୋଇ ନଥାଏ । ଏପରି ସ୍ଥିତିରେ, ଦୁର୍ବଳ ଋଣ ଯୋଗ୍ୟତା ଏବଂ ଉଦ୍ୟୋଗ ବିକାଶ, ମାର୍କେଟିଂ ସଂଯୋଗର ଅଭାବ ଏବଂ ବ୍ୟବସାୟୀମାନଙ୍କ ଉପରେ ନିର୍ଭରଶୀଳତା ଅନିଶ୍ଚିତ ଆୟ ପ୍ରବାହ ଭଳି ସ୍ଥିତି ସୃଷ୍ଟି କରେ ।

ତଥାପି, କମ୍ ପୁଞ୍ଜିକୁ ଆଧାର କରି ହସ୍ତଶିଳ୍ପ ଉତ୍ପାଦନ କରାଯାଇପାରିବ ଏବଂ ଏଥିରୁ ଅଧିକ ଲାଭ ମିଳିବାର ମଧ୍ୟ ସମ୍ଭାବନା ରହିଛି । ହସ୍ତଶିଳ୍ପ ହସ୍ତକ୍ଷେପ ପ୍ରାୟତଃ ମହିଳାଙ୍କ ନିଯୁକ୍ତି, ଆୟ ଏବଂ ବିପଣନ କରିବାର ଶକ୍ତି ଉପରେ ନିର୍ଭରଶୀଳ । ସ୍ଥୁଳ ଆକଳନ ଆମକୁ ଦର୍ଶାଏ ଯେ ୭ ନିୟୁତରୁ ଅଧିକ କାରିଗରଙ୍କ ମଧ୍ୟରୁ ୫୬ ପ୍ରତିଶତରୁ ୭୦ ପ୍ରତିଶତ ଏବଂ ହସ୍ତତନ୍ତ କ୍ଷେତ୍ର ଅଧୀନରେ ଥିବା ୭୨.୨୯ ପ୍ରତିଶତ ବୁଣାକାର ମହିଳା ଅଟନ୍ତି । ଦକ୍ଷତା ପ୍ରସାରଣ ଅନୌପଚାରିକ ଭାବରେ ଏବଂ ସାଧାରଣତଃ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରବାହିତ ହୋଇଥାଏ ଏବଂ ଆଦିବାସୀ କଳା ପାଇଁ, ଯେଉଁଠାରେ ସାଂସ୍କୃତିକ ଅର୍ଥ କୌଶଳ ଏବଂ କାହାଣୀରେ ସନ୍ନିହିତ, ପ୍ରସାରଣ ଉଭୟ ଆର୍ଥିକ (କୌଶଳ) ଏବଂ ସାଂସ୍କୃତିକ (ପ୍ରାମାଣିକତା) ବୋଲି ବିବେଚନା କରାଯାଇପାରେ ।

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ଥିବା ତିନୋଟି ଦୃଶ୍ୟମାନ ମଡେଲ ଦୃଢ଼ ସଂଯୋଗ ପାଇଁ ପଥ ପ୍ରଦାନ କରେ : ଭିଡିଭିକେ ଭଳି ଉତ୍ପାଦକ ଗୋଷ୍ଠୀ ଯାହା ସହଭାଗୀ ଭିତ୍ତିଭୂମି ଏବଂ ଏକତ୍ରୀକରଣ ପ୍ରଦାନ କରେ କ୍ଲଷ୍ଟର ବିକାଶ ଏବଂ ଦକ୍ଷତା ଉନ୍ନତି ପାଇଁ ରାଜ୍ୟସ୍ତରରେ କ୍ରେତା ଏବଂ ସମବାୟ ପ୍ରତିଷ୍ଠାନ ସହିତ ସଂଯୋଗ ପାଇଁ ଟ୍ରାଇବ୍ସ ଇଣ୍ଡିଆ ଭଣ୍ଡାରଣ କରେ । ଉଦାହରଣ ସ୍ୱରୂପ, ଓଡ଼ିଶାରେ ୨,୪୫୯.୯୧ ଲକ୍ଷ ଟଙ୍କାର କ୍ରମାଗତ ବିକ୍ରୟ ସହିତ ୧୫୦ଟି ଭିଡିଭିକେ କାର୍ଯ୍ୟକ୍ଷମ ଏବଂ ପ୍ରାୟ ୪୦,୦୦୦ ଆଦିବାସୀ ଉତ୍ପାଦକଙ୍କୁ ଏହା ଅଧୀନରେ ଏକୀକୃତ କରାଯାଇଛି। ଜନଜାତି ବିକାଶ ସମବାୟ ନିଗମ, ଏକ ଶୀର୍ଷସ୍ତରୀୟ ସମବାୟ ସଂସ୍ଥା, ଜନଜାତି ଉତ୍ପାଦକମାନଙ୍କ ଦ୍ୱାରା ଉତ୍ପାଦିତ ଜଙ୍ଗଲ ଏବଂ ଅଣ-ଜଙ୍ଗଲ ଆଧାରିତ ସାମଗ୍ରୀର ମାର୍କେଟିଂ ଏବଂ ବ୍ରାଣ୍ଡିଂକୁ ଗତି ପ୍ରଦାନ କରିଥାଏ । ଏହା ଭାରତ ପାଇଁ ଏକ ମୁଖ୍ୟ ରଣନୈତିକ ଆଭିମୁଖ୍ୟକୁ ରେଖାଙ୍କିତ କରେ : ନାରଙ୍ଗୀ ଅର୍ଥନୀତି ମଧ୍ୟରେ ଜନଜାତି କଳା/ ହସ୍ତଶିଳ୍ପ ପାଇଁ ଉତ୍ତମ କ୍ଷେତ୍ର ହିସାବ, ପ୍ରବର୍ତ୍ତନଯୋଗ୍ୟ ପ୍ରାମାଣିକତା/ ନୈତିକ ବାଣିଜ୍ୟ ଭିତ୍ତିଭୂମି ଏବଂ ମଧ୍ୟସ୍ଥିଙ୍କ ଫାନ୍ଦରେ ପଡ଼ିବା ଭଳି ଆଶଙ୍କାକୁ ହ୍ରାସ କରିବା ପାଇଁ ଦୃଢ଼ ଉତ୍ପାଦକ-ମାଲିକାନା ବଣ୍ଟନ ଆବଶ୍ୟକ । ସ୍ୱଳ୍ପକାଳୀନ ଭାବରେ, ଭାରତ ଜନଜାତି ମହୋତ୍ସବ ଭଳି ଉତ୍ସବଗୁଡ଼ିକୁ କ୍ରୟ ପାଇପ ଲାଇନ, ଉତ୍ପାଦ ତାଲିକାର ମାନକୀକରଣ ଏବଂ ଡିଜିଟାଲାଇଜେସନ ଏବଂ ଜାତୀୟ ଜନଜାତି ଆର୍ଥିକ ବିକାଶ ନିଗମ ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଭଳି ଯୋଜନା ମାଧ୍ୟମରେ କ୍ରେତାଙ୍କ ଅର୍ଡର ସହିତ କ୍ରେଡିଟ୍ ସହାୟତାର ସମନ୍ୱୟକୁ ବିଚାର କରିବାକୁ ପଡିବ । ତଥାପି ଦୀର୍ଘକାଳୀନ ଭାବରେ ସରକାରଙ୍କୁ ଏକ ଆଦିବାସୀ ସୃଜନଶୀଳ ଅର୍ଥନୀତି ସାଟେଲାଇଟ୍ ଆକାଉଣ୍ଟ୍ ଗଠନ, ରପ୍ତାନି ଗ୍ରେଡ୍ ଅନୁପାଳନ ଏବଂ ବ୍ରାଣ୍ଡ୍ ଢାଞ୍ଚା ନିର୍ମାଣ ଏବଂ ଆଦିବାସୀ କଳା ପାଇଁ ଏକ ଭାରତ-ଉପଯୁକ୍ତ ନୈତିକ ବାଣିଜ୍ୟ କୋଡ୍ ଗଠନ କରିବା ବିଷୟରେ ବିଚାର କରିବାକୁ ପଡିବ । ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଆଦିବାସୀ ନାରଙ୍ଗୀ ଅର୍ଥନୀତି ଉପାନ୍ତ ଅଞ୍ଚଳକୁ ସମୃଦ୍ଧ କରିବ ଏବଂ ୨୦୪୭ରେ ବିକଶିତ ଭାରତ ଅଭିମୁଖେ ଯାତ୍ରାରେ ସାମିଲ ହୋଇପାରିବ ।

**(ଲେଖିକା କେନ୍ଦ୍ର ସରକାରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବରେ କାର୍ଯ୍ୟରତ )**

# ଓଡ଼ିଶାର ସାବରମତୀ –'ଅଳକା ଆଶ୍ରମ'



ନିବେଦିତା ମହାନ୍ତି

ମହାତ୍ମା ଗାନ୍ଧିଙ୍କର ସାବରମତୀ ସତ୍ୟାଗ୍ରହ ଆଶ୍ରମ ପରି ଜଗତସିଂହପୁର ଅଳକା ନଦୀ ସନ୍ନିକଟ ମାଛଗାଁ କେନାଲକୁ ଲାଗି ସୋମନାଥ ହାଟ ନିକଟରେ 'ଅଳକା ଆଶ୍ରମ' ସତ୍ୟାଗ୍ରହ ଆନ୍ଦୋଳନର ଏକ ଅବିସ୍ମରଣୀୟ ପୀଠ ଭାବରେ ଗଢ଼ି ଉଠିଥିଲା । ସୋମନାଥ ହାଟପାଖ ବଡ଼ ଆମ୍ବତୋଟା ଓ ତାକୁ ଲାଗି କିଛି ଜମି ଜଗତସିଂହପୁରର ବିଖ୍ୟାତ ଜମିଦାର (ଚାଟରା ମହାପାତ୍ର ପରିବାର ଶ୍ରୀ ଦୁର୍ଗାଚରଣ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ) ଭାଗୀରଥି ମହାପାତ୍ରଙ୍କ ପିତା ଓ ଦାଦା ପୁଅ ଭାଇ ୨୫ଏକର ବିସ୍ତୃତ ଜମି ଉପରେ ଥିବା ଆମ୍ବତୋଟାରେ ୧୯୨୧ମସିହାରେ 'ଅଳକା ଆଶ୍ରମ'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ଥିଲା। ପରବର୍ତ୍ତୀ ସମୟରେ ୧୯୨୨ ମସିହା ଫେବୃଆରୀ ୧ତାରିଖରେ ଶ୍ରୀପଞ୍ଚମୀ ଦିନ ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠାତା ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଣ୍ଡିତ ଗୋପବନ୍ଧୁ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ସେହିଦିନ 'ଅଳକା ଆଶ୍ରମ' ଜମି ସମ୍ପର୍କିତ ଏକ ଉଇଲ୍ ଗୋପବନ୍ଧୁ ଚୌଧୁରୀଙ୍କ ନାମରେ ସମ୍ପାଦିତ ହୋଇଥିଲା । ଖୋଲା ଜାଗାରେ ଏହା 'ସତ୍ୟବାଦୀ ବନବିଦ୍ୟାଳୟ' ଆଦର୍ଶରେ ପରିଚାଳିତ ଏକ ଜାତୀୟ ସ୍କୁଲ ଭାବରେ ଅଳକା ଆଶ୍ରମ ମୁଣ୍ଡ ଟେକି ଉଠିଥିଲା ।

ଅଳକା ଆଶ୍ରମ ପ୍ରତିଷ୍ଠା ପାଇଁ ଭାଗୀରଥି ମହାପାତ୍ର ବିଶେଷ ଉଦ୍ୟମ କରିଥିଲେ । ଏହି ଆଶ୍ରମର ଜଣେ କର୍ମନିଷ୍ଠ ବ୍ୟକ୍ତି ଥିଲେ ପ୍ରାଣକୃଷ୍ଣ ପଢ଼ିହାରୀ । ଆଶ୍ରମରେ ସମ୍ପୂର୍ଣ୍ଣ ଭାବରେ ଜାତୀୟ ଧାରାରେ ଶିକ୍ଷାଦାନ କରାଯାଉଥିଲା। ଏଠାରେ ସାଧାରଣ ବିଷୟ ଛଡ଼ା କୃଷିକାର୍ଯ୍ୟ, ସୂତାକଟା, ଲୁଗାବୁଣା, ସଂସ୍କୃତ ଓ ହିନ୍ଦୀ ଶିକ୍ଷାଦାନ ସହିତ ମୌଳିକ, ରାଜନୈତିକ ଓ ଧର୍ମଶିକ୍ଷା ନିୟମିତ ରୂପେ ଦିଆଯାଉଥିଲା । ପିଲାମାନେ ଏଠାରେ ନିୟମିତ ଭାବେ ଖବର କାଗଜ ପଢୁଥିଲେ । ଏହି ଆଶ୍ରମରେ ତତ୍କାଳୀନ ବହୁ ବିଶିଷ୍ଟ ବ୍ୟକ୍ତି ଜଡ଼ିତ ଥିଲେ, ଯଥା– ଜଗତସିଂହପୁର ସରକାରୀ ଏମ୍.ଇ. ସ୍କୁଲର ପ୍ରଧାନ ଶିକ୍ଷକ କିଶୋରୀ ଚରଣ କାନୁନ୍‌ଗୋ, ଗୁରୁ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ପଢ଼ିହାରୀ, ଦ୍ୱାରିକାନାଥ ମହାପାତ୍ର, ଗୁଣନିଧି ସାହୁ, କଟକ ସ୍ୱରାଜ ଆଶ୍ରମର ବିଶ୍ୱନାଥ ନନ୍ଦ, ସୁଦର୍ଶନ ପ୍ରହରାଜ, କୃଷ୍ଣଚନ୍ଦ୍ର ପ୍ରଧାନ, ପୁରୀର ଫକୀର ମିଶ୍ର, ବାବାଜୀ ରାମଦାସ, ଭଦ୍ରକର ଗୋକୁଳାନନ୍ଦ ମହାନ୍ତି ଓ ଆଳିର ସହଦେବ ଦାସ ଓ ଉଦୟନାଥ ଷଡ଼ଙ୍ଗୀ, ବିଶ୍ୱନାଥ ପରିଡ଼ା, ଚୈତନ୍ୟ ଚରଣ ମହାପାତ୍ର (ଭାଗୀରଥି ମହାପାତ୍ରଙ୍କ ସାନଭାଇ) ଚାଟରାର ବ୍ରହ୍ମାନନ୍ଦ ଚୌଧୁରୀ, ପଳାଶୋଳର ଗିରିଧାରୀ ପଣ୍ଡା (ପଣ୍ଡିତ ପଢ଼ିଆରୀଙ୍କ ଜ୍ୱାଇଁ)।

ଅଳକା ଆଶ୍ରମରେ ପରବର୍ତ୍ତୀ ସମୟରେ ମା' ରମାଦେବୀ ଓ ଗୋପବନ୍ଧୁ ଚୌଧୁରୀଙ୍କ ପରିବାର (ଯଥା ପୁଅ ମନମୋହନ ଚୌଧୁରୀ ଓ ଝିଅ ଅନପୂର୍ଣ୍ଣା) ଆସି ରହିଲେ । ଗୋପବନ୍ଧୁ ଚୌଧୁରୀଙ୍କ ସାନଭାଇ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ପିଲାମାନଙ୍କୁ ବନବିଦ୍ୟାଳୟ ଢାଞ୍ଚାରେ ପାଠପଢ଼ା ସହ ସୂତାକଟା, ଚାଷକାମ (ପରିବା ଚାଷ) ଓ ଗ୍ରାମ ସଫେଇ ଆଦି କାର୍ଯ୍ୟ କରାଯାଉଥିଲା । ଆଶ୍ରମ ପରିଚାଳନାରେ ଭାଗୀରଥି ବାବୁଙ୍କ ସହ ସରଳା ଦେବୀ ପ୍ରମୁଖ ଅଂଶଗ୍ରହଣ କରୁଥିଲେ । ଅଳକା ଆଶ୍ରମ ତରଫରୁ 'ଅଳକା' ନାମକ ଏକ ହାତଲେଖା ମାସିକ ପତ୍ରିକା ପ୍ରକାଶ ପାଉଥିଲା । ଏଥିରେ ସରଳା ଦେବୀ, ଅନ୍ନଦାଶଙ୍କର ରାୟ, ଉଦୟନାଥ ଷଡ଼ଙ୍ଗୀ, ଗୋକୁଳାନନ୍ଦ ମହାନ୍ତି, ଜାତୀୟ କବି ବୀରକିଶୋର, ରାମକୃଷ୍ଣ ନନ୍ଦ ତଥା ନୀଳମଣି ମହାନ୍ତିଙ୍କର ଲେଖା ସବୁ ପ୍ରକାଶ ପାଉଥିଲା।

କହିବାକୁ ଗଲେ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ, ବାବାଜୀ ରାମଦାସ, ଭାଗୀରଥି ମହାପାତ୍ର ଓ ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ଅଳକା ଆଶ୍ରମର ମୁରବୀ ଥିଲେ । କଲେଜ ଛାଡ଼ିଥିବା ଯୁବକମାନେ ଯଥା–ନବକୃଷ୍ଣ ଚୌଧୁରୀ, ନୀଳମଣି ପ୍ରଧାନ ଓ ଗୋକୁଳାନନ୍ଦ ମହାନ୍ତି ପ୍ରମୁଖ ଏଠାରେ ଶିକ୍ଷାଦାନ କରୁଥିଲେ । ଭାଗୀରଥି ମହାପାତ୍ର ସବୁବେଳେ ଅଳକା ଆଶ୍ରମକୁ ଆସନ୍ତି ଓ ଗୋପବନ୍ଧୁ ଚୌଧୁରୀଙ୍କର ଅନୁପସ୍ଥିତିରେ ରମାଦେବୀଙ୍କ ଅନୁରୋଧକ୍ରମେ ଗାନ୍ଧୀଜିଙ୍କ 'ୟଙ୍ଗ୍ ଇଣ୍ଡିଆ'ରେ




ପ୍ରକାଶିତ ଲେଖାଗୁଡ଼ିକୁ ପଢ଼ି ତାକୁ ଓଡ଼ିଆରେ ତର୍ଜମା କରି ବୁଝାନ୍ତି । ଏହି ଆଶ୍ରମରେ ପ୍ରତି ବର୍ଷ ଏପ୍ରିଲ୍ ମାସ (୬ରୁ୧୩) ଜାତୀୟ ସପ୍ତାହ ଉପଲକ୍ଷେ ପ୍ରଭାତଫେରି କରାଯାଏ । ଏଥିରେ ଚାଟରାର ଚୈତନ୍ୟ ଚରଣ ମହାପାତ୍ର, ବ୍ରହ୍ମାନନ୍ଦ ଚୌଧୁରୀ ଓ ଗିରିଧାରୀ ପଣ୍ଡା ପ୍ରମୁଖ ଖୋଳ କରତାଳ ଧରି କୀର୍ତ୍ତନ କରି ଗୀତ ବୋଲି 'ଭାଇରେ ଆଜି ଆସିଛି ଦିନ, ବିଦେଶୀ ବସନ କର ବର୍ଜନ' ଗାଇ ଚାଲନ୍ତି।

ଆଶ୍ରମଟି କେବଳ ସର୍ବସାଧାରଣଙ୍କର କୃପାଭିକ୍ଷା ଉପରେ ହିଁ ନିର୍ଭର କରି ଚଳେ । ସେତେବେଳେ ବିଦ୍ୟାଳୟର ମାସିକ ବ୍ୟୟ ଥିଲା ୩୦୦ଟଙ୍କା । ଅଳକା ଆଶ୍ରମ ସ୍ଥାପିତ ହେବାର ୨/୩ ବର୍ଷ ଭିତରେ ବହୁ ଦକ୍ଷ କର୍ମୀ ବାହାରି ଥିଲେ । ୧୯୨୫ ମସିହାରେ ସି.ଏଫ୍. ଏଣ୍ଡ୍ରୁଜ୍ ସାହେବ ମଧ୍ୟ ଅଳକା ଆଶ୍ରମ ପରିଦର୍ଶନରେ ଆସିଥିଲେ ଓ ଏହି ଅନୁଷ୍ଠାନ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ । ମହାତ୍ମା ଗାନ୍ଧିଙ୍କ ସହିତ ମଧ୍ୟ ଅଳକା ଆଶ୍ରମର କର୍ମୀମାନେ ସାକ୍ଷାତ କରି ଆଶ୍ରମ ସ୍ଥାୟୀ ହୋଇ ରହିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତିବର୍ଷ ଶ୍ରୀପଞ୍ଚମୀରେ ଏଠାରେ ବାର୍ଷିକ ଉତ୍ସବ ପାଳନ କରାଯାଏ । ଏହି ଉତ୍ସବରେ ଉତ୍କଳମଣି ଗୋପବନ୍ଧୁ ଦାସ, ଅଟଳ ବିହାରୀ ଆଚାର୍ଯ୍ୟ, ଭିକାରୀ ପଟ୍ଟନାୟକ ଓ ଲାଲା ନଗେନ୍ଦ୍ର ରାୟ ପ୍ରମୁଖ ଯୋଗ ଦିଅନ୍ତି ଓ ସମ୍ପାଦକ ଭାଗୀରଥି ମହାପାତ୍ର ବାର୍ଷିକ ବିବରଣୀ ପାଠ କରନ୍ତି ।

୧୯୨୪ ମସିହା ବେଳକୁ ବିଶେଷ ଖ୍ୟାତି ଲାଭ କରିଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ଡ଼ିଶାଳ କୁହାଯାଉଥିବା ଏହି ଅଳକା ଆଶ୍ରମ ୧୯୨୭ ମସିହା ବେଳକୁ ଧୀରେ ଧୀରେ କ୍ଷୟ ହେବାକୁ ବସିଲା । ତଥାପି ୧୯୨୭ ମସିହା ପରେ ଏହା କେବଳ ସୀମିତ କର୍ମୀଙ୍କୁ ଆଧାର କରି ରହିଲା । କିନ୍ତୁ ଏହା ପରବର୍ତ୍ତୀ ୧୯୨୯ ମସିହାରେ ଏହି ଆଶ୍ରମରେ ଗୋପବନ୍ଧୁ ସ୍ମୃତିରକ୍ଷା କମିଟିର ବୈଠକ ବସିଥିଲା ଓ ସେଥିରେ ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଯେ ୧୯୩୦ ଦଶକରେ ଏହାର ସ୍ଥିତିଥିଲେ ମଧ୍ୟ ୧୯୪୨ ମସିହା 'ଭାରତ ଛାଡ଼' ଆନ୍ଦୋଳନ ସମୟରେ ଏହା ଅନ୍ୟାନ୍ୟ ଅନୁଷ୍ଠାନ ପରି ବେଆଇନ ଘୋଷିତ ହୋଇଥିଲା ।

**ଭୁବନେଶ୍ୱର, ମୋ-୮୨୪୯୧୬୦୨୯୧**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ରେ...

୧୭୫ ଆସନ ଦିଆଯାଇଥିବାବେଳେ ଦୁଇଟି ଏକ୍‌ଜିଟ୍ ପୋଲ୍ ଟିଏମ୍‌ସିକୁ ୧୭୭ ଓ ୨୦୫ ଆସନ ପାଇବ ବୋଲି ଆକଳନ କରିଛି । ପଶ୍ଚିମବଙ୍ଗରେ ସରକାର ଗଠନ ଲାଗି ୧୪୮ ଟି ଆସନ ଯେ କୌଣସି ଦଳକୁ ହାସଲ କରିବାକୁ ପଡ଼ିବ । ମାର୍ଟିଜ୍ ସଂସ୍ଥା ପକ୍ଷରୁ ବିଜେପିକୁ ୧୪୬ ରୁ ୧୬୧, ଟିଏମ୍‌ସିକୁ ୧୨୫ ରୁ ୧୪୦, ପି ମାର୍କ ପକ୍ଷରୁ ବିଜେପିକୁ ୧୫୦ ରୁ ୧୭୫ ଓ ଟିଏମ୍‌ସିକୁ ୧୧୮ ରୁ ୧୩୮ ଆସନ ମିଳିବ ବୋଲି ଆକଳନ ହୋଇଛି । ଚାଣକ୍ୟ ଷ୍ଟ୍ରାଟେଜି ପକ୍ଷରୁ ବଜେପି ୧୫୦ ରୁ ୧୬୦, ଟିଏମ୍‌ସିକୁ ୧୩୦ ରୁ ୧୪୦ ଆସନ ମିଳିବ ବୋଲି କୁହାଯାଇଛି । ସେହିଭଳି ପିପୁଲ୍ସ ପ୍ଲସ୍ ଟିଏମ୍‌ସିକୁ ୧୭୭ ରୁ ୧୮୭ ଆସନ ଦେଇଥିବାବେଳେ ଜନମତ ପୋଲ୍ସ ଟିଏମ୍‌ସି ଲାଗି ୧୯୫ ରୁ ୨୦୫ ଆସନ ଆକଳନ କରିଛି । ତେବେ ଗୋଟିଏ ସଂସ୍ଥା ଜେଭିସି ବିଜେପିକୁ ୧୩୮ ରୁ ୧୫୯ ଓ ଟିଏମ୍‌ସିକୁ ୧୩୧ ରୁ ୧୫୨ ଆସନ ଦେଇଛି । ତେବେ ହାରାହାରି ଭାବେ ଆକଳନ କଲେ ମେ' ୪ ଗଣତି ପୂର୍ବରୁ ଟିଏମ୍‌ସିକୁ କ୍ଷମତାକୁ ଆସିବ ନାହିଁ ବୋଲି କହିହେବନାହିଁ ।

ସେହିଭଳି କେରଳର ୧୪୦ ଆସନ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌କୁ ୭୭ ଆସନ ପୋଲ୍‌ଅଫ୍ ଏକ୍‌ଜିଟ୍ ପୋଲ୍ ଦେଇଥିବାବେଳେ ଏଲ୍‌ଡିଏଫ୍‌କୁ ୫୯ ଆସନ ଦେଇଛି । ସେହିଭଳି ଆସାମର ୧୨୬ ଅସାନ ମଧ୍ୟରୁ ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ ବିଜେପି ମେଣ୍ଟକୁ ୮୮ ଆସନ ଦେଇଥିବାବେଳେ କଂଗ୍ରେସ ମେଣ୍ଟକୁ ୨୭ ଆସନ ଦେଇଛି । ତେବେ ତାମିଲନାଡୁର ୨୩୪ ଆସନ ମଧ୍ୟରୁ ପୋଲ୍‌ଅଫ୍ ଏକ୍‌ଜିଟ୍ ପୋଲ୍‌ରେ ଡିଏମ୍‌କେ ମେଣ୍ଟକୁ ୧୩୦ ଓ ଏଆଇଏଡିଏମ୍‌କେ ମେଣ୍ଟକୁ ୬୫ ଆସନ ଦିଆଯାଇଛି । ପୁଡୁଚେରୀର ୩୦ ଆସନ ମଧ୍ୟରୁ ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ରେ ବିଜେପି ମେଣ୍ଟ ୧୭, କଂଗ୍ରେସ ମେଣ୍ଟ ୯ ଓ ଅନ୍ୟାନ୍ୟ ୧୩ ଆସନ ପାଇବେ ବୋଲି ଆକଳନ ହୋଇଛି । ତେବେ ଏକ୍‌ଜିଟ୍ ପୋଲ୍‌ର ଆକଳନ ସବୁ ସମୟରେ ସଠିକ୍ ହୋଇନଥାଏ । ମେ' ୪ରେ ଭୋଟ୍ ଗଣତି ପରେ ପ୍ରକୃତ ଫଳାଫଳ ଜଣାପଡ଼ିବ ।

## ଆଲୋଚନାରେ...

ଉପରେ ଚାପ ପକାଇବାକୁ ଉଦ୍ୟମ ଆରମ୍ଭ କରିଛି । ବିଶେଷକରି ଇରାନର ଆଣବିକ କାର୍ଯ୍ୟକ୍ରମ ଆଲୋଚନାର ପ୍ରମୁଖ ବିଷୟବସ୍ତୁ ହେବ ବୋଲି ଟ୍ରମ୍ପ କହିବାରେ ଲାଗିଛନ୍ତି । ମାତ୍ର ଟ୍ରମ୍ପଙ୍କ ଧମକରେ ବି ଇରାନ ନଇଁବାର ସୂଚନା ମିଳୁନାହିଁ ।

## କାଳବୈଶାଖୀ...

୪୨.୨ଡିଗ୍ରୀ, ସୁନ୍ଦରଗଡ଼ରେ ୪୨ ଡିଗ୍ରୀ, ନୂଆପଡ଼ାରେ ୪୨ ଡିଗ୍ରୀ, ଭବାନୀପାଟଣାରେ ୪୨ ଡିଗ୍ରୀ, ରାଉରକେଲାରେ ୪୧.୨ ଡିଗ୍ରୀ, ଢେଙ୍କାନାଳରେ ୪୧ ଡିଗ୍ରୀ, ମାଲକାନଗିରିରେ ୪୦.୬ ଡିଗ୍ରୀ, ନୟାଗଡ଼ରେ ୪୦.୮ ଡିଗ୍ରୀ ଓ ଭୁବନେଶ୍ୱରରେ ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

ଆସନ୍ତାକାଲି(ଗୁରୁବାର) ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବ ଜିଲ୍ଲା ଝଡ଼ତୋଫାନ ସହିତ ପବନ ଘଣ୍ଟାପ୍ରତି ୫୦-୬୦ କିମି ବୋହିପାରେ । ଏଥିସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ଗରମ ସହିତ ଗୁଳୁଗୁଳି ହେବାର ସମ୍ଭାବନା ରହିଛି । ଆଗାମୀ ୪ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## କେନ୍ଦୁଝର...

ଏହି ନୂତନ ଇ-ବସ ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁଲଭ ଭଡା । ମାତ୍ର ୫ ଟଙ୍କାରୁ ବସ ଭଡା ଆରମ୍ଭ ହେଉଥିବାରୁ ଏହା ଦୈନନ୍ଦିନ ଯାତ୍ରା କରୁଥିବା ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ବେଶ୍ ସହାୟକ ହେବ । ସମସ୍ତ ବସ ସମ୍ପୂର୍ଣ୍ଣ ଭାବେ ଏସି ହୋଇଥିବା ବେଳେ ଯାତ୍ରୀଙ୍କ ସୁରକ୍ଷାକୁ ଏଥିରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । ପ୍ରତିଟି ବସ୍‌ରେ ସିସିଟିଭି କ୍ୟାମେରା, ପ୍ୟାନିକ୍ ବଟନ ଏବଂ ଜିପିଏସ ବ୍ୟବସ୍ଥା ରହିଛି, ଯାହାଦ୍ୱାରା ଯାତ୍ରୀମାନେ ବିଶେଷ କରି ମହିଳାମାନେ ନିର୍ଭୟରେ ଯାତ୍ରା କରିପାରିବେ । କେବଳ ପରିବହନ ନୁହେଁ, ବରଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହି ଯୋଜନା ମାଧ୍ୟମରେ ପ୍ରାୟ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି । ମହିଳାମାନଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ 'ମହିଳା ଶକ୍ତି' ଅଭିଯାନକୁ ଆହୁରି ସୁଦୃଢ଼ କରିଛି । ସାମଗ୍ରିକ ଭାବେ, ଏହି ଇ-ବସ ସେବା ସହରୀ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ।

କେନ୍ଦୁଝରବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଏହି ଜିଲ୍ଲା ଅବହେଳିତ ହୋଇ ରହିଥିଲା । ସେ ସ୍ପଷ୍ଟ କରିଛନ୍ତି ଯେ ଆମ ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି । ଜିଲ୍ଲାରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢି ତୋଳାଯିବ ।

ଏହି ବିଶାଳ ପଦକ୍ଷେପ ଜିଲ୍ଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପର ଅନ୍ୟତମ ବିଶେଷତ୍ୱ ହେଉଛି ନାରୀ ଶକ୍ତିର ସହଭାଗିତା । ଏହି ବସ୍ ସେବାରେ ମହିଳାମାନେ ସାରଥୀ (ଡ୍ରାଇଭର) ଏବଂ ଗାଇଡ୍ ଭାବେ ନିଯୁକ୍ତି ପାଇ ନିଜର ଦକ୍ଷତା ପ୍ରତିପାଦନ କରିବେ । ମାତ୍ର ୫ ଟଙ୍କାରୁ ଆରମ୍ଭ ହେଉଥିବା ଟିକେଟ ମୂଲ୍ୟ ଏବଂ ଡିଜିଟାଲ ପେମେଣ୍ଟ ସୁବିଧା ଛାତ୍ରଛାତ୍ରୀ ଓ ଶ୍ରମିକମାନଙ୍କ ପାଇଁ ବେଶ ସହାୟକ ହେବ । ପରିବେଶ ଦୃଷ୍ଟିକୋଣରୁ ଏହି ଇ-ବସ୍ ସେବା ବାର୍ଷିକ ପ୍ରାୟ ୩୩୦ ରୁ ୩୯୦ ଟନ୍ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଏହି ସେବାକୁ ରାଜ୍ୟର ଅନ୍ୟ ସହରଗୁଡ଼ିକୁ ସମ୍ପ୍ରସାରିତ କରାଯିବ ଏବଂ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପ୍ରାୟ ୨୩୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ପଦକ୍ଷେପ ଓଡ଼ିଶାକୁ "ଗ୍ରୀନ୍ ମୋବିଲିଟି" କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା କରିବ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ନିବେଦନ କରି କହିଛନ୍ତି ଯେ, ଆସନ୍ତା ୧୦ ବର୍ଷ ହେଉଛି ଓଡ଼ିଶା ପାଇଁ ସଂକଳ୍ପର ଦଶକ । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ କେନ୍ଦୁଝରର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ୬ ଜଣ ହିତାଧିକାରୀଙ୍କୁ ମୋଟ ୫,୭୫,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏଥିରେ କେନ୍ଦୁଝରର ହେମନ୍ତ ମହାନ୍ତଙ୍କୁ ବିବାହ ସହାୟତା ବାବଦରେ ୫୦,୦୦୦ ଟଙ୍କା ଏବଂ ଲବଙ୍ଗ ମହାନ୍ତଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୩,୦୫,୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି । ସେହିପରି 'ଉଦ୍ୟମୀ' ଯୋଜନାରେ ଚମ୍ପୁଆର ମା' ମଙ୍ଗଳା ଏସଏଚଜି, ଯୋଡ଼ାର ବନିତା ନାଏକ ଏବଂ ଝୁମ୍ପୁରାର କେଦାର ଚନ୍ଦ୍ର ନାଏକଙ୍କୁ ୬୦,୦୦୦ ଟଙ୍କା ଲେଖାଏଁ ଏବଂ ନୀଲମ ମହାକୁଡ଼ଙ୍କୁ ୪୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି ।

ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡକ୍ଟର ଫକୀର ମୋହନ ନାଏକ, ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାନସଭା...

ଛକପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ସମସ୍ତ ଯାନବାହନ କେଶରୀ ଟକିଜ୍ ଠାରୁ ବାମପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ । ଏଜି ଛକ ପଟୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଯାନବାହନ ଗୁଡିକ ଜୟଦେବଭବନ ପାଖରେ ଡାହାଣ ପାଶ୍ୱର୍ରେ ଥିବା ଇନ୍ଦିରା ଗାନ୍ଧି ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ ।

ମାଷ୍ଟରକ୍ୟାଣ୍ଟିନ ଛକ ପଟୁ ଆସୁଥିବା ସମସ୍ତ ଯାନବାହନ ଲୋୟର ପିଏମ୍‌ଜି ଛକପଟୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ । ୧୨୦ ବାଟାଲିୟନ ଛକପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ପଥଚାରୀ ପାଓ୍ୱାର ହାଉସ୍ ଛକ ଦେଇ ଯିବେ । ଲୋକଭବନ ଛକପଟୁ ଏମ୍‌ଏଲ୍‌ଏ କଲୋନୀ ଏବଂ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ସବୁ ଯାନବାହନ ଶାସ୍ତ୍ରୀନଗର ଛକ ଦେଇ ଯିବେ । ଏହି କଟକଣା ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନ ତଥା ପୋଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ଏବଂ ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଯାନବାହନ ନିମନ୍ତେ ଲାଗୁ ହେବନାହିଁ । ଏହି କଟକଣା ଆସନ୍ତା ୩୦ ତାରିଖ ସକାଳ ୭ଟାରୁ ଲାଗୁ କରାଯିବ । ସୁରକ୍ଷାରେ ଅତିରିକ୍ତ ୩୦ ପ୍ଲାଟୁନ ଫୋର୍ସ ସହ ପୋଲିସ ଅଧିକାରୀମାନେ ନିୟୋଜିତ ରହିବେ । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହେବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଆଜି...

ଆଲୋଚନା ଅର୍ଥପୂର୍ଣ୍ଣ ଏବଂ ଫଳାଫଳ ଆଧାରିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଗଣତାନ୍ତ୍ରିକ ପ୍ରକ୍ରିୟାରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧିର ଗୁରୁତ୍ୱ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ ।

ତେବେ ସ୍ୱତନ୍ତ୍ର ଅଧିବେଶନକୁ ନେଇ ବିରୋଧୀ କଟାକ୍ଷ କରିଛନ୍ତି । ବିଜେଡି ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସ୍ୱତନ୍ତ୍ର ଅଧିବେଶନରେ ସରକାର କ'ଣ ବିଲ୍ ଆଣିଛନ୍ତି କି, ନା ଅନ୍ୟ କୌଣସି କାର୍ଯ୍ୟକ୍ରମ ରହିଛି । କେବଳ ଗୋଟିଏ ବିତର୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା କାହିଁକି ଖର୍ଚ୍ଚ କରାଯାଉଛି । ଏହା ପଛରେ ସରକାରଙ୍କର ମନ୍ଦ ଉଦ୍ଦେଶ୍ୟ ରହିଛି । କଂଗ୍ରେସ ବିଧାୟକ ତାରା ବାହିନୀପତି କହିଛନ୍ତି ଯେ ବିରୋଧୀଙ୍କୁ ଗାଳି ଦେବା ଓ ନିନ୍ଦା ପ୍ରସ୍ତାବ ଆଣିବା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି । ଆମେ ମଧ୍ୟ ଶାସକ ଦଳ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣିବୁ । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିରୋଧୀଙ୍କୁ ଜବାବ ଦେଇ କହିଛନ୍ତି ଯେ ଓଡ଼ିଶାବାସୀ ବୁଝିଗଲେଣି ବିରୋଧୀ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ । ସେମାନଙ୍କ ଅସଲ ମୁଖା ଖୋଲିଯାଇଛି । ମହିଳା ସରକ୍ଷଣ ବିଲ୍ ଆସିଥିଲେ ବିଧାନସଭା ଓ ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ିଥାନ୍ତା । ହେଲେ ବିରୋଧୀ ଏହାକୁ ଆସିବାକୁ ଦେଲେନାହିଁ । ଏ ବାବଦରେ ଆସନ୍ତା କାଲି ବିଧାନସଭାରେ ଆଲୋଚନା ହେବ ।

## ଦ୍ୱିତୀୟ...

ପଶ୍ଚିମବଙ୍ଗର ୨୯୪ ବିଧାନସଭାରେ ୨୨୯୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ଏମାନଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇଛି । ଏସ୍‌ଆଇଆରରେ ପ୍ରାୟ ୯୦ ଲକ୍ଷ ଭୋଟରଙ୍କ ନାମ କଟିଛି । ପଶ୍ଚିମବଙ୍ଗରେ ମୋଟ୍ ବୈଧ ଭୋଟରଙ୍କ ସଂଖ୍ୟା ୬.୮୧ କୋଟି ରହିଛି । ମେ' ୪ରେ ଗଣତି କରାଯିବ । ଆଜିର ମତଦାନ ସମୟରେ ହିଂସା ହୋଇଥିବା ଅଭିଯୋଗ ହୋଇଛି । ଟିଏମ୍‌ସିର ରାଜ୍ୟସଭା ସାଂସଦ ସାଗରିକ ଘୋଷ୍ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ରୀୟ ସୁରକ୍ଷା ବଳ ସାଧାରଣ ନାଗରିକଙ୍କ ଉପରେ ବଳ ପ୍ରୟୋଗ କରିଛନ୍ତି । ମହିଳା ଓ ଶିଶୁମାନଙ୍କୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇନାହିଁ । ବିଜେପି ଖୋଲାଖୋଲି ଭାବେ ପଶ୍ଚିମବଙ୍ଗ ବାସୀନ୍ଦାଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ।

# ଟିୟୁଏସିସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ମିଳିତ ପ୍ରସ୍ତୁତି ବୈଠକ

ବାଲେଶ୍ୱର, (ସବ୍ୟୁ) : ଆସନ୍ତା ମଇ ପହିଲାରେ ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ଟିୟୁଏସିସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ଦିନ ସନ୍ଧ୍ୟାରେ ଆଇନଜୀବୀ ଶାନ୍ତନୁ ଦାସଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଶ୍ରମିକ ସଂଗଠନମାନଙ୍କର ମିଳିତ ବୈଠକ "ଉଠା ଜଳସେଚନ କର୍ମଚାରୀ ଭବନ'ରେ ଅନୁଷ୍ଠିତ ହୋଇଯାଇଛି । ଟିୟୁଏସିସିର ସଂପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ଚଳିତ ବର୍ଷ ମଇ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆଠଘଣ୍ଟା କାର୍ଯ୍ୟଦିବସ ଦାବିରେ ଶ୍ରମିକମାନେ ସେମାନଙ୍କର ପ୍ରାଣବଳି ଦେଇଥିଲେ । କିନ୍ତୁ ବର୍ତ୍ତମାନର ରାଜ୍ୟ ଓ କେନ୍ଦ୍ର ସରକାର ଦୈନିକ କାର୍ଯ୍ୟଦିବସ ଆଠଘଣ୍ଟାରୁ ଦଶଘଣ୍ଟାକୁ ବୃଦ୍ଧି କରିଛନ୍ତି । ପ୍ରଚଳିତ ୪୪ଟି ଶ୍ରମଆଇନକୁ ସଂଶୋଧନ କରି ପୁଞ୍ଜିପତି ମାଲିକଙ୍କ ସ୍ୱାର୍ଥରେ ୪ଟି ଶ୍ରମକୋଡ୍ ପ୍ରଚଳନ କରୁଛନ୍ତି । ଦେଶବ୍ୟାପୀ ସମସ୍ତ ଶ୍ରମଜୀବୀ ଜନଗଣ ସରକାରଙ୍କର ଏହି ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ଆସନ୍ତା ମଇପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ୍ ୩୦ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ସହରରେ ମଶାଲ ଶୋଭାଯାତ୍ରାରେ ଶତାଧିକ ଶ୍ରମିକ ଯୋଗ ଦେବେ । ମଇ ପିହଲାଦିନ ସକାଳ ୭ଟାରେ ବିଚାରଗଞ୍ଜ ଛକ ପାଶ୍ୱର୍ରେ ମିଳିତ ଭାବେ ଲାଲ୍ ପତାକା ଉତ୍ତୋଳନ କରାଯିବ ଓ ଅପରାହ୍ନ ୫ଟାରେ ରେଳଷ୍ଟେସନରୁ ମିଳିତ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ପହଞ୍ଚିବ । ସେଠାରେ ଶ୍ରମିକ ସମାବେଶ ଓ ସାଧାରଣ ସଭାରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ଶ୍ରମିକ ନେତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉପରୋକ୍ତସମସ୍ତକାର୍ଯ୍ୟକ୍ରମରେ ବାଲେଶ୍ୱରର ଶ୍ରମଜୀବୀ ଜନତା ଯୋଗଦେବାକୁ ନିବେଦନ କରାଯାଇଛି ।ଏହି ବୈଠକରେ ଏଆଇଟିୟୁସିରୁ ଶ୍ୟାମସୁନ୍ଦର ଜେନା, ସିଆଇଟିୟୁରୁ ପ୍ରେମରଂଜନ ପାତ୍ର, ଆଇଏନ୍‌ଟିୟୁସିରୁ ଜୀବନକୃଷ୍ଣ ବାରିକ, ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ଚନ୍ଦ୍ର ବାରିକଙ୍କ ସମେତ ଭରତ ଚନ୍ଦ୍ର ସେଠୀ, ବନ୍ଦନା ପାତ୍ର, ହରେକୃଷ୍ଣ ଚାନ୍ଦ, ଦେବବ୍ରତ ଜେନା ପ୍ରମୁଖ ମଇ ପହିଲାରେ ଶ୍ରମିକମାନେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଶରତ ଚନ୍ଦ୍ର ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଆରକେସିଏଟି ଇଞ୍ଜିନିୟରିଂ କଲେଜରେ ରକ୍ତଦାନ ଶିବିର

ନୀଳଗିରି, (ସବ୍ୟୁ) : ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବହୁତ କମ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି । ଯାହାଦ୍ୱାରା କି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ରକ୍ତ ର ଅଭାବ ଦେଖାଦେଇଛି । ନୀଳଗିରି ରକ୍ତଦାତା ସଂଘ ପକ୍ଷରୁ ଆରକେସିଏଟି ରେ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ପାଇଁ ଅନୁରୋଧ କରାଯାଇଥିଲା । ଉକ୍ତ ଅନୁରୋଧ ରକ୍ଷା କରି ଆରକେସିଏଟି କର୍ତ୍ତୃପକ୍ଷ ରକ୍ତଦାନ ଶିବିର ର ଅୟୋଜନ କରିଥିଲେ । ଉକ୍ତ ଶିବିର ରୁ ଅଠରୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଉକ୍ତ ଶିବିର କୁ ଆରକେସିଏଟି ପ୍ରିନ୍ସିପାଲ ପ୍ରେମାନନ୍ଦ ପ୍ରଧାନ ଓ ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉକ୍ତ ଶିବିର ରେ ରକ୍ତଦାତା ସଂଘ ର ବରିଷ୍ଠ ଉପଦେଷ୍ଟା ରବି ରାଉତ, ଭଗବାନ ମହାନ୍ତି, ଗଙ୍ଗାଧର ମହାପାତ୍ର, ପ୍ରଫୁଲ୍ଲ ଦଲେଇ, ବାମନ ଚରଣ ମହାନ୍ତି, ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ଡକ୍ଟର ମନୋଜ ବାରିକ, ରାଜେଶ ଦାସ, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା, ମଞ୍ଜରି ବେହେରା, କାଳିଆ ପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିର କୁ ପରିଚାଳନା କରିଥିଲେ । ରକ୍ତଦାତା ସଂଘ ର ଅନୁରୋଧ ରକ୍ଷା କରି ଆରକେସିଏଟି କର୍ତ୍ତୃପକ୍ଷ ରକ୍ତଦାନ ଶିବିର ଆୟୋଜିତ କରିଥିବାରୁ ରକ୍ତଦାତା ସଂଘ ତରଫରୁ ଆରକେସିଏଟି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

# ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

ନୀଳଗିରି, (ସବ୍ୟୁ) : ବାବା ପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ମାର୍ଚ୍ଚ ୩୧ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଡଃ ଗୌରହରି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ଅକ୍ଷୟ ପାଣିଗ୍ରାହୀ ମଞ୍ଚଆହ୍ୱାନ ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡଃ ପ୍ରଦୀପ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଜୀବନୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ଅନ୍ୟ ସମ୍ମାନିତ ଅତିଥିଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ ହରିପ୍ରୀୟା ସେଠୀ, କ=ଶିଳ୍ପୀ ଶଶିକଳା ମିଶ୍ର, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ଅଧ୍ୟାପକ ଡ଼ ଗଦାଧର ବେହେରାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଗୁଣଗାନ କରିଥିଲେ । ଏହି ଅବସରରେ ଓଡ଼ିଆ ବିଭାଗ ଓ ଜାତୀୟ ସେବାଯୋଜନାରେ ବିଦାୟୀ ଅଧ୍ୟକ୍ଷ ଶ୍ରୀ ସାହୁ ଏବଂ ସ୍ତ୍ରୀ ସରସ୍ୱତୀ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଯୁକ୍ତତିନି ଶେଷବର୍ଷର ଛାତ୍ରଛାତ୍ରୀ ମାନଙ୍କ ଉପଲକ୍ଷେ ବିଦାୟୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଧ୍ୟାପକ ତ୍ରିଲୋଚନ ବାରିକ, ଗଙ୍ଗାଧର ପରିଡା, ହରିଶଙ୍କର ପାଣିଗ୍ରାହୀ, ଅକ୍ଷୟ କୁମାର ପାତ୍ର, ସାଗରେନ୍ଦ୍ର ମିଶ୍ର, ବିନୋଦ କୁମାର ନାୟକ, ସଂଘମିତ୍ରା ରାଉଳଙ୍କ ସହିତ ସମସ୍ତ ଅଣଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଅଧ୍ୟାପକ ଅଭିମନ୍ୟୁ ମାହୁନ୍ତ ଧନ୍ୟବାଦ ଦେଇଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କିକୋଟ, (ସବ୍ୟୁ) : ଘଟଗାଁ ବ୍ଲକ ମୁକ୍ତାପୁର ପଞ୍ଚାୟତ ମୁଦ୍ରାବେଡା ଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସଙ୍କୁ ଆଜି ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ଘଟଗାଁ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରମେଶଚନ୍ଦ୍ର ମହାନ୍ତ ,ମୁଖ୍ୟବକ୍ତା ଭାବେ ଢେଙ୍କିକୋଟ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ଦତ୍ତ ଯୋଗ ଦେଇଥିଲେ ।ସେହିପରି ସମ୍ମାନିତ ଅତିଥିଭାବେ ଶିକ୍ଷକ ସଦାଶିବ ବେହେରା, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ଢେଙ୍କିକୋଟ ସିଆରସିସି ଜିତେନ୍ଦ୍ର କୁମାର ଗିରି, ଶିକ୍ଷୟିତ୍ରୀ ଭଗବତି କର, ଯୋଗମଞ୍ଜରି ମହାନ୍ତ ,ସଚ୍ଚିଦାନନ୍ଦ ବେହେରା, ମୀନତି ମହାରଣା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିଲେ ବିଦାୟୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଉକ୍ତ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିଭା ରାଉ । ସମସ୍ତେ ବିଦାୟୀ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟଦକ୍ଷତା ,ସମୟାନୁବର୍ତ୍ତିତା, ନିଷ୍ଠାପରତା,ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଇବା ଓ ବିଦ୍ୟାଳୟ ପ୍ରତି ତାଙ୍କର ମମତା ଉପରେ ଆଲୋକପାତ କରି ପ୍ରଶଂଶା କରିଥିଲେ । ଶେଷରେ ବିଦ୍ୟାଳୟ ତରଫରୁ ଓ ବିଭିନ୍ନ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ନିମନ୍ତ୍ରିତ ଅତିଥିମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତେବେ ତାଙ୍କର ଅବସର ଉକ୍ତ ବିଦ୍ୟାଳୟ ପ୍ରତି ଏକ ବିରାଟବଡ ଶୂନ୍ୟତା ବୋଲି ଗ୍ରାମବାସୀ ଓ ସ୍କୁଲ କମିଟିର କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ଘଟଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

# ଓଡ଼ିଆ ଭାଷାକୁ ସରକାର ସବୁକ୍ଷେତ୍ରରେ ମୁଖ୍ୟଭାଷା ରୂପେ ପ୍ରୟୋଗ କରିବାକୁ ଦାବି

ଧାମନଗର, (ସବ୍ୟୁ) : ଧାମନଗର ବରିଷ୍ଠ ନାଗରିକ ପରିଷଦ ତରଫରୁ ଓଡ଼ିଆ ଭାଷାକୁ ରାଜ୍ୟ ସରକାର ସବୁକ୍ଷେତ୍ରରେ ମୁଖ୍ୟ ଭାଷା ରୂପେ ପ୍ରୟୋଗ କରିବାକୁ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି । ଗତ ଉକ୍ରଳ ଦିବସ ଅବସରରେ ପରିଷଦର ସାଧାରଣ ପରିଷଦ ବୈଠକରେ ଏ ସମ୍ପର୍କରେ ସର୍ବସମତିକ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ।ଓଡ଼ିଆ ଭାଷାକୁ ସରକାରଙ୍କ ଶାସନ,ବିଚାରାଳୟ ଓ ଶିକ୍ଷାକ୍ଷେତ୍ରରେ ପ୍ରାଥମିକତା,ମାନ୍ୟତା ଓ ପ୍ରୟୋଗ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଧାମନଗର ତହସିଲଦାରଙ୍କ ଜରିଆରେ ପ୍ରେରଣ କରାଯାଇଅଛି । ପରିଷଦର ସଭାପତି ଅନିଲ କୁମାର ବାରିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା,ସାଙ୍ଗଠନିକ ଉପସଭାପତି ସେକ ଅବଦୁଲ ହାକିମ,ଉପସଭାପତି ସୁରଥ ଚନ୍ଦ୍ର ସେଠୀ,ସଂଗଠନ ସମ୍ପାଦକ ରାମଚନ୍ଦ୍ର ସାହୁ,କାର୍ଯ୍ୟାଳୟ ସମ୍ପାଦକ ଧନଞ୍ଜୟ ଦାସ,ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପାଢୀ,ନିରାକାର ଧଳ,କରୁଣାକର ଶଙ୍ଖୁଆ,ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଥିଲେ ।

# ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ

ମାହାଙ୍ଗା (ସବ୍ୟୁ) : ମାହାଙ୍ଗା ବ୍ଲକ କାଯ୍ୟାଳୟରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନକୁ ନେଇ ବ୍ୟାପକ ଅନିୟମତତା ହୋଇଥିବା ଅଭିଯୋଗ ହେଉଛି । ୩/୪ବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଅନ୍‌ଲାଇନ୍‌ରେ ଆବେଦନ କରି ହିତାଧିକାରୀ ଚାହିଁ ବସିଥିଲା ବେଳେ ତତ୍‌କାଳୀନ ଆବେଦନ କରି କିଭଳି ୬୦ବର୍ଷ ହେଉ ହେଉ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉଛି ତାହାର ଉଦାହରଣ ପାଲଟିଛି ଗୋତରା ପଂଚାୟତ । ଜୈନିକ ହିତାଧିକାରୀ ତା୧୮.୦୩.୨୦୨୬ରିଖରେ ତାଙ୍କୁ ୬୦ବର୍ଷ ହେଉ ହେଉ ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଆବେଦନ କରିଥିଲେ । ତା୦୧.୦୪.୨୦୨୬ରିଖରେ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରାଯାଇଥିବା ଜଣାପଡିଛି । ପୂର୍ବ ସରକାର ଅମଳରେ କେତେକ ହିତାଧିକାରୀ ନିଜ ବୟସ କମାଇ ବାର୍ଦ୍ଧକ୍ୟଭତ୍ତା ହାତେଇଥିଲେ । ଏ ସଂପର୍କରେ ଉମର ପଂଚାୟତର ଜନୈକ ବ୍ୟକ୍ତି ତଥ୍ୟ ପ୍ରମାଣ ସହ କଟକ ଉପଜିଲ୍ଲାପାଳ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ଏବେ ସାଧାରଣରେ ଚର୍ଚ୍ଚା ହେଉଛି ସ୍ୱାଧିନ ବିଧାୟକଙ୍କ ସମର୍ଥକମାନଙ୍କ କଥାରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟର ଭତ୍ତା ସେକ୍ସନ କାର୍ଯ୍ୟ କରୁଛି । ବିଭିନ୍ନ ପଂଚାୟତରେ ଥିବା ବିଧାୟକଙ୍କ ସମର୍ଥକମାନେ ଅନ୍‌ଲାଇନ୍‌ରେ ଭତ୍ତା ଆବେଦନ କରିଥିବା ହିତାଧିକାରୀଙ୍କ ଫର୍ମ ସଂଗ୍ରହ କରି ସେମାନଙ୍କ ଭତ୍ତା କରାଇଦେବା ପାଇଁ ପ୍ରତିଶୃତି ଦେଉଛନ୍ତି, ହେଲେ ମାସ ମାସ ବିତିଯାଉଥିଲେ ମଧ୍ୟ ଭତ୍ତା ପାଇବାରୁ ଆବେଦନକାରୀମାନେ ବଂଚିତ ହେଉଛନ୍ତି । ତେବେ ପ୍ରଶ୍ନଉଠେ ତା୧୮.୦୩.୨୦୨୬ରେ ଭତ୍ତା ପାଇବାକୁ ଆବେଦନ କରି ତା୦୧.୦୪.୨୦୨୬ରିଖରେ କିଭଳି ତାଙ୍କ ଭତ୍ତା ମଞ୍ଜୁର କରାଗଲାଏହାର ନିରପେକ୍ଷ ତଦନ୍ତ କରାଯିବା ସହ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟକୁ ଦଲାଲ୍ ମୁକ୍ତ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

4001/41/2627 No. HHEP/Tech-Pur-54, Vol-IV/2714 Date : 27.04.2026

NOTICE INVITING TENDER NO HHEP-39/2026

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers only having valid Firm Registration Certificate issued by Govt. Authority, IT PAN & GST Registration Certificate for Supply of EHV grade Transformer Oil to HHEP, Burla as per detail given below :

| Sl. No. | Description of Materials | Qty. in Ltrs. | Cost of tender paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|---|
| 1 | EHV Grade Transformer Oil confirming to IS:335:2018 (Type-II, Uninhibited) and its latest amendments/ revisions if any | 17850 | Rs. 7080/- (Rs. 6000/- + GST @ 18%) | 21,100/- |

- Sale of tender paper : 02.05.2026 (10.00AM) to 18.05.2026 upto 05.30PM
- Receipt of tender paper : 19.05.2026 upto 11.00AM
- Date & time of opening of tender : 19.05.2026 at 11.30AM

Further details like tender documents / terms & conditions (corrigendum / errata/addendum if any), please visit our official website www.ohpcltd.com

OIPR : 4001/4007/1/26-27/0003 Sd/- C&P Head, HHEP, Burla

ପୂର୍ବ ତଟ ରେଳପଥ
ଟେଣ୍ଡର ନଂ. eT-CRW-MCS-EL-3-2026
କାର୍ଯ୍ୟର ନାମ : 36 ମାସ ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ DG ସେଟ୍‌ଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି ।
ବିଜ୍ଞାପିତ ମୂଲ୍ୟ (₹): 32,76,448.61, EMD (₹): 65,500.00, ଶେଷ ହେବା ଅବଧି : 36 ମାସ ।
ବିକ୍ରି ଆରମ୍ଭ ହେବା ତାରିଖ : ତା.30.04.2026 ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.05.2026 ରିଖ 1700 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ଦଳିଲ ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ ଅଛି ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-90/R/26-27

AFFIDAVIT
By virtue of an affidavit sworn before Executive Magistrate,Odagaon Odisha on dated 24.04.2026 I Ganesh Prasad Pradhan S/o -Bhikari Charan Pradhan Resident Of Village - Dimisar P.O- Dimisar P.S- Sarankul Dist-Nayagarh,PIN-752092 declare that I have changed my minor Daughter's name from Laxmi Priya Pradhan to Ipsita Priyadarshini Henceforth, She shall be known as Ipsita Priyadarshini for all purposes.
Sd/- Ganesh Prasad Pradhan

GOVERNMENT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA

25001/34/2627 E-mail-eerw_kuchinda@yahoo.com

Identification No Online Tender /01/ RWD, Kuchinda / 2026-27

Letter No 4865 Date 20.04.2026

| | | | |
|---|---|---|---|
| 1. | The Superintending Engineer Rural Works, Division, Kuchinda behalf of the Governor of Odisha invites percentage rate bids to be received in ONLINE MODE Only for Building Work. | | |
| 2. | No. of work | : | 11 Nos |
| 3. | Nature of Work | : | Building Repair |
| 4 | Class of Contractor | : | "D" & "C" |
| 5 | Approx Value of Work | : | 5.08 Lakhs to 8.47 Lakhs |
| 6 | Tender Cost | : | 4000 |
| 7 | Availability of Bid Documents in the Website | : | 02.05.2026 at 11. A.M to 13.05.2026 at 5.00 P.M |
| 8 | Last date & time for seeking clarification | | 12.05.2026 at 5.00 P.M |
| 9 | Date of Opening of Bid | : | 14.05.2026 at 11.00 A.M |
| 10 | Other details can be Seen in the Bidding documents from the website : https://tendersodisha.gov.in | | |

Yours faithfully
Sd/- Superintending Engineer
Rural Works Division, Kuchinda
OIPR : 25001/25151/1/26-27/0001

25001/69/2627 eerwbnjr@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJNAGAR

NATIONAL COMPETITIVE BIDDING THROUGH e-Procurement

Identification No. Online Tender / 02 / RWDBNJ/2026-2027

Ltr. No. 2015 Date : 22.04.2026

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/02/ 2026-2027 | Building Work | 14 Nos. | 47.78 Lakh to 71.43 Lakhs | "B" & "A" Class as applicable | 09 (Nine) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Bhanjanagar | Online Tender/02/ RWDBNJ/2026-2027 | 04.05.2026 at 10.00 A.M. | 14.05.2026 upto 5.00 P.M. |

Further details can be seen from the website : www.tendersodisha.gov.in

Sd/- Executive Engineer
R.W.Division, Bhanjanagar
OIPR : 25001/25174/1/26-27/0002

### ରାଜନୀତିରୁ ଅପରାଧିକରଣ ର ମୂଳୋତ୍ପାଟନ ପାଇଁ ଆସିବ ଆଇନ୍

# ଆଇନ୍‌ରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି : ଅପରାଜିତା

ଭୁବନେଶ୍ୱର (ସବ୍ୟୁ): ଲୋକତନ୍ତ୍ର କୁ ଆହୁରି ସଶକ୍ତ କରିବା ପାଇଁ ରାଜନୀତି ରୁ ଆପରାଧିକରଣ କୁ ମୂଳୋତ୍ପାଟନ କରିବାକୁ ପଡିବ। ଅପରାଧୀ କିମ୍ବା ଗୁରୁତର ଅପରାଧ ର ଅଭିଯୁକ୍ତ ଜେଲ୍ ରେ ରହି ଚଳାଇ ପାରିବେ ନାହିଁ ସରକାର। ସେ ମନ୍ତ୍ରୀ ହୁଅନ୍ତୁ, ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଅଥବା ପ୍ରଧାନମନ୍ତ୍ରୀ,୩୦ ଦିନ କିମ୍ବା ତା ଠାରୁ ଅଧିକ ଦିନ ଜେଲ୍ ରେ ରହିଲେ ଛାଡ଼ିବାକୁ ପଡ଼ିବ ପଦ। ଏଭଳି ଏକ ଗୁରୁତର ଲକ୍ଷ ନେଇ ଭାରତୀୟ ସମ୍ବିଧାନରେ ୧୩୦ତମ ସଂଶୋଧନ ବିଲ୍, ୨୦୨୫ ଓ ଅନ୍ୟାନ୍ୟ ବିଲ୍ ସମ୍ପର୍କରେ ସଂଯୁକ୍ତ ସଂସଦୀୟ ସମିତି ପକ୍ଷରୁ ଭୁବନେଶ୍ୱର ମେ'ଫେୟାର ଠାରେ ଆୟୋଜିତ ହୋଇଯାଇଛି ୧୧ତମ ବୈଠକ। ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୫ର ପରୀକ୍ଷା ପାଇଁ ଗଠିତ ଯୁକ୍ତ ସଂସଦୀୟ ସମିତି ତାହାର ଦେଶବ୍ୟାପୀ ପରାମର୍ଶ ଓ ହିତାଧିକାରୀ ସହଭାଗୀତା ପ୍ରକ୍ରିୟାର ଅଂଶ ଭାବେ ଭୁବନେଶ୍ୱରରେ ଏହି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୈଠକ ଆୟୋଜନ କରିଛି।କମିଟିର ଅଧ୍ୟକ୍ଷା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତାରେ




ଅନୁଷ୍ଠିତ ଏହି ବୈଠକରେ, ୨୦ ଅଗଷ୍ଟ ୨୦୨୫ ରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ଲୋକସଭାରେ ପ୍ରସ୍ତୁତ କରାଯାଇଥିବା ଏବଂ ପରେ ୧୨ ନଭେମ୍ବର ୨୦୨୫ ରେ ବିସ୍ତୃତ ପରୀକ୍ଷା ଓ ସଂସଦକୁ ରିପୋର୍ଟ ଦାଖଲ ପାଇଁ ଔଚତ କୁ ପ୍ରେରଣ କରାଯାଇଥିବା ତିନୋଟି ବିଲ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୋଟ ୩୧ ଜଣ ସାଂସଦ ଥିବା ଏହି କମିଟି ମଧ୍ୟରୁ, ୨୧ ଜଣ ଲୋକସଭାରୁ ଏବଂ ୧୦ ଜଣ ରାଜ୍ୟସଭାରୁ ଅଟନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମିତି ୧୦ଟି ବୈଠକ କରିସାରିଛି ଏବଂ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଆଇନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ସିଭିଲ ସୋସାଇଟି ସଂଗଠନ ସହ ଆଲୋଚନା କରିଛି।ପୂର୍ବରୁ ସମିତି ଗୃହ ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ଭାରତୀୟ ଆଇନ ଆୟୋଗ, ପ୍ରମୁଖ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ନୀତି ଗବେଷଣା ସଂସ୍ଥା ଏବଂ ରାଜସ୍ଥାନ, ହରିୟାଣା, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧିମାନଙ୍କ ସହ ମତବିନିମୟ କରିଛି।

ଭୁବନେଶ୍ୱର ଗସ୍ତ ସମୟରେ ସମିତି ଓଡ଼ିଶା ସରକାର, ଓଡ଼ିଶା ମାନବାଧିକାର ଆୟୋଗ, ଓଡ଼ିଶା ନ୍ୟାୟିକ ଏକାଡେମୀ, କଟକ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ ଏବଂ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ ର ପ୍ରତିନିଧିମାନଙ୍କ ମତାମତ ଗ୍ରହଣ କରିଥିଲା।ସମିତି ଉଲ୍ଲେଖ କରିଥିଲା ଯେ, ପ୍ରସ୍ତାବିତ ଆଇନର ଲକ୍ଷ୍ୟ ହେଉଛି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା, ସମ୍ବିଧାନିକ ନୈତିକତାକୁ ରକ୍ଷା କରିବା ଏବଂ ସାର୍ବଜନିକ ଜୀବନରେ ଜବାବଦେହିତା ବୃଦ୍ଧି କରିବା। ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫ ଅନୁଯାୟୀ, ଗୁରୁତର ଆପରାଧିକ ମାମଲାରେ କ୍ରମାଗତ ୩୦ ଦିନ ଧରି ହିରାସତରେ ରହୁଥିବା ବ୍ୟକ୍ତିମାନେ ଉଚ୍ଚ ସମ୍ବିଧାନିକ ପଦରେ ରହି କାର୍ଯ୍ୟନିର୍ବାହୀ ଶକ୍ତି ପ୍ରୟୋଗ କରିପାରିବେ ନାହିଁ। ଆମ ଦେଶ ଭାରତର ଲୋକତନ୍ତ୍ର କୁ ବିଶ୍ୱର ସବୁଠାରୁ ବଡ ଲୋକତନ୍ତ୍ର ଭାବେ ଗଣାଯାଉଥିବା ବେଳେ,ଜନତା ଙ୍କ ଆଶା କେବଳ ନିର୍ବାଚନ ମଧ୍ୟରେ ସୀମିତ ନ ରହି ସୁଶାସନ, ପାରଦର୍ଶିତା ଓ ନୈତିକତା ଆଧାରରେ ଶାସନ ଦିଗରେ ଅଧିକ ଗୁରୁତ୍ୱ ଦେଉଛି।ତେବେ ରାଜନୀତିରେ ଅପରାଧିକରଣ ଓ ଅପରାଧୀ ମାନଙ୍କୁ ଦୂରେଇ ରଖିବା ଦିଗରେ ସରକାର ଙ୍କ ଏହି ଦୃଢ଼ ପଦକ୍ଷେପ ଏକ ମାଇଲଖୁଣ୍ଟ ରୂପେ ଉଭା ହେବାକୁ ଯାଉଥିବା ବେଳେ,ଯଦି ଏହି ସଂଶୋଧନ କୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ନା କେବଳ ଶାସନରେ ପାରଦର୍ଶିତା ଏବଂ ଉତ୍ତର ଦାୟିତ୍ୱ କୁ ବଢାଇବ, ବରଂ ଲୋକଙ୍କ ମନରେ ଲୋକତନ୍ତ୍ର ଉପରେ ଆସ୍ଥା ବଢାଇବ ବୋଲି କହିଛନ୍ତି ସମିତି ର ଅଧ୍ୟକ୍ଷା ଅପରାଜିତା ଷଡ଼ଙ୍ଗୀ ।

ସମିତି ସମସ୍ତ ହିତାଧିକାରୀଙ୍କ ସହ ସଂଲଗ୍ନ ହୋଇ ଏକ ସ୍ୱଚ୍ଛ, ସମାବେଶୀ ଓ ପରାମର୍ଶମୂଳକ ପ୍ରକ୍ରିୟା ଅନୁସରଣ କରୁଛି।ସମସ୍ତ ପରାମର୍ଶ ପ୍ରକ୍ରିୟା ସମାପ୍ତ ହେବା ପରେ ସମିତିର ଅନ୍ତିମ ରିପୋର୍ଟ ଲୋକସଭା ଅଧ୍ୟକ୍ଷଙ୍କ ମାଧ୍ୟମରେ ସଂସଦରେ ଉପସ୍ଥାପିତ କରାଯିବ। ଏହି ବୈଠକ କୁ କମିଟି ର ଅଧ୍ୟକ୍ଷା ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ, ସରୋଜ ପ୍ରସାଦ,ସାଂସଦ ବ୍ରିଜ୍ ଲାଲ୍, ଉଜ୍ଜ୍ୱଳ ନିକମ୍, ନିରଜ୍ ଶେଖର, ବୀରେନ୍ଦ୍ର ପ୍ରସାଦ ବୈଶ୍ୟ,ଅନୁରାଗ ଠାକୁର, ଭର୍ତ୍ତୃହରି ମହତାବ, ରାଜେଶ୍ ବର୍ମା,ସଚିବ ସ୍ତରୀୟ ଅଧିକାରୀ ଡି. ଆର୍ ଶେଖର, ଜଗମୋହନ ଖତ୍ରୀ, ସଲିଲ୍ ସରୋଜ,ଓଡ଼ିଶା ରାଜ୍ୟ ସରକାର ଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, କ୍ରାଇମ୍ ବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ,ସ୍ୱତନ୍ତ୍ର ସଚିବ ରାଧାକୃଷ୍ଣ ଶର୍ମା ଓ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଜଟଣୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

## ଦେଶୀ ମଦ ସମେତ ଅଟୋ ଜବତ, ୪ ଗିରଫ



ଜଟଣୀ, (ସବ୍ୟୁ) : ଜଟଣୀ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ସ୍ଥାନୀୟ ଗଜପତି ନଗର,ଗଙ୍ଗପଡ଼ା ଏବଂ ପଦନପୁର ଅଞ୍ଚଳରେ ପୃଥକ ଭାବେ ଚଢ଼ାଉ କରାଯାଇ ଓଡ଼ି ୦୨ବି ୦୪୩୦ ନମ୍ବର ବିଶିଷ୍ଟ ଏକ ଅଟୋ ସହିତ ୯୦ ଲିଟର ମହୁଲି ଓ ୧୧୦ ଲିଟର ଆସ୍କା ୪୦ ଦେଶୀ ମଦ ଜବତ କରାଯିବା ସହିତ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୃଥକ ଭାବେ ୧୪,୧୫,୧୬,୧୭/୨୬-୨୭ ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ଯଥାକ୍ରମେ ସନ୍ତୋଷ ସୁନ୍ଦରାୟ (୫୪),ପ୍ରଦୀପ ଭୁଜବଳ (୫୬),ସେକ ଫିରୋଜ (୪୪) ଏବଂ ସୁଲୋଚନା ନାୟକ (୪୦) କ୍ଷ ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ମୀନକେତନ ମହାଲ୍ଲିକ,ସୁମତି ମହାନ୍ତି,ସମରେନ୍ଦ୍ର ସାମନ୍ତସିଂହାର, ପ୍ରଣବ କୁମାର ବେହେରା,ଟିଟୁ ସାହୁ ଓ ଚିନ୍ମୟୀ ଦାସ ପ୍ରମୁଖ ସାମିଲ ଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଦିବସ ଉପଲକ୍ଷେ



ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ଥାନୀୟ ଲୋକଭବନ ସମ୍ମୁଖ ଉକ୍ତ ବିଶିଷ୍ଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ନ ୮.୩୦ମିନିଟ ସମୟରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା।ଏହାପରେ ୟୁନିଟ୍-୬ ଭୁବନେଶ୍ୱର ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଉପସଭାପତି ପ୍ରଫେସର ସୁରେନ୍ଦ୍ରନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ତଥା ସାଧାରଣ ସମ୍ପାଦକ ଡା.ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ସଂଖ୍ୟାରେ ସମ୍ମିଳନୀ କାର୍ଯ୍ୟକର୍ତ୍ତାମାନଙ୍କ ସମେତ ଆଜୀବନ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ମଧୁବାବୁଙ୍କ ସଂକ୍ରାନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଭିମାନ ଜଡ଼ିତ ପ୍ରସଙ୍ଗମାନ ନେଇ ଦୀର୍ଘ ଆଲୋଚନା କରିବା ସହ ମଧୁବାବୁ ହିଁ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମତ ରଖିଥିଲେ। ତାଙ୍କର ଜୀବନବ୍ୟାପୀ ସାଧନା ତାଙ୍କୁ ଜନମାନସରେ ଚିର ଅମର କରି ରଖିବ ବୋଲି ଦୃଢ଼ ମତପ୍ରକାଶ ପାଇ ଥିବାରୁ ତାଙ୍କୁ ଭାରତ ସରକାର ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ ଦାବି ମଧ୍ୟ ବଳବତ୍ତର ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱୟରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡା. ବାନାମ୍ବର ପରିଡ଼ା, ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀଧର ଦାଶ, ସମ୍ପାଦକ ପ୍ରଦୀପ୍ତ କୁମାର ମହାରଣା, ଜୟନ୍ତୀ ପଢିଆରୀ, ଶ୍ରୀମତୀ ସ୍ୱାଗତିକା ରାଉତ, କୋଷାଧ୍ୟକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ. ସତ୍ୟଜିତ ନାୟକ, ଇଂ. ଜିତେନ୍ଦ୍ର କୁମାର ପାଢୀ, ଶିରିଶ ପାତ୍ର, ପ୍ରଭୃତି ଯୋଗ ଦେଇଥିବା ବେଳେ କୁଞ୍ଜମୋହନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବ ବିବାଦରୁ ମରଣାନ୍ତକ ଆକ୍ରମଣ

କଟକ,(ସବ୍ୟୁ):ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ବ୍ୟବସାୟୀଙ୍କୁ ପଡୋଶୀ ଦୋକାନୀ ମରଣାନ୍ତକ ଆକ୍ରମଣ କରିଛି । ଏହି ଘଟଣାରେ ମାଲଗୋଦାମ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଉଛି ରାଣୀହାଟ ଶଗଡିଆ ସାହିରେ ରହୁଥିବା ଗଞ୍ଜାମ ଛତ୍ରପୁରର ଶିବ ଓଝା । ସୂଚନା ଅନୁସାରେ, ଶିବ ଓ ରାଣୀହାଟ ତେଲିସାହିର ନରେନ୍ଦ୍ର କୁମାର ସାହୁ ଉଭୟ ରାଣୀହାଟ ପୋଲ ନିକଟରେ ଲୁହା ସାମଗ୍ରୀର ଦୋକାନ କରିଛନ୍ତି । ତେବେ ଦୁଇ ଦୋକାନ ପାଖାପାଖି ଥିବାରୁ ପ୍ରାୟ ସମୟରେ ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା । ନିକଟରେ ପୂର୍ବ ବିବାଦକୁ ନେଇ ପୁଣିଥରେ ଦୁହିଁଙ୍କ ଭିତରେ ଝଗଡା ହୋଇଥିଲା । ଏହି ସୂଚନା ପାଇ ଶିବର ଜଣେ ସାଙ୍ଗ ସେଠାରେ ପହଞ୍ଚିଥିଲା । ଏହାପରେ ଉଭୟ ମିଶି ଲୁହା ସାମଗ୍ରୀରେ ନରେନ୍ଦ୍ରଙ୍କୁ ମାରପିଟ କରିଥିଲେ । ଆକ୍ରମଣରେ ତାଙ୍କର ମୁଣ୍ଡ, ମୁହଁ ଓ ହାତ ଗଭୀର ଆଘାତ ଲାଗିଥିଲା । ରକ୍ତାକ୍ତ ଅବସ୍ଥାରେ ପଡିଥିବା ନରେନ୍ଦ୍ରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା ।

## ଦୁଇଟି ଚୋରା ଗୋରୁବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ : ଦୁଇ ଚାଳକ ଗିରଫ

ବେତନଟୀ(ସବ୍ୟୁ) - ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ୧୮ ନଂ ଜାତୀୟରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ଦୁଇଟି ଚୋରା ଗୋରୁବୋଝେଇ ପିକଅପ ଭ୍ୟାନକୁ ଜବତ କରିବା ସହିତ ଉଭୟ ଗାଡିର ଚାଳକଙ୍କୁ ଗିରଫ କରିଛି ପୁଲିସ । ଦୁଇଟି ଗିରଫ ଚାଳକ ଯଥାକ୍ରମେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅଧୀନ ମୁବାରକପୁର ଗ୍ରାମର ଧନେଶ୍ୱର ଜେନାର ପୁଅ କିଶୋର ଜେନା(୩୯) ଏବଂ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ଦୟାନିଧି ପାତ୍ରର ପୁଅ ବିଜୟ ପାତ୍ର(୩୫) ବୋଲି ଜଣାପଡ଼ିଛି । ଘଟଣା ରୁ ପ୍ରକାଶ ବେତନଟୀ ପୁଲିସ ପେଟ୍ରୋଲିଂ ୧୮ ନଂ ଜାତୀୟରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ଦୁଇଟି ପିକଅପଭ୍ୟାନକୁ ଅଟକାଇଥିଲେ । ମାତ୍ର ସେମାନେ ଖସି ପଳାଇବାକୁ ଚେଷ୍ଟା କରିବାକୁ ପେଟ୍ରୋଲିଂ ଟିମର ସନ୍ଦେହ ବଢିବା ସହିତ ପିଛା କରିଥିଲେ। ଏହାପରେ ଓଡି-୦୪ ଭି-୯୬୦୯ ଏବଂ ଓଡି-୦୧-ଏଲ-୫୫୭୧ ନମ୍ବର ବିଶିଷ୍ଟ ଦୁଇଟି ଗୋରୁବୋଝେଇ ପିକଅପଭ୍ୟାନ ଜବତ କରିବାରେ ସଫଳ ହୋଇଥିଲେ । ଜବତ ଡିକଅପଭ୍ୟାନ ଗୁଡିକୁ ଥାନାକୁ ଅଣାଯାଇଥିବା ବେଳେ ଏନେଇ ୧୮୮/୨୬ରେ ମାମଲା ରୁଜୁ କରାଯାଇଛି । ଗିରଫ ଚାଳକ ଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି କ୍ରୀଷ୍ଟା ପିଙ୍ଗୁଆ ସୂଚନା ଦେଇଛନ୍ତି ।

## ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରରେ ପଟ୍ଟଚିତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ, (ସବ୍ୟୁ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ , ଓରମାସ ଦ୍ୱାରା ନେତାଜୀ ବସ ଟର୍ମିନାଲ ଠାରେ ପ୍ରଥମ ମହଲାରେ ଅବସ୍ଥିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦ ଭିଲେଜ ଷ୍ଟୋର" ରେ ପଟ୍ଟଚିତ୍ର କଳାର ଦୁଇଦିନିଆ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପଟ୍ଟଚିତ୍ର ହେଉଛି ଓଡ଼ିଶାର ଏକ ପ୍ରସିଦ୍ଧ ପାରମ୍ପରିକ ଚିତ୍ରକଳା ଶୈଳୀ । "ପଟ୍ଟ" ମାନେ କପଡ଼ା ଏବଂ "ଚିତ୍ର" ମାନେ ଚିତ୍ରଣ—ଅର୍ଥାତ୍ କପଡ଼ା ଉପରେ ଅଙ୍କିତ ଚିତ୍ରକଳାକୁ ପଟ୍ଟଚିତ୍ର କୁହାଯାଏ । ଏହି କଳାର ମୂଳ କେନ୍ଦ୍ର ପୁରୀ ଜିଲ୍ଲା ଅନ୍ତର୍ଗତ ରଘୁରାଜପୁର ଗ୍ରାମ, ଯେଉଁଠାରେ ଅନେକ ପରମ୍ପରାଗତ ଶିଳ୍ପୀ ପରିବାର ପିଢି ପରେ ପିଢି ଏହି କଳାକୁ ଅନୁସରଣ କରୁଛନ୍ତି । ଏହି କଳାରେ ପ୍ରାକୃତିକ ରଙ୍ଗରେ ସୂକ୍ଷ୍ମ ,ନିଖୁଣ,ପୌରାଣିକ ବିଷୟ ଆଦି ସୁନ୍ଦର ଭାବେ ପ୍ରକାଶ ପାଏ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକ ଯୁବତୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ପ୍ରସିଦ୍ଧ ପଟ୍ଟଚିତ୍ର ଶିଳ୍ପୀମାନେ ଛାତ୍ରଛାତ୍ରୀଙ୍କୁ ପଟ୍ଟଚିତ୍ରର ଇତିହାସ, ପାରମ୍ପରିକତା, ପ୍ରାକୃତିକ ରଙ୍ଗର ବ୍ୟବହାର , ଚିତ୍ର ଅଙ୍କନର ବିଶେଷ ପ୍ରଣାଳୀ ଏବଂ ଏହାର ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିବା ସହ ଏହି କୌଶଳର ଗୁରୁତ୍ୱ ଓ ଏହା ମାଧ୍ୟମରେ ସ୍ୱୟଂରୋଜଗାର ସୃଷ୍ଟି କରିବାର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଓଡ଼ିଶାର ପ୍ରାଚୀନ ଏବଂ ଗୌରବମୟ କଳା ଐତିହ୍ୟ 'ପଟ୍ଟଚିତ୍ର'କୁ ନିକଟରୁ ଜାଣିବା, ବୁଝିବା ଏବଂ ଏହାର ସୃଜନଶୀଳ ପ୍ରକ୍ରିୟାକୁ ଅନୁଭବ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ, ବିପିନ ରାଉତ ମତ ରଖିଛନ୍ତି ।

### ହାଇଟେକ୍ ମେଡିକାଲ୍ କଲେଜର ଗ୍ରାଜୁଏସନ୍ ଡେ

## ଦେଶ ସେବା ପାଇଁ ସମର୍ପିତ ହୁଅ : ଡକ୍ଟର ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର() ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲର ୧୬ତମ ଗ୍ରାଜୁଏସନ ଡେ'ପାଳିତ ହୋଇଛି। ୨୦୨୦-୨୧ବର୍ଷର ୧୫୦ଜଣ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ



ମାନଙ୍କୁ ଚରକ ଶପଥ କରାଯାଇ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ନୂତନ ଡାକ୍ତର ମାନଙ୍କୁ ଗରିବ,ଅସହାୟ ରୋଗୀଙ୍କ ସେବାରେ ବ୍ରତି ହେବା ସହ ଦେଶ ସେବାରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ ସେହିପରି, ଯେଉଁମାନଙ୍କ ତ୍ୟାଗ,ସମର୍ପଣ ଓ ନୀରବଚ୍ଛିନ୍ନ ସହାୟତା ଯୋଗୁ ନିଜକୁ ଡାକ୍ତର କରିପାରିଛନ୍ତି ସେହି ବାପା,ମାଆ,ପରିବାରର ଅନ୍ୟ ସଦସ୍ୟଙ୍କ ପ୍ରତି ସର୍ବଦା କୃତଜ୍ଞ ରହିବାକୁ ଡକ୍ଟର ପାଣିଗ୍ରାହୀ କହିଛନ୍ତି। ଆୟୋଜିତ ଭବ୍ୟ ସମାରୋହରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ନୂତନ ଡାକ୍ତର ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ, ଡିଏମ୍‌ଇଟି ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ନିଜକୁ ସୁସ୍ଥ ରଖିଲେ, ସୁସ୍ଥ ସମାଜ ଗଠନ କରିବାରେ ସମର୍ଥ ହେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଇଞ୍ଜିନିୟର ରୁପେଶ ପାଣିଗ୍ରାହୀ, ଡାକ୍ତର ରାକେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ହାଇଟେକ୍ ମେଡିକାଲ୍ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର, ଜୀବନ ସହ ପାରିବାରିକ ଜୀବନ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ପରାମର୍ଶ ଦେଇଥିଲେ।

## କୋଡିଙ୍ଗାମାଳି ଖଣି ବିସ୍ତାର ପରିକଳ୍ପନାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ବକ୍ସାଇଟ୍ ଖଣି ଖନନକୁ ନେଇ ଚାଲୁଥିବା ବିବାଦ ଥମୀନଥିବା ବେଳେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳରେ ପ୍ରସ୍ତାବିତ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିର କ୍ଷମତା ୩ ମିଲିୟନ୍ ଟନ୍ ପ୍ରତି ବର୍ଷ (ଏମ୍‌ଟିପିଏ) ରୁ ୬ ଏମ୍‌ଟିପିଏକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଏବେ ବୃହତ୍ ଜନ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଗ୍ରାମବାସୀ, ଲୋକପ୍ରତିନିଧି ତଥା ବୁଦ୍ଧିଜୀବୀ ଓ କୋଡିଙ୍ଗାମାଳି ଆଞ୍ଚଳିକ ବିକାଶ ପରିଷଦ ଏବଂ କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ସଦସ୍ୟମାନେ ଏହି ବିସ୍ତାର ପ୍ରସ୍ତାବକୁ ଦୃଢ଼ ଭାବେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଅନିୟନ୍ତ୍ରିତ ଖଣି ଖନନ ଅଞ୍ଚଳର ଦୀର୍ଘସ୍ଥାୟୀ ଆର୍ଥିକ ଭବିଷ୍ୟତକୁ ସଙ୍କଟରେ ପକାଇବ। ତେଣୁ ରାଜ୍ୟ ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପରିବର୍ତ୍ତନ କରିବାକୁ ଅଞ୍ଚଳରେ ଦାବି ହୋଇଛି। ଓଡ଼ିଶା ଖଣି ନିଗମ (ଓଏମସି) ଦ୍ୱାରା ପରିଚାଳିତ କୋଡିଙ୍ଗାମାଳି ଖଣିରେ ବର୍ତ୍ତମାନ ପ୍ରାୟ ୫୦ ମିଲିୟନ୍ ଟନ୍ ବକ୍ସାଇଟ୍ ମହଜୁତ ଅଛି। ସମ୍ପ୍ରତି ଓଏମସି ପ୍ରାୟ ୩.୬ ଏମ୍‌ଟିପିଏ ବକ୍ସାଇଟ୍ ଖନନ କରୁଛି, ଏଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଏକ ଆଲୁମିନିୟମ କୁ ଯୋଗାଣ ହେଉଛି।

### ବୟସ୍କ ଏବଂ ଦିବ୍ୟାଙ୍ଗଜନଙ୍କ ଅନ୍ତର୍ଭୁକ୍ତ ଶାସନ ପାଇଁ

## ଓଡ଼ିଶା ରିସୋର୍ସ ସେଣ୍ଟର ଉପରେ ପରାମର୍ଶ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଜନସଂଖ୍ୟା ଗଠନରେ ପରିବର୍ତ୍ତନ ଏବଂ ବୟସ୍କ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସମନ୍ୱିତ ତଥା ଭବିଷ୍ୟତ-ଉପଯୋଗୀ ବ୍ୟବସ୍ଥାର ଆବଶ୍ୟକତାକୁ



ଦୃଷ୍ଟିରେ ରଖି ଆଜି ଭୁବନେଶ୍ୱରଠାରେ ପ୍ରସ୍ତାବିତ 'ଓଡ଼ିଶା ରିସୋର୍ସ ସେଣ୍ଟର ଫର ଏଜିଙ୍ଗ ଆଣ୍ଡ ଦିବ୍ୟାଙ୍ଗଜନ' ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜାତିସଂଘ ଜନସଂଖ୍ୟା ପାଣ୍ଠି ର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ସରକାରୀ ଅଧିକାରୀ, ଜାତିସଂଘର ବିଭିନ୍ନ ସଂସ୍ଥା ଯଥା ୟୁଏନ୍‌ଡିପି ଏବଂ ୟୁଏନ୍‌ଆଇସିଇଏଫ୍ ର ପ୍ରତିନିଧି, ବିକାଶମୂଳକ ସଂଗଠନ ଏବଂ ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

ବିଭାଗୀୟ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ଅବସରରେ କହିଥିଲେ ଯେ, ଜନସଂଖ୍ୟା ପରିବର୍ତ୍ତନ ସହିତ ସୃଷ୍ଟି ହେଉଥିବା ଜଟିଳ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଅପରିହାର୍ଯ୍ୟ। ସମସ୍ତଙ୍କ ପାଇଁ ସମ୍ମାନ, ସ୍ୱାଧୀନତା ଏବଂ ସମାନ ସୁଯୋଗ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ପାରୁଲ ପଟାୱରୀ ଓଆରସିଏଡିର ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଏହା ଏକ ଜ୍ଞାନ ଏବଂ ସମ୍ବଳ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହା ଗବେଷଣା ଏବଂ ନୂତନ ନୀତି ପ୍ରଣୟନରେ ସହାୟତା କରିବ। ଏହି ପରାମର୍ଶ କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ମିଶନ ଶକ୍ତି, ପଞ୍ଚାୟତିରାଜ ଏବଂ ମହିଳା ଓ ଶିଶୁ ବିକାଶ ଭଳି ପ୍ରମୁଖ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଜାତିସଂଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ଡଜଉଇଉ ର ପ୍ରସ୍ତାବିତ ରୂପରେଖ ଉପସ୍ଥାପନ କରାଯାଇଥିଲା। ଏହି ପଦକ୍ଷେପ ଓଡ଼ିଶାର ଶାସନ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ସହ କେବଳ କଲ୍ୟାଣମୂଳକ ଯୋଜନା ନୁହେଁ, ବରଂ ଅଧିକାର-ଭିତ୍ତିକ ସଂସ୍ଥାଗତ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବ।

### ବେଦାନ୍ତର ଆର୍ଥିକ ବର୍ଷ ୨୬ ରେ ରେକର୍ଡ ପ୍ରଦର୍ଶନ

# ଚତୁର୍ଥ ତ୍ରୈମାସିକ ଲାଭ ବାର୍ଷିକ ୮୯% ବୃଦ୍ଧି ପାଇ ୯,୩୫୨ କୋଟି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଲିମିଟେଡ୍ (BSE: ୫୦୦୨୯୫ ଏବଂ NSE: VEDL) ଆଜି ୩୧ ମାର୍ଚ୍ଚ ୨୦୨୬ ରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକ ଏବଂ ପୂର୍ଣ୍ଣ ବର୍ଷର ଅନିରୀକ୍ଷିତ ସମନ୍ୱିତ ଫଳାଫଳ ଘୋଷଣା କରିଛି, ଯାହାକି ଏପର୍ଯ୍ୟନ୍ତ ଏହାର ସବୁଠାରୁ ଶକ୍ତିଶାଳୀ ଆର୍ଥିକ ପ୍ରଦର୍ଶନ ପ୍ରଦାନ କରିଛି। ବେଦାନ୍ତ ଏହାର ସର୍ବୋଚ୍ଚ ତ୍ରୈମାସିକ ରାଜସ୍ୱ ଟ.୫୧,୫୨୪ କୋଟି ହାସଲ କରିଛି, ଯାହା ୨୯% ବାର୍ଷିକ ବୃଦ୍ଧି ପାଇଛି, ଯେତେବେଳେ ବାର୍ଷିକ ରାଜସ୍ୱ ଟ.୧,୭୪,୦୭୫ କୋଟି ବୃଦ୍ଧି ପାଇଛି, ଯାହା ୧୫% ବାର୍ଷିକ ବୃଦ୍ଧି ପାଇଛି। ତ୍ରୈମାସିକ ପାଇଁ EBITDA ରେକର୍ଡ ଟ.୧୮,୪୪୭ କୋଟିକୁ ବୃଦ୍ଧି ପାଇଛି, ଯାହା ୫୯% ବାର୍ଷିକ ବୃଦ୍ଧି ପାଇଛି, ଏବଂ ମାର୍ଜିନ୍ ୯୧୫ ଭକ୍ଷ୍ମଗ୍ମ ବାର୍ଷିକ ବୃଦ୍ଧି ସହିତ ୪୪% ହୋଇଛି। ଆର୍ଥିକ ବର୍ଷ ୨୬ ପାଇଁ, EBITDA ଟ.୫୫,୯୭୬



କୋଟିରେ ପହଂଚିଛି, ଯାହା ଶକ୍ଟଣ ୨୯% ବୃଦ୍ଧି ପାଇଛି, ଏବଂ ମାର୍ଜିନ୍ ୩୯% ରହିଛି। କମ୍ପାନୀ ଆର୍ଥିକବର୍ଷ ୨୬ ର ଚତୁର୍ଥ ତ୍ରୟମାସରେ ଟ. ୯,୩୫୨ କୋଟିର ଟିକସ ପରେ ଲାଭ ରେକର୍ଡ ଭାଙ୍ଗିଛି, ଯାହା ଶକ୍ଟଣ ୮୯% ବୃଦ୍ଧି ପାଇଛି। ସମ୍ପୂର୍ଣ୍ଣ ବର୍ଷ ପାଇଁ, ଟିକସ ପରେ ଲାଭ ଟ.୨୫,୦୯୬ କୋଟିର ସର୍ବକାଳୀନ ସର୍ବାଧିକ ସ୍ତରରେ ରହିଛି, ଯାହା ୨୨% ଶକ୍ଟଣ ବୃଦ୍ଧିକୁ ପ୍ରତିଫଳିତ କରେ। ଏହି ପ୍ରଦର୍ଶନ ଦୃଢ଼ କାର୍ଯ୍ୟକ୍ଷମ ବିତରଣ ଏବଂ ମୂଲ୍ୟ ଦକ୍ଷତା ଦ୍ୱାରା ପରିଚାଳିତ ହୋଇଥିଲା।

କମ୍ପାନୀର ବାଲାନ୍ସ ସିଟ୍ ଉଲ୍ଲେଖନୀୟ ଭାବରେ ମଜବୁତ ହୋଇଛି, EBITDA ପ୍ରତି ନେଟ୍ ଋଣ ୦.୯୫ଘ କୁ ଉନ୍ନତ ହୋଇଛି, ଯାହା ଗତ ୧୪ ତ୍ରୟମାସରେ ଏହାର ସର୍ବୋତମ ସ୍ତର, ଯାହା ଏକ ବର୍ଷ ପୂର୍ବେ ୧.୨୨ଘ ଥିଲା। ବେଦାନ୍ତ ଲିମିଟେଡ୍ ପାଇଁ କ୍ରେଡିଟ୍ ରେଟିଂ CRISIL ଏବଂ ICRA ଉଭୟ ଦ୍ୱାରା ଇଇ ରେ ପୁନଃନିର୍ମାଣ କରାଯାଇଥିଲା, ଯେତେବେଳେ ମୂଳ କମ୍ପାନୀ ବେଦାନ୍ତ ରିସୋର୍ସ ପାଇଁ ରେଟିଂ Fitch ରେଟିଂ ଦ୍ୱାରା BB- କୁ ଉନ୍ନତ କରାଯାଇଥିଲା। ବେଦାନ୍ତର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅରୁଣ ମିଶ୍ର କହିଛନ୍ତି, "ଆର୍ଥିକ ବର୍ଷ୨୬ ବେଦାନ୍ତ ପାଇଁ ଏକ ଦୃଢ଼ କାର୍ଯ୍ୟକାରିତାର ବର୍ଷ ଥିଲା, ସମଗ୍ର ପୋର୍ଟଫୋଲିଓରେ ରେକର୍ଡ କାର୍ଯ୍ୟକାରିତା ସହିତ। ଆମେ ଜିଙ୍କ ଇଣ୍ଡିଆରେ ୨.୯ ନିୟୁତ ଟନ୍ ଆଲୁମିନା, ୨.୪୬ ନିୟୁତ ଟନ୍ ଆଲୁମିନିୟମ୍, ୧.୧ ନିୟୁତ ଟନ୍ ଖଣିଜ ଧାତୁ, ୮୯୫ ଲକ୍ଷ ପିଗ୍ ଲୁହା ଏବଂ ୧୦୧ ଲକ୍ଷ ଫେରୋକ୍ରୋମ୍ ପ୍ରଦାନ କରିଥିଲୁ, ଯାହା ନୂତନ କ୍ଷମତା ବୃଦ୍ଧି ସହିତ ଉନ୍ନତ କାର୍ଯ୍ୟକାରିତା ଦକ୍ଷତାକୁ ପ୍ରତିଫଳିତ କରିଥାଏ। ବର୍ଷକ ମଧ୍ୟରେ, ଆମେ ଟ.୧୫,୦୦୦ କୋଟି ଟଙ୍କାର ଅଭିବୃଦ୍ଧି ପୁଞ୍ଜି ନିବେଶ କରିଥିଲୁ, ଲାଞ୍ଜିଗଡ଼ ଟ୍ରେନ୍ ଓଓ, ନୂତନ ବାଲକୋ ସ୍ମେଲ୍ଟର, ଝାରସୁଗୁଡାରେ ଡାଉନଷ୍ଟ୍ରିମ୍ ସମ୍ପ୍ରସାରଣ, ଜିଙ୍କ ଇଣ୍ଡିଆରେ ଦେବରୀ ରୋଷ୍ଟର ଏବଂ ୧.୩ ଏଡ ବିଦ୍ୟୁତ୍ କ୍ଷମତା ସମେତ ପ୍ରମୁଖ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିଥିଲୁ। କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଆମର ନିରନ୍ତର ଧ୍ୟାନ ଗତ ପାଂଚ ବର୍ଷ ମଧ୍ୟରେ ଆଲୁମିନିୟମ୍ ଏବଂ ଜିଙ୍କ ବ୍ୟବସାୟରେ ସର୍ବନିମ୍ନ ଖର୍ଚ୍ଚ ହାସଲ କରିଥିଲା।

# ହମାସ ସାମରିକ ଗୁପ୍ତଚର ମୁଖ୍ୟ ନିହତ



**ଜେରୁଜେଲମ:** ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ଗାଜାରେ ଏକ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୁଧବାର କରାଯାଇଥିବା ଏକ ଡ୍ରୋନ୍ ଆକ୍ରମଣରେ ହମାସର ସାମରିକ ଗୁପ୍ତଚର ୟୁନିଟର ଅପରେସନ୍ ବିଭାଗ ମୁଖ୍ୟ ଇୟାଦ ଅହମଦ ଅଦ୍ଧ ଅଲ-ରହମାନ ଶାମ୍ବାରୀ ପ୍ରାଣ ହରାଇଛନ୍ତି। ଅକ୍ଟୋବର ୭ ତାରିଖରେ ଇସ୍ରାଏଲ ଉପରେ ହୋଇଥିବା ବର୍ବର ଆକ୍ରମଣର ସେ ଜଣେ ପ୍ରମୁଖ ଯୋଜନାକାରୀ ଥିଲେ ବୋଲି ଆଇଡିଏଫ୍ ଦାବି କରିଛି। ଗାଜାର ନାଗରିକ ପ୍ରତିରକ୍ଷା ସଂସ୍ଥା ଅନୁଯାୟୀ, ଗାଜା ସହରର ପଶ୍ଚିମ ଅଲ-ରିମାଲ ଅଞ୍ଚଳରେ ଏକ କାର୍ ଉପରେ ଦୁଇଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଘଟଣାରେ ଶାମ୍ବାରୀଙ୍କ ସମେତ ତାଙ୍କ ପୁଅ ସଲାହ ଓ ଅନ୍ୟ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଶାମ୍ବାରୀ ହମାସର ଏକ ମନୋନୀତ ଉଚ୍ଚପଦସ୍ଥ ଅଧିକାରୀ ଗୋଷ୍ଠୀର ସଦସ୍ୟ ଥିଲେ, ଯେଉଁମାନେ ଇସ୍ରାଏଲ ବିରୋଧରେ ରଣନୈତିକ ଆକ୍ରମଣ ଓ ଗୁପ୍ତ ସୂଚନା ସଂଗ୍ରହ ଦାୟିତ୍ୱରେ ରହୁଥିଲେ। ସାମରିକ ବିଶେଷଜ୍ଞଙ୍କ ମତରେ, ତାଙ୍କର ମୃତ୍ୟୁ ହମାସର ସୂଚନା ବ୍ୟବସ୍ଥା ଏବଂ ଯୁଦ୍ଧକ୍ଷେତ୍ରରେ ସମନ୍ୱୟ ରଖିବାର କ୍ଷମତାକୁ ଏକ ଶକ୍ତ ଧକ୍କା ଦେଇଛି।ଯଦିଓ ଗାଜାରେ ଏକ ପ୍ରକାର ଯୁଦ୍ଧବିରତି ପରିସ୍ଥିତି ରହିଛି, ତଥାପି ଅକ୍ଟୋବର ୭ ଆକ୍ରମଣରେ ସାମିଲ ଥିବା ଆତଙ୍କବାଦୀଙ୍କୁ ଖୋଜି ଖୋଜି ନିପାତ କରୁଛି ଇସ୍ରାଏଲ। ଅକ୍ଟୋବର ୧୦ରୁ ଅସ୍ତ୍ରବିରତି ଲାଗୁ ହୋଇଥିଲେ ହେଁ ଉଭୟ ପକ୍ଷ ପରସ୍ପର ବିରୋଧରେ ନିୟମ ଉଲ୍ଲଂଘନର ଅଭିଯୋଗ ଆଣୁଛନ୍ତି। ହମାସ ନିୟନ୍ତ୍ରିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଚୁକ୍ତି ଆରମ୍ଭ ହେବା ପରଠାରୁ ଅତିକମରେ ୮୧୮ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇସାରିଛି। ବର୍ତ୍ତମାନ ଏହି ସଂଘର୍ଷରେ ହଜାର ହଜାର ସାଧାରଣ ନାଗରିକ ଓ ହମାସ ସଦସ୍ୟ ମୃତାହତ ହୋଇଥିବାରୁ ଗାଜାରେ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିଛି।

# ସାଉଦି ଆରବ -ପାକିସ୍ତାନ ମେଣ୍ଟକୁ ବିରୋଧ

**ଆବୁଧାବି:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସାଉଦି ଆରବ ଓ ପାକିସ୍ତାନ ମେଣ୍ଟ ବିରୋଧରେ ଲଢ଼େଇ ଘୋଷଣା କରିଛି। ୟୁଏଇ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶମାନଙ୍କର ସଂଗଠନ (ଓପେକ୍) ଛାଡିବାର ନିଷ୍ପତ୍ତି ସାଉଦି ଆରବକୁ ଶକ୍ତ ଆଘାତ ଦେବା ପାଇଁ ଉଦ୍ଦିଷ୍ଟ। ଅନ୍ୟପକ୍ଷରେ ୟୁଏଇ ଇରାନ ଯୁଦ୍ଧ ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋଇଥିବାରୁ କ୍ଷତିପୂରଣ କରିବାକୁ ଚାହୁଁଥିଲା। କିନ୍ତୁ ୟୁଏଇକୁ ଗଲ୍ଫ ସହଯୋଗ ପରିଷଦ (ଜିସିସି) ଦେଶଗୁଡ଼ିକଠାରୁ ବହୁତ କମ୍ ସମର୍ଥନ ମିଳିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ କରିଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନକୁ ବ୍ୟବହାର କରି ଏକପାଖିଆ ଭାବରେ ଯୁଦ୍ଧବିରତି ଘୋଷଣା କରି ବର୍ତ୍ତମାନ ପାଇଁ ଯୁଦ୍ଧରୁ ଓହରି ଯାଇଥିବା ପରି ମନେ ହେଉଥିବାବେଳେ ୟୁଏଇକୁ ଇରାନର ରୋଷର ସାମ୍ନା ହେବାକୁ ପଡ଼ିବ। ୟୁଏଇରେ ଇରାନର ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ କଡ଼ା ପଦକ୍ଷେପ ନିଆଯାଉ ବୋଲି ଆବୁଧାବି ଚାହୁଁଥିଲେ ମଧ୍ୟ ପାକିସ୍ତାନ ଆମେରିକା-ଇରାନ ମଧ୍ୟରେ ଚୁକ୍ତି ପାଇଁ ମଧ୍ୟସ୍ଥତା ଭୂମିକା ଗ୍ରହଣ କରିଥିବା ଯୋଗୁଁ ଏଥିପାଇଁ ମନା କରିଥିଲା। ପାକିସ୍ତାନ ମଧ୍ୟସ୍ଥତା କରି ନିଜେ ଲାଭରେ ଥିବାବେଳେ ୟୁଏଇ କିନ୍ତୁ କ୍ଷତିଗ୍ରସ୍ତ ହୋଇଛି। ଆମେରିକା-ଇସ୍ରାଏଲର ଇରାନ ଉପରେ ଆକ୍ରମଣ ଯୋଗୁଁ ୟୁଏଇ ଉପରେ ତେହେରାନ ସର୍ବାଧିକ ଆକ୍ରମଣ କରିଥିଲା।

ନିକଟରେ ୟୁଏଇ ଦର୍ଶାଇଥିଲା ଯେ, ଇରାନ ଏହାର ଭିତ୍ତିଭୂମି ଉପରେ ବ୍ୟାପକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରିଥିଲା। ଆବୁ ଧାବିର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଏପ୍ରିଲ ୮ ତାରିଖ ସୁଦ୍ଧା ଏହା ବାୟୁ ପ୍ରତିରକ୍ଷା ଦ୍ୱାରା ୫୩୭ ବାଲିଷ୍ଟିକ କ୍ଷେପଣାସ୍ତ୍ର, ୨୬ କ୍ରୁଜ କ୍ଷେପଣାସ୍ତ୍ର ଓ ୨୨୫୬ଟି ଡ୍ରୋନ୍ ନଷ୍ଟ କରାଯାଇଛି। ଚାଥାମ ହାଉସର ଜଣେ ସହଯୋଗୀ ଫେଲୋ ନୀଲ କ୍ୱିଲିୟମ ଦି ଫାଇନାନ୍ସିଆଲ ଟାଇମ୍ସକୁ କହିଛନ୍ତି ଯେ, ପାକିସ୍ତାନର ମଧ୍ୟସ୍ଥତା ଭୂମିକା ୟୁଏଇକୁ ଅଧିକ ବିରକ୍ତି କରିଥିଲା। ଦି ଫାଇନାନ୍ସିଆଲ ଟାଇମ୍ସ ଖବରକାଗଜ ରିପୋର୍ଟ କରିଛି ଯେ, ୟୁଏଇ ଇସଲାମାବାଦକୁ ଇରାନ ବିରୋଧରେ କଠୋର ନୀତି ଗ୍ରହଣ କରିବାକୁ କହିଥିଲା। କିନ୍ତୁ ଇସଲାମାବାଦ ସେଥିରେ ରାଜି ହୋଇ ନଥିଲା। ଏଥିରେ ନିରାଶ ହୋଇ ୟୁଏଇ ପାକିସ୍ତାନକୁ ଦେଇଥିବା ୩.୫ ବିଲିଅନ୍ ଡଲାର ଋଣ ତୁରନ୍ତ ଫେରସ୍ତ ମାଗିଛି। ୨୦୨୭ ମସିହା ଶେଷ ପର୍ଯ୍ୟନ୍ତ ୟୁଏଇ ସମ୍ପୃକ୍ତ ଋଣ ଫେରସ୍ତ ମାଗିବାର ଯୋଜନାରେ ନଥିଲା।

# ଓପେକରୁ ଓହରିଲା ୟୁଏଇ, ଭାରତ ପାଇଁ ଶୁଭ ସଙ୍କେତ



ଦୁବାଇ/ନୂଆଦିଲ୍ଲୀ: ବିଶ୍ୱ ଅର୍ଥନୀତିର ଗତିପଥକୁ ବଦଳାଇବା ଭଳି ଏକ ବଡ଼ ନିଷ୍ପତ୍ତିକ୍ରମେ ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ଆନ୍ତର୍ଜାତୀୟ ତୈଳ ସଂଗଠନ "ଓପେକ୍" ଛାଡ଼ିବାକୁ ଘୋଷଣା କରିଛି। ଆସନ୍ତା ମେ ୧ ତାରିଖରୁ ୟୁଏଇ ଉଭୟ ଓପେକ୍ ଏବଂ ଓପେକ୍ ପ୍ଲସ୍ ରୁ ଓହରିଯିବ। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୂ-ରାଜନୈତିକ ତିକ୍ତତା ଏବଂ ସାଉଦି ଆରବ ସହ ରଣନୈତିକ ମତଭେଦ ମଧ୍ୟରେ ୟୁଏଇର ଏହି "ସ୍ୱାଧୀନ ଆର୍ଥିକ ଆଭିମୁଖ୍ୟ" ବିଶ୍ୱ ବଜାରକୁ ସ୍ତବ୍ଧ କରିଦେଇଛି।ୟୁଏଇ ଶକ୍ତି ମନ୍ତ୍ରୀ ସୁହେଲ ଅଲ୍ ମଜରୁଇଙ୍କ ଅନୁଯାୟୀ, ଓପେକ୍ କୋଟାରୁ ମୁକ୍ତ ହେବା ପରେ ଦେଶ ନିଜର ତୈଳ ଉତ୍ପାଦନ କ୍ଷମତାକୁ ଦୈନିକ ୩.୨ ମିଲିୟନ ବାରେଲରୁ ପ୍ରାୟ ୫ ମିଲିୟନ ବାରେଲକୁ ବୃଦ୍ଧି କରିପାରିବ। ହର୍ମୁଜ ପ୍ରଣାଳି ସଙ୍କଟ ଯୋଗୁଁ ରପ୍ତାନି ବାଧାପ୍ରାପ୍ତ ହୋଇଥିଲେ ହେଁ, ନିଜର ଶକ୍ତି ନୀତିକୁ ଅଧିକ ନମନୀୟ କରିବା ପାଇଁ ୟୁଏଇ ଏହି ସାହସିକ ପଦକ୍ଷେପ ଗ୍ରହଣ କରିଛି। ଏହା ଫଳରେ ଓପେକର ବଜାର ନିୟନ୍ତ୍ରଣ କ୍ଷମତା ହ୍ରାସ ପାଇବା ସହ ସାଉଦି ଆରବ ସହ ଥିବା ସମ୍ପର୍କରେ ଫାଟ ଅଧିକ ପ୍ରଶସ୍ତ ହେବା ଆଶଙ୍କା କରାଯାଉଛି।ଅର୍ଥନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ୟୁଏଇର ଏହି ନିଷ୍ପତ୍ତି ଭାରତ ପାଇଁ ଦୀର୍ଘକାଳୀନ ସୁଫଳ ଆଣିପାରେ। ୟୁଏଇ ସ୍ୱାଧୀନ ଭାବେ ତୈଳ ଉତ୍ପାଦନ ବୃଦ୍ଧି କଲେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଯୋଗାଣ ବଢ଼ିବ, ଯାହା ଫଳରେ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଭାରତ ନିଜର ତୈଳ ଆବଶ୍ୟକତାର ଏକ ବଡ଼ ଅଂଶ ୟୁଏଇରୁ ଆମଦାନୀ କରୁଥିବାରୁ, ବଜାରରେ ଏହି ମୂଲ୍ୟ ସଂସ୍କାର ଭାରତୀୟ ଅର୍ଥନୀତି ପାଇଁ ଏକ ଆଶ୍ୱସ୍ତିକର ଖବର ସାବ୍ୟସ୍ତ ହୋଇପାରେ। ତେବେ ନିକଟ ଭବିଷ୍ୟତରେ ବଜାରରେ ଅସ୍ଥିରତା ଜାରି ରହିବା ନେଇ ନିବେଶକମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଗାଜିଆବାଦରେ ୧୫ ମହଲା ବିଲ୍ଡିଂରେ ଅଗ୍ନିକାଣ୍ଡ

**ଗାଜିଆବାଦ:** ଗାଜିଆବାଦରେ ବୁଧବାର ସକାଳେ ଏକ ୧୫ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ନିଆଁ ଇନ୍ଦିରାପୁରମ୍ର ଅଭୟଖଣ୍ଡ ଅଞ୍ଚଳର ଗୌର ଗ୍ରିନ୍ ଏଭେନ୍ୟୁ ସୋସାଇଟିର ଟାୱାର-ଡିର ୯ମ ମହଲାରେ ଲାଗିଥିଲା। ସକାଳ ୮ଟା ୩୦ ମିନିଟ ସମୟରେ ନିଆଁ ଲାଗିଥିବାବେଳେ ଏହା ଚାହୁଁ ଚାହୁଁ ଆପାର୍ଟମେଣ୍ଟର ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା।ନିଆଁକୁ ଆୟତ୍ତ କରିବାକୁ ୧୭ଟି ଦମକଳ ଗାଡ଼ି ନିୟୋଜିତ ଥିଲା।ଗାଜିଆବାଦ ମୁଖ୍ୟ ଅଗ୍ନିଶମ ଅଧିକାରୀ ରାହୁଲ ପାଲ୍ କହିଛନ୍ତି, ନିଆଁ ୯ମରୁ ୧୧ଶ ମହଲା ଭିତରେ ୮ଟି ଫ୍ଲାଟ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ସମସ୍ତଙ୍କୁ ସୁରକ୍ଷିତ ବାହାରକୁ ବାହାର କରାଯାଇଛି ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଜାଣିବାକୁ ଏହି ଘଟଣାର ତଦନ୍ତ କରାଯାଉଛି।

# ଗଙ୍ଗା ଏକ୍ସପ୍ରେସ୍‌ର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



**ବାରାଣସୀ:** ଉତ୍ତରପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ୫୯୪ କିମି ଦୀର୍ଘ ଗଙ୍ଗା ଏକ୍ସପ୍ରେସ୍ ୱେର ଉଦଘାଟନ କରିଛନ୍ତି। ପ୍ରାୟ ୩୬୨୩୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ, ଗଙ୍ଗା ଏକ୍ସପ୍ରେସୱେ ହେଉଛି ଉତ୍ତର ପ୍ରଦେଶର ସବୁଠାରୁ ଲମ୍ବା ଏକ୍ସପ୍ରେସୱେ ଏବଂ ଭାରତର ସବୁଠାରୁ ବଡ଼ ଗ୍ରିନଫିଲ୍ଡ ରାସ୍ତା ପ୍ରକଳ୍ପ ମଧ୍ୟରୁ ଗୋଟିଏ। ଏହି ଛଅ ଲେନ ବିଶିଷ୍ଟ ରାସ୍ତା ୮ ଲେନ୍କୁ ସମ୍ପ୍ରସାରିତ ହୋଇପାରୁଥିବାବେଳେ ମିରଟରୁ ପ୍ରୟାଗରାଜ ମଧ୍ୟରେ ୧୨ ଟି ଜିଲ୍ଲା ସହିତ ସଂଯୋଗ କରିଥାଏ। ଏହା କେବଳ ଏକ ରାସ୍ତା ଭାବରେ ନୁହେଁ, ବରଂ ଏକ ଶିଳ୍ପ, ଲଜିଷ୍ଟିକ୍ସ ଏବଂ ବିକାଶ କରିଡର ଭାବରେ କାର୍ଯ୍ୟ କରିବ।ଏହାପୂର୍ବରୁ ମୋଦୀ ବାରାଣସୀରେ ରୋଡଶୋ' କରିଥିଲେ। ପ୍ରଧାନମନ୍ତ୍ରୀ ବୁଧବାର କାଶୀ ବିଶ୍ୱନାଥଙ୍କ ଦର୍ଶନ କରିଥିଲେ। ମୋଦୀ ୧୪ କିଲୋମିଟର ପର୍ଯ୍ୟନ୍ତ ରୋଡସୋ' କରି କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ଥିଲେ। ବିଜେପି କର୍ମୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଲୋକମାନେ ବିଭିନ୍ନ ସ୍ଥାନରେ ଫୁଲ ପକାଇ ସ୍ୱାଗତ କରିଥିଲେ। ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ କାଶୀକୁ ୫୪ ଥର ଗସ୍ତ କରିଛନ୍ତି। ତେବେ ୨୦୨୬ରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ କାଶୀ ଗସ୍ତ। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନଭେମ୍ବର ୨୦୨୫ରେ କାଶୀ ଗସ୍ତ କରିଥିଲେ। କାଶୀରୁ ପ୍ରଧାନମନ୍ତ୍ରୀ ହରଦୋଇ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଗଙ୍ଗା ଏକ୍ସପ୍ରେସ୍ ୱେର ଉଦଘାଟନ କରିଥିଲେ। ଏହି ହାଇ-ସ୍ପିଡ୍ କରିଡର ସମଗ୍ର ଉତ୍ତର ପ୍ରଦେଶରେ ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ ଏବଂ ଶିଳ୍ପ ନିବେଶ, ଲଜିଷ୍ଟିକ୍ସ, କୃଷି ବିପଣନ ଏବଂ ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ 'ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି ଯେ, ରାଜ୍ୟର ବିକାଶରେ ଏହି ପ୍ରକଳ୍ପ ନୂଆ ଅଧ୍ୟାୟ ଆରମ୍ଭ କରିବ। ଗଙ୍ଗା ଏକ୍ସପ୍ରେସ୍ ୱେକୁ ଜୀବନରେଖା କହିବା ସହିତ ଗାଁ, କୃଷକ, ଉଦ୍ୟୋଗୀ ଓ ଯୁବପିଢ଼ିଙ୍କୁ ଯୋଡ଼ି ରଖିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ରାଜ୍ୟ ସଭାପତି ପଙ୍କଜ ଚୌଧୁରୀ ମଧ୍ୟ ଉଦଘାଟନକୁ ସ୍ୱାଗତ କରି ଏହାକୁ ଦେଶର ସବୁଠାରୁ ଦୀର୍ଘ ଏକ୍ସପ୍ରେସୱେ ମଧ୍ୟରୁ ଗୋଟିଏ ଏବଂ ଉତ୍ତର ପ୍ରଦେଶକୁ ଏକ ପ୍ରମୁଖ ଭିତ୍ତିଭୂମି ଉପହାର ବୋଲି କହିଛନ୍ତି।

# ରଘୁବଂଶୀ ହତ୍ୟା ମାମଲା: ପତ୍ନୀ ସୋନମଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ:** ହନିମୁନ କରିବାକୁ ମେଘାଳୟ ଯାଇଥିବା ବେଳେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିଥିବା ପତ୍ନୀ ସୋନମଙ୍କୁ ଶେଷରେ ମିଳିଛି ଜାମିନ। ୨୦୨୫ରେ ଏହି ହନିମୁନ ମର୍ଡର ପୂରା ଦେଶରେ ହଇଚଇ ସୃଷ୍ଟି କରିଥିଲା।ସୋନମ ୩ ଥର ଜାମିନ ପାଇଁ ଆବେଦନ କରି ନିରାଶ ହୋଇଥିବା ବେଳେ ମଙ୍ଗଳବାର ତାଙ୍କୁ ଆଶ୍ୱସ୍ତି ମିଳିଛି। ପୁଲିସ୍ କରିଥିବା ତ୍ରୁଟି ଯୋଗୁ ସୋନମ ଜାମିନ ପାଇଥିବା ଜଣାପଡ଼ିଛି। ଲିପିଗତ ତ୍ରୁଟି ପାଇଁ ସ୍ୱାମୀଙ୍କୁ ମାରିବା ଘଟଣାରେ ଗିରଫ ସୋନମ ଜେଲରୁ ମୁକୁଳିଛନ୍ତି। ୨୦୨୫ ହନିମୁନ ହତ୍ୟା ମାମଲାରେ ଗୋଟିଏ ଏଫଆଇଆର ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୧୦୩ରେ ରୁଜୁ ହୋଇଥିଲା। ଏହା ହତ୍ୟା ସହ ଜଡ଼ିତ। ପୁଲିସ୍ ଗିରଫ କିମ୍ବା ଅଟକ ରଖୁଥିବା ଲୋକଙ୍କୁ ଏହାର କାରଣ କରିବାକୁ ବାଧ୍ୟ। ଏହା ଜଣେ ବ୍ୟକ୍ତିର ମୌଳିକ ଅଧିକାର। ସୋନମଙ୍କ ମାମଲାରେ 'ଗିରଫଦାରୀର କାରଣର ସୂଚନା' ଭାରତୀୟ ନ୍ୟାୟ ସଂହିତାର ଧାରା ୪୦୩(୧) ଭାବେ ଉଲ୍ଲେଖ କରାଯାଇଥିଲା ବୋଲି କୋର୍ଟ କହିଛନ୍ତି।୨୦୨୪ ଜୁଲାଇ ୧ରେ ଆଇପିସିର ସ୍ଥାନ ବିଏନଏସ ନେଇଛି।

# ପ. ବଙ୍ଗରେ ଭୋଟ ହିଂସା

**କୋଲକାତା:** ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ଆଜି ୧୪୨ ଆସନରେ ଭୋଟ୍ ଗ୍ରହଣ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ ଆଜି ବିଭିନ୍ନ ସ୍ଥାନରେ ହିଂସା ଉପୁଜିଛି। ଛାପ୍ରା, ଶାନ୍ତିପୁର ଏବଂ ଭାଙ୍ଗର ସମେତ ବିଭିନ୍ନ ସ୍ଥାନରୁ ହିଂସା ଏବଂ ସମ୍ପତ୍ତି ଭଙ୍ଗାରୁଜା ହୋଇଥିବା ରିପୋର୍ଟ ହୋଇଛି। ବିଭିନ୍ନ ବୁଥ୍ରେ ମଧ୍ୟ ଇଭିଏମ୍ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଆଜି ଅଭିଶେକ ବାନାର୍ଜୀ ପ୍ରତିନିଧିତ୍ୱ କରୁଥିବା ଡାଇମଣ୍ଡ ହାର୍ବର ଲୋକସଭା ନିର୍ବାଚନମଣ୍ଡଳୀରେ ଏକ ବିଧାନସଭା ଆସନ ଫାଲ୍ଟାରେ ଆଜି ଇଭିଏମ୍ରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ଫାଲଟାରେ ଅଭିଶେକ ବାନାର୍ଜୀଙ୍କ ସହଯୋଗୀ ଜାହାଙ୍ଗୀର ଖାନ୍ ନିର୍ବାଚନ ଲଢ଼ୁଛନ୍ତି। ଏଠାରେ ବିଭିନ୍ନ ବୁଥ୍ରେ ଇଭିଏମ୍ ଜାଲିଆତି ହୋଇଥିବା ଦାବି ହୋଇଛି। ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ଅଭିଯୋଗ କରିଛନ୍ତି ଯେ ଟିଏମ୍ସି ଜାଣିଶୁଣି ବିଭିନ୍ନ ବୁଥ୍ରେ ତାଙ୍କ ସମର୍ଥନରେ ଭୋଟରଙ୍କୁ ଭୋଟ୍ ଦେବାପାଇଁ ବାଧା ଦେଇଛି। ନିର୍ବାଚନ କମିସନ୍ ଏହି ଅଭିଯୋଗକୁ ଅତି ସାଂଘାତିକ କହିଛନ୍ତି ଏବଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଇଭିଏମ୍ ଜାଲିଆତି ହୋଇଥାଏ ତେବେ ଏଠାରେ ପୁନଃ ନିର୍ବାଚନ ହେବ ବୋଲି ନିର୍ବାଚନ କମିସନ୍ କହିଛନ୍ତି।

# ରାଜା ଚାର୍ଲ୍ସଙ୍କ ସମ୍ମୁଖରେ ଇରାନକୁ ଚେତାବନୀ



**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଆମେରିକୀୟ ସେନା ଏକ ପ୍ରମୁଖ ଶତ୍ରୁକୁ ସାମରିକ ଭାବରେ ପରାସ୍ତ କରିଛି ଏବଂ ଆଉ ଥରେ ଏପରି କରିବାକୁ ଅନୁମତି ଦିଆଯିବ ନାହିଁ। ଶତ୍ରୁକୁ କେବେବି ପରମାଣୁ ଅସ୍ତ୍ର ରଖିବାକୁ ଦିଆଯିବ ନାହିଁ। ବ୍ରିଟେନର ରାଜା ଚାର୍ଲ୍ସ ତୃତୀୟଙ୍କ ସମ୍ମାନାର୍ଥେ ହ୍ୱାଇଟ୍ ହାଉସ୍ରେ ଆୟୋଜିତ ଏକ ଷ୍ଟେଟ୍ ଡିନର ସମୟରେ ସେ ଏଭଳି ବକ୍ତବ୍ୟ ଦେଇଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି, ରାଜା ଚାର୍ଲ୍ସ ଏହି ଦୃଷ୍ଟିକୋଣ ସହିତ ସମ୍ପୂର୍ଣ୍ଣ ସହମତ। ମଧ୍ୟପ୍ରାଚ୍ୟରେ ବର୍ତ୍ତମାନର ପରିସ୍ଥିତିର ସମାଧାନ ପାଇଁ ଆମେରିକା ଏକ ଭଲ ସ୍ଥିତିରେ ଅଛି ଏବଂ ସେଠାରେ ଏକ ଦୃଢ଼ ସାମରିକ ସ୍ଥିତି ବଜାୟ ରଖିଛି। ଆମେରିକା ଏବଂ ବ୍ରିଟେନ ଇତିହାସରେ ଅନେକ ଥର ସାମ୍ୟବାଦ, ଫାସିବାଦ ଏବଂ ଏକଛତ୍ରବାଦୀ ଶକ୍ତି ବିରୋଧରେ ଏକାଠି ଲଢ଼ିଛନ୍ତି। ଦୁଇ ଦେଶ ମଧ୍ୟରେ ସହଭାଗୀତା କେବଳ ରାଜନୈତିକ ନୁହେଁ, ବରଂ ଆଦର୍ଶଗତ ଏବଂ ରଣନୈତିକ ମଧ୍ୟ।

ଏହି ସମୟରେ, ରାଜା ଚାର୍ଲ୍ସ ତୃତୀୟ ମଧ୍ୟ ବୈଠକରେ ଉଦ୍ବୋଧନ ଦେଇ ନାଟୋ ଏବଂ ଏୟୁକେୟୁଏସ୍ ଭଳି ସାମରିକ ମେଣ୍ଟ ଉପରେ ଗୁରୁତ୍ୱାରୋପ କରି ଏହି ସହଭାଗୀତା ବୈଷୟିକ ସହଯୋଗ ଏବଂ ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିପାରିବ ବୋଲି କହିଛନ୍ତି। ରାଜା ଚାର୍ଲ୍ସ ତୃତୀୟ ବର୍ତ୍ତମାନ ଚାରି ଦିନିଆ ରାଜ୍ୟ ଗସ୍ତରେ ଆମେରିକାରେ ଅଛନ୍ତି। ଏହି ଗସ୍ତ ସମୟରେ ସେ ଆମେରିକୀୟ କଂଗ୍ରେସକୁ ମଧ୍ୟ ସମ୍ବୋଧିତ କରିଛନ୍ତି। ଦ୍ୱିତୀୟ ଥର ପାଇଁ ଜଣେ ବ୍ରିଟିଶ ରାଜା ଭାବେ ସେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିଛନ୍ତି। ପୂର୍ବରୁ, ତାଙ୍କ ମାଆ, ରାଣୀ ଏଲିଜାବେଥ ଦ୍ୱିତୀୟ ମଧ୍ୟ ଏହି ମଞ୍ଚରୁ ଭାଷଣ ଦେଇଥିଲେ। ତାଙ୍କ ଭାଷଣରେ, ରାଜା ଚାର୍ଲ୍ସ ଯୁକ୍ତରାଷ୍ଟ୍ର ଏବଂ ବ୍ରିଟେନ ମଧ୍ୟରେ ଦୀର୍ଘ ସହଭାଗୀ ଇତିହାସ ଉଲ୍ଲେଖ କରି କହିଥିଲେ ଯେ ସେମାନଙ୍କର ସମ୍ପର୍କ ଶହ ଶହ ବର୍ଷ ପୁରୁଣା। ସେ କହିଥିଲେ ଯେ ଉଭୟ ଦେଶ ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ, ଯାହା ସେମାନଙ୍କର ଶାସନ ବ୍ୟବସ୍ଥାର ମୂଳଦୁଆ ପକାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ବ୍ରିଟେନ ଏବଂ ଆମେରିକା ମଧ୍ୟରେ ସ୍ୱତନ୍ତ୍ର ସହଭାଗୀତା କେବଳ ଅତୀତର ସଫଳତା ଉପରେ ନିର୍ଭର କରିବ ନାହିଁ, ବିଶେଷକରି ଯେତେବେଳେ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ରାଜା ଚାର୍ଲ୍ସ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ୟୁରୋପରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ୟୁକ୍ରେନକୁ ସମର୍ଥନ କରିବା ଅତ୍ୟନ୍ତ ଜରୁରୀ ବୋଲି ମତପୋଷଣ କରିଛନ୍ତି।

# ସାବରୀମାଳା ମନ୍ଦିର ମାମଲା: ସଂସ୍କାର ନାମରେ ଧର୍ମକୁ ଦୁର୍ବଳ କରାଯାଇପାରିବନି



**ନୂଆଦିଲ୍ଲୀ:** କେରଳର ସାବରୀମାଳା ମନ୍ଦିର ସମେତ ବିଭିନ୍ନ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। ସାମାଜିକ ସଂସ୍କାର ନାମରେ ଧର୍ମର ମୌଳିକ ସଂରଚନାକୁ ଦୁର୍ବଳ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣି ସମୟରେ, ଜଷ୍ଟିସ୍ ବି.ଭି. ନାଗରତ୍ନା କହିଛନ୍ତି ଯେ, ଭାରତର ସଭ୍ୟତା ଏବଂ ଧାର୍ମିକ ଇତିହାସକୁ ଅଣଦେଖା କରିବା ଅସମ୍ଭବ। ସମ୍ବିଧାନର ଧାରା ୨୫ ଏବଂ ୨୬ ମଧ୍ୟ ଏହି ଐତିହାସିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିରୁ ବିକଶିତ ହୋଇଛି। କୋର୍ଟଙ୍କ ମତରେ, ବର୍ତ୍ତମାନକୁ ବୁଝିବା ପାଇଁ ଅତୀତକୁ ଅଣଦେଖା କରାଯାଇପାରିବ ନାହିଁ। ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଯୁକ୍ତି ଦେଇଥିଲେ ଯେ, ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ବଳବତ୍ତର ରହିଛି ଏବଂ ଏହାକୁ ଅବରୋଧ କରାଯାଇ ନାହିଁ। ଏହା ସତ୍ତ୍ୱେ, ରାଜ୍ୟ ସରକାରଙ୍କ ପର୍ଯ୍ୟାପ୍ତ ସହଯୋଗର ଅଭାବ ଦର୍ଶାଇ ମହିଳାମାନେ ମନ୍ଦିରରେ ପ୍ରବେଶ କରିପାରୁନାହାନ୍ତି। ସେ ଏହା ମଧ୍ୟ କହିଥିଲେ ଯେ କୋର୍ଟ ଧର୍ମକୁ ପରିଭାଷିତ କରନ୍ତି ନାହିଁ, ବରଂ, ଏହା ଧାର୍ମିକ ପରମ୍ପରା ଏବଂ ବିଶ୍ୱାସ ପାଇଁ ନିର୍ଣ୍ଣୟ କରିବାର ବିଷୟ।

# ଅକ୍ଷୟ କୁମାର କ୍ରିଷ୍ଟାଲ କ୍ରପ୍ ପ୍ରୋଟେକ୍ସନର ବ୍ରାଣ୍ଡ ଆମ୍ବାସାଡର

**ମୁମ୍ବାଇ:** ଭାରତର ଅନ୍ୟତମ ଗବେଷଣା-ଭିତ୍ତିକ ଆଗ୍ରି-ଇନପୁଟ କମ୍ପାନୀ, କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନ ଲିମିଟେଡ ପକ୍ଷରୁ ଅଭିନେତା ଅକ୍ଷୟ କୁମାରଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯାଇଛି । ଏଥିସହିତ କମ୍ପାନୀ ପକ୍ଷରୁ ଅକ୍ଷୟ କୁମାରଙ୍କ ସହିତ ଏହାର ପ୍ରଥମ ଜାତୀୟ ବ୍ରାଣ୍ଡ କ୍ୟାମ୍ପେନ "ଦେଶ୍ କା କିସାନ, ଦେଶ କା ଅସ୍ଲି ହିରୋ' ଉନ୍ମୋଚନ କରାଯାଇଛି । ଏହି ସହଭାଗିତା ଅକ୍ଷୟ କୁମାରଙ୍କ ସହିତ ଭାରତୀୟ କୃଷି ପ୍ରତି କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନର ତିନି ଦଶନ୍ଧିର ଦୀର୍ଘ ପ୍ରତିବଦ୍ଧତାକୁ ଏକାଠି କରିଛି । ଏହି ସହଭାଗିତା ମାଧ୍ୟମରେ କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନ ଭାରତର କୃଷକଙ୍କ ସହ ଏହାର ସଂଯୋଗ ସୁଦୃଢ଼ କରିବା ଏବଂ ସେମାନଙ୍କୁ ଅତ୍ୟାଧୁନିକ କୃଷି ସମାଧାନ ପାଇବା ଓ କୃଷି ଲାଭ ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି । କମ୍ପାନୀର ଦେଶ କା କିସାନ, ଦେଶ କା ଅସ୍ଲି ହିରୋ କ୍ୟାମ୍ପେନ ଟେଲିଭିଜନ, ଡିଜିଟାଲ ପ୍ଲାଟଫର୍ମ ଓ ବିଭିନ୍ନ କୃଷକ ସମ୍ବନ୍ଧିତ ପ୍ଲାଟଫର୍ମରେ ଆରମ୍ଭ କରାଯିବ । ଏହି ସହଭାଗିତା ସମ୍ପର୍କରେ କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଅଙ୍କୁର ଅଗ୍ରଓ୍ୱାଲ କହିଛନ୍ତି, ଅକ୍ଷୟ କୁମାର ସ୍ଥିରତା, ଶୃଙ୍ଖଳା ଏବଂ ଉଦ୍ଦେଶ୍ୟର ଏକ ଗଭୀର ଭାବନାର ପ୍ରତିନିଧିତ୍ୱ କରୁଛନ୍ତି ଯାହା କ୍ରିଷ୍ଟାଲରେ ଆମର ମୂଲ୍ୟବୋଧ ସହ ଜଡିତ ରହିଛି । ଏହି ସହଭାଗିତା ହେଉଛି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଥିବା ପ୍ରକୃତ ହିରୋଙ୍କ ସହ ଜଣେ ଜାତୀୟ ଆଇକନଙ୍କୁ ସଂଯୋଗ କରିବାର ଆମର ମାଧ୍ୟମ । ଅଭିନେତା ଅକ୍ଷୟ କୁମାର କହିଛନ୍ତି, ଭାରତର କୃଷକଙ୍କ ସହ କେବଳ କଥାରେ ନୁହେଁ ବରଂ କାନ୍ଧରେ କାନ୍ଧ ମିଳାଇ ଛିଡା ହୋଇଥିବା କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନ ଭଳି ଏକ ବ୍ରାଣ୍ଡ ସହ ଜଡିତ ହେବା ଏକ ଗର୍ବର ବିଷୟଅଟେ ।କ୍ରିଷ୍ଟାଲ କ୍ରପ ପ୍ରୋଟେକ୍ସନର କ୍ରିଷ୍ଟାଲ ବ୍ରାଣ୍ଡ ବିଜ୍ନେସ୍ର ମୁଖ୍ୟ ବ୍ୟବସାୟିକ ଅଧିକାରୀ, ସୋହିତ ସତ୍ୟଓ୍ୱାଲି କହିଛନ୍ତି, ଅକ୍ଷୟ କୁମାର ସିଲଭର ସ୍କ୍ରିନକୁ ସବୁବେଳେ ବିଶ୍ୱସନୀୟତା ଓ ପ୍ରାମାଣିକତା ଆଣିଥାନ୍ତି ଏବଂ ଏହି ସହଭାଗିତା କ୍ରିଷ୍ଟାଲ ବ୍ରାଣ୍ଡ ପାଇଁ ସମାନ ବିଶ୍ୱସନୀୟତା ଆଣିବ ।

# ଏଆଇ ମଣିଷ ଜାତିର ବିନାଶ କରିଦେବ: ଏଲନ ମସ୍କ



**କାଲିଫର୍ଣ୍ଣିଆ:** ବିଶ୍ୱର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତି ତଥା ଟେସଲା ମୁଖ୍ୟ ଏଲନ ମସ୍କ କୃତ୍ରିମ ବୁଦ୍ଧିମତା(ଏଆଇ) ର ଭବିଷ୍ୟତକୁ ନେଇ ଏକ ଅତ୍ୟନ୍ତ ଚାଞ୍ଚଲ୍ୟକର ସଙ୍କେତ ଦେଇଛନ୍ତି। ବୁଧବାର କାଲିଫର୍ଣ୍ଣିଆର ଏକ କୋର୍ଟରେ ଓପନ ଏଆଇ ବିରୋଧରେ ଚାଲିଥିବା ଆଇନଗତ ଲଢ଼େଇ ସମୟରେ ସାକ୍ଷ୍ୟ ଦେଇ ମସ୍କ ସତର୍କ କରାଇଛନ୍ତି ଯେ, ଏଆଇ ମଣିଷ ଜାତି ପାଇଁ ସବୁଠୁ ବଡ଼ ବରଦାନ ସାବ୍ୟସ୍ତ ହୋଇପାରେ କିମ୍ବା ଏହା ସମଗ୍ର ମାନବ ସମାଜକୁ ଶେଷ କରିଦେଇପାରେ। ସେ ହଲିଉଡ୍ ଚଳଚିତ୍ର 'ଟର୍ମିନେଟର'ର ଉଦାହରଣ ଦେଇ କହିଛନ୍ତି, ଆମେ ଏପରି ଏକ ଅନ୍ଧକାରମୟ ଭବିଷ୍ୟତ ଆଡ଼କୁ ଗତି କରିବା ଅନୁଚିତ ଯେଉଁଠାରେ ମେସିନ୍ ମଣିଷକୁ ନିୟନ୍ତ୍ରଣ କରିବ, ବରଂ ଆମକୁ 'ଷ୍ଟାର୍ ଟ୍ରେକ୍' ଭଳି ଏକ ଆଶାବାଦୀ ଓ ସକାରାତ୍ମକ ଦୁନିଆକୁ ଗଢ଼ିବାକୁ ହେବ।ମସ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଓପନ୍ ଏଆଇ ପ୍ରତିଷ୍ଠା କରିବା ସମୟରେ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ମଣିଷ ଜାତିର କଲ୍ୟାଣ ପାଇଁ ମାଗଣାରେ ଏବଂ ଖୋଲାଖୋଲି ଭାବେ ଏଆଇର ବିକାଶ କରିବା, କିନ୍ତୁ ବର୍ତ୍ତମାନ କମ୍ପାନି ସେହି ଆଦର୍ଶରୁ ଓହରି ଯାଇ କେବଳ ବ୍ୟବସାୟିକ ଲାଭ ଏବଂ କ୍ଷମତା ପଛରେ ଗୋଡ଼ାଉଛି। ମସ୍କ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଅତି ଶୀଘ୍ର ଏଆଇ ମଣିଷର ବୁଦ୍ଧିକୁ ଅତିକ୍ରମ କରିଯିବ ଏବଂ ସମୟ ପୂର୍ବରୁ ଆମକୁ ସୁରକ୍ଷା ବ୍ୟବସ୍ଥା ମଜବୁତ କରିବାକୁ ହେବ।ଅନ୍ୟପକ୍ଷରେ, 'ଓପନ୍ ଏଆଇ' ପକ୍ଷରୁ ମସ୍କଙ୍କ ଏହି ସମସ୍ତ ଦାବିକୁ ପ୍ରତ୍ୟାଖାନ କରାଯାଇଛି। କମ୍ପାନିର ଏକିଲମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଚାଟ୍-ଜିପିଟିର ବିଶ୍ୱବ୍ୟାପୀ ସଫଳତା ଦେଖି ଏଲନ୍ ମସ୍କ ହତାଶ ହୋଇପଡ଼ିଛନ୍ତି ଏବଂ ନିଜର ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ସେ କୋର୍ଟରେ ଏଭଳି ଚାଞ୍ଚଲ୍ୟକର ଓ ଆତଙ୍କ ସୃଷ୍ଟିକାରୀ ବୟାନ ଦେଉଛନ୍ତି। ମସ୍କ ନିଜର ବ୍ରେନ୍-ଚିପ୍ କମ୍ପାନି "ନ୍ୟୁରାଲିଙ୍କ" ମାଧ୍ୟମରେ ମଣିଷ ଓ ମେସିନ୍ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଥିବା କହିଥିବା ବେଳେ, ସିଲିକନ୍ ଭ୍ୟାଲିର ଦୁଇ ବଡ଼ ନାମ ଏଲନ ମସ୍କ ଓ ସାମ୍ ଅଲ୍ଟମ୍ୟାନଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ଯୁଦ୍ଧ ଏବେ ସମଗ୍ର ବିଶ୍ୱର ବୈଷୟିକ ଇତିହାସରେ ଏକ ନୂଆ ମୋଡ଼ ଆଣିଛି।

**ଆଇପିଏଲ ମହାସମର**

# ସନରାଇଜର୍ସର ବଡ଼ ବିଜୟ



ୱାଙ୍ଖଡେ,୨୯।୪(ଏଜେନ୍ସି): ଚଳିତ ଆଇପିଏଲରେ ଜମାଣିଆ ଫର୍ମରେ ଥିବା ସନରାଇଜର୍ସ ହାଇଦ୍ରାବାଦ ୪୧ତମ ମ୍ୟାଚରେ ଆଉ ଏକ ବିଜୟ ହାସଲ କରିଛି। ଐତିହାସିକ ୱାଙ୍ଖଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ୱିକେଟରେ ପରାଜିତ କରି ସନରାଇଜର୍ସ ଷଷ୍ଠ ବିଜୟ ହାସଲ କରିଛି। ସନରାଇଜର୍ସ ୯ ମ୍ୟାଚରୁ ୧୨ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି। ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ପର୍ବ ଲମ୍ବିଛି। ଏପର୍ଯ୍ୟନ୍ତ ମୁମ୍ବାଇ ଖେଳିଥିବା ୮ ମ୍ୟାଚରୁ ୬ଟି ପରାଜୟ ଓ ଦୁଇଟି ବିଜୟ ସହ ୪ ପଏଣ୍ଟ ପାଇ ଟେବୁଲର ନବମ ସ୍ଥାନରେ ରହିଛି। ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ରିଆନ ରିକେଲଟନଙ୍କ ଅପରାଜିତ ୧୨୩ ରନର ଶତକୀୟ ଇନିଂସ ବଳରେ ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୩ ରନ କରିଥିଲା। ଜବାବରେ ସନରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୪ ୱିକେଟ ହରାଇ ୨୪୯ ରନ୍ କରି ଲକ୍ଷ୍ୟ ହାସଲ କରିନେଇଛି।

ୱାଙ୍ଖଡେରେ ଟସ ଜିତି ମୁମ୍ବାଇ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ୫ଟି ମ୍ୟାଚ ହାରିଥିବାରୁ ମୁମ୍ବାଇ ଏହି ମ୍ୟାଚରେ ବଡ଼ ସ୍କୋର କରି ବିଜୟ ସନ୍ଧାନରେ ବାହାରିଥିଲା। ଦଳକୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଫେରିଥିବାରୁ ମୁମ୍ବାଇ ବଳ ସାଉଣ୍ଟି ଥିଲା। ଓପନର ୱିଲଜ୍ୟାକଙ୍କ ସହ ରିଆଲ ରିକେଲଟନ ପ୍ରଥମ ୱିକେଟ୍ ପାଇଁ ୯୩ ରନ୍ ଯୋଡି ଥିଲେ। ୮ ଓଭର ମଧ୍ୟରେ ଦଳୀୟ ସ୍କୋର ୧୦୦ ଟପି ଯାଇଥିଲା। ୱିଲ ଜ୍ୟାକ୍ସ ୨୨ ବଲରୁ ୫ଟି ଚୌକା ଓ ୩ଟି ଛକା ସହାୟତାରେ ୪୬ ରନ୍ କରିଥିଲେ। କିନ୍ତୁ ବାମହାତୀ ରିଆଲ ରିକେଲଟନଙ୍କ ବ୍ୟାଟରୁ ଚୌକା ଓ ଛକାର ବର୍ଷା ଥମି ନଥିଲା। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୫୫ ବଲରୁ ୧୦ ଚୌକା ଓ ୮ ଛକା ସହାୟତାରେ ୧୨୩ ରନ୍ କରିଥିଲେ। ପୁଣିଥରେ ଅଭିଜ୍ଞ ସୂର୍ଯ୍ୟ କୁମାର ଯାଦବ ସମସ୍ତଙ୍କୁ ନିରାଶ କରିଛନ୍ତି। ସେ ୫ ବଲରୁ ୫ ରନ୍ କରି ଏହସାନ ମାଲିଙ୍ଗାଙ୍କ ଶିକାର ହୋଇଥିଲେ। ନମନ ଧୀର ୧୭ ବଲରୁ ୨୨ ରନ୍ ତଥା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲରୁ ୩୧ ରନ୍ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୨୪୩/୫ ରନରେ ପହଞ୍ଚିଥିଲା। ବୋଲିଂରେ ସନରାଇଜର୍ସର ପ୍ରଫୁଲ୍ଲ ହିଙ୍ଗଙ୍କୁ ୨ଟି, ଏହସାନ ମାଲିଙ୍ଗା, ସାକିବ ହୁସେନ ଓ ନୀତିଶ କୁମାର ରେଡ୍ଡୀଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା।

୨୪୪ ରନର ବିଜୟ ଲକ୍ଷ୍ୟକୁ ସନରାଇଜର୍ସ ହାଇଦ୍ରାବାଦ ପିଛା କରି ଜମାଣିଆ ଆରମ୍ଭ କରିଥିଲା। ଅଭିଶେକ ଶର୍ମାଙ୍କ ସହ ଟ୍ରେଭିସ ହେଡ ପ୍ରଥମ ୱିକେଟ୍ ପାଇଁ ୧୨୯ ରନ୍ ସଂଗ୍ରହ କରିଥିଲେ। ଅଭିଶେକ ଶର୍ମା ୨୪ ବଲରୁ ୪ଟି ଚୌକା ଓ ୩ଟି ଛକା ସହାୟତାରେ ୪୫ ରନ କରିଥିଲେ। ଟ୍ରେଭିସ ହେଡ ବିସ୍ଫୋରକ ୮ଟି ଛକା ମାରି ୭୬ ରନ୍ କରିଥିଲେ। ଅଧିନାୟକ ଇଶାନ କିଷାନଙ୍କ ବ୍ୟାଟ ଶାନ୍ତ ପଡିଯାଇଥିଲା। ସେ ଘଜନଫରଙ୍କ ବଲରେ ବୋଲ୍ଡ ହୋଇଥିଲେ। ଏହାପରେ ହେନରିଚ କ୍ଲାସେନ ଓ ନୀତିଶ କୁମାର ରେଡ୍ଡୀ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ମ୍ୟାଚର ଶେଷ ଭାଗରେ ହେନରିଚ କ୍ଲାସେନ ୩୦ ବଲରୁ ୭ ଚୌକା ଓ ୪ ଛକା ସହାୟତାରେ ୬୫ ରନ୍ କରି ଦଳକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିଲେ। ସଲିଲ ଅରୋରା ମଧ୍ୟ ୧୦ ବଲରୁ ୩ ଛକା ଓ ୨ ଚୌକା ସହାୟତାରେ ୩୦ ରନ୍ କରି ବିଜୟରେ ସହଯୋଗ କରିଥିଲେ।

## ଆଜିର ମ୍ୟାଚ

* ଗୁଜରାଟ-ବେଙ୍ଗାଲୁରୁ
* ସ୍ଥାନ - ଅହମ୍ମଦାବାଦ
* ସମୟ - ରାତି ୭.୩୦

▶▶ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୧୨ |
| ରାଜସ୍ଥାନ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୯ | ୬ | ୩ | ୧୨ |
| ଗୁଜରାଟ | ୮ | ୪ | ୪ | ୮ |
| ଚେନ୍ନାଇ | ୮ | ୩ | ୫ | ୬ |
| ଦିଲ୍ଲୀ | ୮ | ୩ | ୫ | ୬ |
| କୋଲକାତା | ୮ | ୨ | ୫ | ୫ |
| ମୁମ୍ବାଇ | ୮ | ୨ | ୬ | ୪ |
| ଲକ୍ଷ୍ନୌ | ୮ | ୨ | ୬ | ୪ |

## ୨୦୧୮ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଆଥଲେଟ୍ ଭିକେ ବିସ୍ମୟା ବାସନ୍ଦ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ୨୦୧୮ ଏସିଆନ୍ ଗେମ୍ସ ୪ ଗୁଣା ୪୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଧାବିକା ବିକେ ବିସ୍ମୟା ଡୋପ ଟେଷ୍ଟରେ ଧରାପଡିଛନ୍ତି। ବୁଧବାର ନାଡା ତାଙ୍କୁ ୨ ବର୍ଷ ପାଇଁ ବାସନ୍ଦ କରିଛି। ତାଙ୍କ ଶରୀରରୁ ପ୍ରତିବନ୍ଧିତ ଡ୍ରଗ୍ସ କ୍ଲେମିଫିନର ମିଳିଥିଲା। ୧୫ ଅଗଷ୍ଟ ୨୦୨୪ରେ କୋଚିରେ ତାଙ୍କଠାରୁ ନମୂନା ସଂଗ୍ରହ କରାଯାଇଥିଲା। ଦୁଇ ମାସ ମଧ୍ୟରେ ତାଙ୍କ ଶରୀରରେ ନିଷିଦ୍ଧ ଡ୍ରଗ୍ସ ମିଳିଥିବା ନାଡା ସୂଚନା ଦେଇଥିଲା।



ବିସ୍ମୟା କହିଛନ୍ତି ସେ ଗର୍ଭବତୀ ଥିବା ବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ଲେମିଫିନ ଔଷଧ ନେଇଥିଲେ। ଏହାର ପ୍ରଦର୍ଶନ ସହିତ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି। ତାଙ୍କ ବସନ୍ଦ ଦଣ୍ଡାଦେଶ ୨୯ ଅକ୍ଟୋବର ୨୦୨୪ରୁ ଲାଗୁ କରାଯିବ। ଏହାର ଅର୍ଥ ସେ ଆଉ ୬ ମାସ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ଅନ୍ୟତମ ପ୍ରତିଯୋଗୀ ଏନ ଶ୍ରୀନିବାସ ନମୂନା ଦେବା ପାଇଁ ମନା କରିଦେଇଥିଲେ। ତେଣୁ ତାଙ୍କୁ ୬ ଫେବୃଆରୀ ୨୦୨୫ରୁ ୪ ବର୍ଷ ପାଇଁ ବାସନ୍ଦ କରାଯାଇଛି।

## ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୨୯।୪(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବହୁ ପ୍ରତୀକ୍ଷିତ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫୨୬, ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହ ଶୁଭାରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଗ୍ରାମୀଣ ଅଂଚଳରୁ ଆସିଥିବା ଫୁଟବଲ୍ ପ୍ରତିଭାମାନଙ୍କୁ ଏକତ୍ରିତ କରି ଏହି ଆୟୋଜନ କ୍ରୀଡାସ୍ପୃହା, ଏକତା ଓ ତୃଣମୂଳ ସ୍ତରର କୌଶଳକୁ ସୁସଜ୍ଜିତ ଭାବେ ପ୍ରକାଶ କରିପାରିଛି । ଟୁର୍ଣ୍ଣାମେଂଟଟି ଏପ୍ରିଲ ୩୦, ୨୦୨୬ ପର୍ଯ୍ୟନ୍ତ ଚାଲିବ । ଗ୍ରାମୀଣ ଅଂଚଳରୁ ପ୍ରତିଭାଶାଳୀ ଫୁଟବଲ୍ ଖେଳାଳିଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଓ ଉନ୍ନୟନ କରିବା ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଂଟର ଆୟୋଜନ କରାଯାଇଛି । ଏହା ବିଶ୍ୱବିଦ୍ୟାଳୟର ଯୁବ ସଶକ୍ତିକରଣ ଓ ଗ୍ରାମ ସ୍ତରରେ କ୍ରୀଡା ଭିତ୍ତିକୁ ସୁଦୃଢ କରିବାର ପ୍ରୟାସକୁ ସଫଳ କରିଛି । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ, ତାଙ୍କର ପ୍ରେରଣାଦାୟକ ଉଦବୋଧନରେ ଖେଳାଳିମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ସତ୍ୟ କ୍ରୀଡାସ୍ପୃହା ସହିତ ଖେଳିବାକୁ ଆହ୍ୱାନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଗ୍ରାମୀଣ କ୍ରୀଡାର ଉନ୍ନତିର ଗୁରୁତ୍ୱ ଉଲ୍ଲେଖ କରି ଅଂଶଗ୍ରାହୀମାନଙ୍କୁ ଏହି ସୁଯୋଗର ସର୍ବାଧିକ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ । କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇ କ୍ରୀଡାର ସାମଗ୍ରିକ ବିକାଶରେ ଭୂମିକାକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ,ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ,ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯେଉଁମାନେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ କ୍ଲବ୍‌କୁ ପ୍ରତିନିଧିତ୍ୱ କରୁଛନ୍ତି ବାଲିଆପାଳ ବ୍ଲକ୍, ଦୁର୍ଗାଦେବୀପୁର (ରେମୁଣା), ବାଲେଶ୍ୱର ସଦର, ଚତୁରିଖୁଣ୍ଟା, ବାଲେଶ୍ୱର ପୌରପାଳିକା, ଏମ୍.ଜି କ୍ଲବ୍ (ନୂଆପାଡ଼ୀ), ନିମପାଳ (ନିଳଗିରି ବ୍ଲକ୍), ମଖାପଦା, ମହାବୀର କ୍ଲବ୍ ସିରେଇପୁର, ସିମୁଳିଆ ବ୍ଲକ୍, ଔପଦା ବ୍ଲକ୍, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାହାନଗା ବ୍ଲକ୍, ନିଳଗିରି ବ୍ଲକ୍, ଜଳେଶ୍ୱର ବ୍ଲକ୍ ଓ ରେମୁଣା ବ୍ଲକ୍ । ବିଶ୍ୱବିଦ୍ୟାଳୟ ପରିସରରେ ଏହି ଆୟୋଜନ ଉତ୍ସବମୟ ପରିବେଶ ସୃଷ୍ଟି କରିଛି, ଯେଉଁଠାରେ ଖେଳାଳିମାନେ ତାଙ୍କର ଅସାଧାରଣ କୌଶଳ, ଦଳୀୟ ସମନ୍ୱୟ ଓ ପ୍ରତିଯୋଗୀତାମୂଳକ ମନୋଭାବ ପ୍ରଦର୍ଶନ କରୁଛନ୍ତି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ନିରନ୍ତର ଭାବେ କ୍ରୀଡା ସଂସ୍କୃତିକୁ ପ୍ରୋତ୍ସାହନ ଓ ନୂତନ ପ୍ରତିଭାଙ୍କୁ ସଫଳତାର ଅବସର ଯୋଗାଇବା ସହ ଏହି ଟୁର୍ଣ୍ଣାମେଣ୍ଟ ଗ୍ରାମୀଣ ଫୁଟବଲ ଖେଳାଳିମାନଙ୍କ ପାଇଁ ଆଗକୁ ବଢ଼ିବାର ଏକ ମହତ୍ୱପୂର୍ଣ୍ଣ ସୋପାନ ସାବ୍ୟସ୍ତ ହେବ ବୋଲି ଆଶା କରାଯାଇଛି ।



## ଫସିବେ କି ପରାଗ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ରାଜସ୍ଥାନ ଅଧିନାୟକ ରିଆନ୍ ପରାଗ ଏବେ ବଡ଼ ବିବାଦରେ ଫଶିଛନ୍ତି। ଏପ୍ରିଲ ୨୮ ତାରିଖରେ ମୁଲାନପୁରର ମହରାଜା ଜାଦବେନ୍ଦ୍ର ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପଞ୍ଜାବକିଙ୍ଗ୍ସ ବିପକ୍ଷ ମ୍ୟାଚ ଚାଲିଥିବା ତାଙ୍କୁ ଇ-ସିଗାରେଟ ବ୍ୟବହାର କରୁଥିବା ମିଳିଛି। ଏହି ଘଟଣା ଏବେ ସୋସିଆଲ ମିଡ଼ିଆରେ ଖୁବ ଭାଇରାଲ ହେବାକୁ ଲାଗିଛି। ରିଆନ ପରାଗ ସାଥୀ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କ ସହ ବସିଥିବା ବେଳେ ଭାପିଙ୍ଗ କରୁଥିବା ଜଣାପଡୁଛି। ଅଧିନାୟକ ଭାବେ ତାଙ୍କ ଏଭଳି ଦାୟିତ୍ୱହୀନ ବ୍ୟବହାରକୁ ନେଇ କ୍ରିକେଟପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିସିସିଆଇ ପକ୍ଷରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି।

ମ୍ୟାଚର ଗୁରୁତ୍ୱପୂର୍ଣ୍ଣ ସମୟରେ ରିଆନ୍ ପରାଗ ଅତି ସାଧାରଣ ଭାବେ ଇ-ସିଗାରେଟ୍ ଟାଣୁଥିବା ନଜରରେ ଆସିଥିଲେ। ଦଳର ନେତୃତ୍ୱ ନେଉଥିବା ଖେଳାଳିଙ୍କ ପାଇଁ ଏଭଳି ଆଚରଣ ଖେଳର ମର୍ଯ୍ୟାଦା ହାନୀ କରୁଛି ବୋଲି ସମାଲୋଚନା ହେଉଛି। ଏହାକୁ ଖେଳ ପ୍ରତି ତାଙ୍କର ବେପରୁଆ ମନୋଭାବ ବୋଲି କୁହାଯାଉଛି। ରିଆନଙ୍କୁ ଏହି କାର୍ଯ୍ୟ ପାଇଁ ଦଣ୍ଡିତ କରାଯିବ କି ନାହିଁ ସେ ନେଇ ଚର୍ଚ୍ଚା ଜୋର ଧରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆଙ୍କ ପକ୍ଷରୁ ଆନୁଷ୍ଠାନିକ ବିବୃତ୍ତି ମିଳୁନାହିଁ। କ୍ରୀଡା ବିଶେଷଜ୍ଞଙ୍କ ମତରେ ଆଇପିଏଲରେ କୋଡ ଅଫ୍ କଣ୍ଡକ୍ଟ ଉଲ୍ଲଂଘନ କରିଥିବାରୁ ତାଙ୍କ ଉପରୁ ଜୋରିମାନା ଆଗାମୀ ମ୍ୟାଚରୁ ବାଦ ଦିଆଯାଇପାରେ। ପୂର୍ବରୁ ତାମାଖୁ ବିରୋଧ ଉଲ୍ଲଂଘନ କରି କିଛି ଖେଳାଳି ଦଣ୍ଡିତ ହୋଇଛନ୍ତି।

### ସର୍ବଭାରତୀୟ ନୀଳାଚଳ ଟ୍ରଫି

# ସେମିରେ ପ୍ରଗତୀ ସ୍ପୋର୍ଟିଂ

ଭୁବନେଶ୍ୱର,୨୯।୪(ସବ୍ୟୁ):ପୁରୀର ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ନୀଳଚଳ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ଲଢ଼େଇରେ ପ୍ରଗତୀ ସ୍ପୋର୍ଟିଂ ବିଜୟଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରଫାଇନାଲରେ ପ୍ରଗତୀ ସ୍ପୋର୍ଟିଂ ୧ ୱିକେଟରେ ଏଲଆରଏସ କ୍ଲବ କୋଲକାତାକୁ ପରାଜିତ କରିଥିଲା। ଟସ ଜିତି ଏଲଆରଏସ କୋଲକାତା ବ୍ୟାଟିଂ କରି ୩୨.୫ ଓଭରରେ ୧୪୯ ରନ କରି ଅଲଆଉଟ୍ ହୋଇଥିଲା। ପ୍ରଭାତ ମୌର୍ଯ୍ୟ ୫୧ ବଲରୁ ୫୮ ରନ, ରୋସନ ସିଂ ୨୬ ବଲରୁ ୩୧ ଏବଂ ବିନୀତ ମୌର୍ଯ୍ୟ ୨୩ ବଲରୁ ୧୯ ରନ କରିଥିଲେ। ବୋଲିଂରେ ପ୍ରଗତୀ ସ୍ପୋର୍ଟିଂର ଅଭିଜିତ ରାଉତ ଓ ମିଳନ ସାମଲ ୩ଟି ଲେଖାଏଁ ତଥା ରଘୁନାଥ ମଲ୍ଲ ୨ ୱିକେଟ୍ ସଫଳତା ହାସଲ କରିଥିଲେ।




ଜବାବରେ ପ୍ରଗତୀ ସ୍ପୋର୍ଟିଂ ୩୮.୨ ଓଭରରେ ୯ ୱିକେଟ୍ ହରାଇ ୧୫୦ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଗତୀ ସ୍ପୋର୍ଟିଂ ପକ୍ଷରୁ ଆୟୁଷ ୩୪ ବଲରୁ ୨୯, ଶୁଭମ ନାୟକ ୨୩, ଶାନ୍ତନୁ ମିଶ୍ର ୨୧, କୁଲଦୀପ ଯାଦବ ୧୬, ଆୟୁଷ ବାରିକ ୧୩, ଆୟୁଷ ଚାନ୍ଦ ୧୦, ମିଲନ ସାମଲ ୯ ରନ୍ କରିଥିଲେ। ଏଲଆରଏସ କ୍ଲବ କୋଲକାତାର ପ୍ରଭାତ ମୌର୍ଯ୍ୟ ୩ଟି, ବିନୀତ ମୌର୍ଯ୍ୟ ଓ ରୋଶନ ସିଂ ୨ଟି ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ। ଅଭିଜିତ ରାଉତ ଭିଆଇପି ସ୍ଲାଏବ୍ୟାଗ ଇମ୍ପ୍ୟାକ୍ଟ ଏବଂ ପ୍ରଭାତ ମୌର୍ଯ୍ୟଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଦେବବ୍ରତ ଦାସ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ। ପୁରୀର ଭିକ୍ଟୋରିଆ କ୍ଲବ ହୋଟେଲର ଏମଡି ଦେବାଶିଷ କୁମାର ନୀଳାଚଳ ଟ୍ରଫି କମିଟିର ଉପଦେଷ୍ଟା ଆଶିଷ କୁମାର ଶତପଥୀ ତଥା ପାୟୋନିୟର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚତୁର୍ଥ କ୍ୱାର୍ଟରଫାଇନାଲ ଗୁରୁବାର ଦିଲ୍ଲୀର ପାଲମବିହାର କ୍ଲବ୍ ଏବଂ ରାଉରକେଲା ଆରୱାସିସି ମଧ୍ୟରେ ଖେଳାଯିବ।

## ସି.ଏମ୍ ଟ୍ରଫି ଖୋ ଖୋ : ବାଳକରେ କେନ୍ଦ୍ରାପଡା, ବାଳିକାରେ ହରିହରାନନ୍ଦ ବାଳାଶ୍ରମ ଚାମ୍ପିଅନ

କେନ୍ଦ୍ରାପଡା,୨୯।୪(ସବ୍ୟୁ): ୧୪ବର୍ଷ କମ୍ ବାଳକ ଓ ବାଳିକା ବିଭାଗର ସିଏମ୍ ଟ୍ରଫି ପ୍ରଥମ ସଂସ୍କାରଣ ଖୋ ଖୋ ପ୍ରତିଯୋଗିତା ପଟ୍ଟାମୁଣ୍ଡାଇ ସ୍ଥିତ ହରିହରାନନ୍ଦ ଆଶ୍ରମ ସ୍କୁଲ ପଡିଆ ଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଳକ ବିଭାଗରେ କେନ୍ଦ୍ରାପଡା ବ୍ଲକ ଓ ବାଳିକା ବିଭାଗରେ ହରିହରାନନ୍ଦ ବାଳାଶ୍ରମ ଚାମ୍ପିଅନ ହୋଇଛନ୍ତି। ପ୍ରଥମ ସେମିଫାଇନାଲ ମ୍ୟାଚରେ ବାଳକ ବିଭାଗରେ ରାଜକନିକା ଓ କେନ୍ଦ୍ରାପଡା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା ବ୍ଲକ ୧୪-୧୦ ପଏଣ୍ଟରେ ରାଜକନିକାକୁ ହରାଇ ଚାମ୍ପିଅନ ହୋଇଥିଲା। ସେହିପରି ବାଳିକା ବିଭାଗରେ ଫାଇନାଲ ମ୍ୟାଚରେ ନବୋଦୟ ବିଦ୍ୟାଳୟ ଓ ହରିହରାନନ୍ଦ ବାଳାଶ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହରିହରାନନ୍ଦ ବାଳାଶ୍ରମର ବାଳିକାମାନେ ନବୋଦୟ ବିଦ୍ୟାଳୟକୁ ୧୨-୧୧ ପଏଣ୍ଟରେ ହରାଇ ଚାମ୍ପିଅନ ହୋଇଥିଲେ। ଏହି ଉତ୍ସବରେ କ୍ରୀଡା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ଜିଲ୍ଲା କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟ ଦାସ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ଯୁଧିଷ୍ଠିର ଲେଙ୍କା, ବରିଷ୍ଠ ସଭ୍ୟ ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖୋ ଖୋ ପ୍ରତିଯୋଗୀତାକୁ ଶାରୀରିକ ଶିକ୍ଷା ଶିକ୍ଷକ ଅରବୁନ୍ଦ ତରାଇ, ଜ୍ୟୋତିର୍ମୟୀ ଶତପଥି, ଅମ୍ବିକା ମହାନ୍ତି, ମାନସ ରଞ୍ଜନ ସାହୁ, ଶକ୍ତି ସ୍ୱରୂପ ସାହୁ, ମାମୁନି ଦାସ, ଅଶୋକ କୁମାର ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

## ଅଭିଶେକ, ରସେଲଙ୍କୁ ପଛରେ ପକାଇଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ଚଳିତ ଆଇପିଏଲରେ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଗୋଟିଏ ପରେ ଗୋଟିଏ ରେକର୍ଡ ଭାଙ୍ଗିବାରେ ଲାଗିଛନ୍ତି। ରାଜସ୍ଥାନ ରୟାଲ୍ସ ଓପନର ସୂର୍ଯ୍ୟବଂଶୀ ନିଜେ କ୍ରିକେଟିଂ କ୍ୟାରିୟରରେ ଆଉ ଏକ କୀର୍ତ୍ତିମାନ ହାସଲ କରିଛନ୍ତି। ସେ ଗୋଟିଏ ଆଇପିଏଲରେ ଦ୍ରୁତତମ ୪୦୦ ରନ କରିବାରେ ଏହି ରେକର୍ଡ କରିଛନ୍ତି। ଗତ ୨୮ ତାରିଖରେ ପଞ୍ଜାବକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଏହି ରେକର୍ଡ କରିଥିଲେ। ଆଇପିଏଲର ଗୋଟିଏ ରେକର୍ଡ ପରେ ୪୦୦ ରନ୍ କରିବାରେ ସୂର୍ଯ୍ୟବଂଶୀ କେବଳ ୧୬୭ ବଲର ସାମ୍ନା କରିଛନ୍ତି। ସେ ୪୦୦ ରନ୍ ପୂରଣ କରିବା କ୍ଷଣୀ ଆନ୍ଦ୍ରେ ରସେଲ ଓ ଅଭିଶେକ ଶର୍ମା ପଛରେ ପଡିଯାଇଛନ୍ତି। ସବୁଠାରୁ କମ ବଲରେ ୪୦୦ ରନ୍ ପୂରଣ କରିଥିବା ଆଇପିଏଲ ଖେଳାଳିଙ୍କ ତାଲିକାରେ ସୂର୍ଯ୍ୟବଂଶୀ ନଂ. ୧ ସ୍ଥାନ ହାସଲ କରିଛନ୍ତି। ସେ ରାଜସ୍ଥାନ ଇନିଂସର ଚତୁର୍ଥ ଓଭରରେ ଆଉଟ୍ ହୋଇଥିଲେ। ଏହି ସମୟରେ ୨୨୩ ରନର ପିଛା କରୁଥିବା ରାଜସ୍ଥାନର ସ୍କୋର ୫୧ ରନ୍ ଥିଲା। ଶେଷରେ ରାଜସ୍ଥାନ ଏହି ଟାର୍ଗେଟକୁ ୪ଟି ବଲ ପୂର୍ବରୁ ୪ ୱିକେଟ ହାସଲ କରିନେଇଥିଲା।



## କାମ୍ବ୍ଳିଙ୍କ ଜୀବନରେ କଣ ଘଟିଛି, ବିଜ୍ଞାପନରେ ପୂରା କାହାଣୀ



ମୁମ୍ବାଇ,୨୯।୪(ଏଜେନ୍ସି): ପୂର୍ବତନ କ୍ରିକେଟର ବିନୋଦ କାମ୍ବ୍ଳି ଚର୍ଚ୍ଚାରେ ରହିଛନ୍ତି। ସଚିନଙ୍କ ସହ ତାଙ୍କ ଯୋଡି ବେଶ ଜବରଦସ୍ତ ଥିଲା। ଦୁହେଁ ଭଲ ବନ୍ଧୁମଧ୍ୟ । ଏମିତିକି ଅନେକ ସମୟରେ କାମ୍ବ୍ଳି ମଧ୍ୟ ସଚିନଙ୍କ ସହ ତାଙ୍କ ସମ୍ପର୍କ ଭଲ ନଥିଲା କହିଥିଲେ। ନିକଟରେ କାମ୍ବ୍ଳିଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିଲା। ସେ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏବେ ପୁଣି ସେ ସୁସ୍ଥ ହୋଇ ସାଧାରଣ ଜୀବନକୁ ଫେରିଛନ୍ତି। ଅଧୁନା ତାଙ୍କର ଏକ ଭିଡିଓ ଖୁବ ଜୋରରେ ଭାଇରାଲ ହୋଇଛି। ଯେଉଁଥିରେ କହିଛନ୍ତି ଯେ ତାଙ୍କ ଜୀବନରେ ଟିକେ କମ ମିଳିଛି। ତାଙ୍କ ପାଇଁ ଟିକେ ଅଧିକା, ୩ ଗୁଣା ଅଧିକା। ଏହା କହିବା ତାତ୍ପର୍ଯ୍ୟ ନାହିଁ। ଅର୍ଥାତ୍ ଏହା ଏକ ବିଜ୍ଞାପନ ଲାଇନ। ଏହି ଲାଇନଟି ଆଇସିକ୍ରମ୍ ବ୍ରାଣ୍ଡ ଡିନସାଓର ନୂଆ ବିଜ୍ଞାପନର ଟ୍ୟାଗ ଲାଇନ ବିଜ୍ଞାପନରେ ଭାରତୀୟ ପୂର୍ବତନ କ୍ରିକେଟର ବିନୋଦ କାମ୍ବ୍ଳି ନଜର ଆସିଛନ୍ତି। ସେ ଏହି ବିଜ୍ଞାପନ ଜରିଆରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଜ୍ଞାପନରେ ଦେଖାଯାଇଛି ଯେ, ଜୀବନରେ ଯାହାକୁ କମ ମିଳିଛି ସେ ଟିକିଏ ଅଧିକ ପାଇବାକୁ ହକଦାର। ଆଉ ଏହି କଥାକୁ ଆଇସିକ୍ରମ କୋନ ଏକ୍ସ୍ଟ୍ରା ଟପୋଲେଟ୍ ଚିର ସହ ଯୋଡୁଛି। ଏବେ ସୋସିଆଲ ମିଡିଆରେ ଲୋକେ ଏହି ଲାଇନକୁ କାମ୍ବ୍ଳିଙ୍କ ଜୀବନ ସହ ଯୋଡିଛନ୍ତି, ଅନେକ ଏହାକୁ ସମାଲୋଚନା ବି କରିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି